- Vol.- 45, Issue No. 320
- Friday, 20 February 2026
- ଶୁକ୍ରବାର, ୨୦ ଫେବୃଆରୀ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


ବିଧାନସଭାରେ ବିରୋଧୀଙ୍କୁ ଟାର୍ଗେଟ୍ କଲେ ମୁଖ୍ୟମନ୍ତ୍ରୀ

## ଧାଡ଼ିଏ କହି ଖସିଯିବା ନେତା ମୁଁ ନୁହେଁ

ଭୁବନେଶ୍ୱର, ୧୯।୨ : ଚାଷୀ ପ୍ରସଙ୍ଗକୁ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଁ ପଳାୟନ ପନ୍ଥୀ ନୁହଁ, ଘରେ କି ସଚିବାଳୟ ପାହାଚରେ ଧାଡ଼ିକିଆ ଉତ୍ତର ଦେଇ ଖସିଯିବା ରାଜନେତା ନୁହେଁ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ। ସେ ଆହୁରି କହିଛନ୍ତି ଯେ ମୁଁ ଦେଖିବାରେ ବିଗତ ୨୪ ବର୍ଷରେ ଗଣମାଧ୍ୟମ ପାଇଁ କେବେ ପୂର୍ବ ସରକାର ଖୋଲା ମଞ୍ଚରେ ଉତ୍ତର ଦେଇ ନାହାନ୍ତି। ମୁଁ ଖୋଲା ସାମ୍ବାଦିକ



ସମ୍ମିଳନୀରେ ସବୁ ଉତ୍ତର ରଖିଥିଲି। ଏଠି ସରକାର ଉତ୍ତର ଦେବାକୁ ପ୍ରସ୍ତୁତ ହେଲେ ବିରୋଧୀ ଛତ୍ରଭଙ୍ଗ ଦେଉଛନ୍ତି। କଂଗ୍ରେସ ବିଧାୟକଙ୍କ ଗୃହ ତ୍ୟାଗ କରିବା କ୍ଷଣି ତାଙ୍କ ପଛେ ପଛେ ବାହାରକୁ ଚାଲିଯିବା ପାଇଁ ବୋଧେ ବିଜେଡି ମୁଖିଆ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀଙ୍କୁ ନେଇ ବିରୋଧ କଲେ, ହେଲେ ପଳାୟନ ପନ୍ଥୀ ସାଜିଲେ। ଯାହା ପାଇଁ ଲୋକେ ତାଙ୍କୁ ଆଜି ବଙ୍ଗୋପସାଗରରେ ଫୋପାଡ଼ି ଦେଇଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଧାନକିଣାରେ ବିଭ୍ରାଟ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରୁଥିବା ବେଳେ ଯେଉଁମାନେ ଏପରି ସମସ୍ୟା ସୃଷ୍ଟି କରୁଛନ୍ତି ସେମାନଙ୍କୁ ବିଧାନସଭାରୁ କଡ଼ା ଚେତାବନୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ସେ କହିଛନ୍ତି ଯେ ୨୪ ବର୍ଷ ସରକାରରେ ଇକୋ ସିଷ୍ଟମ ଆକ୍ଟିଭ ଅଛି। ଧାନ କିଣାରେ କରୁଛନ୍ତି ବ୍ରିଭାଟ। ସେମାନଙ୍କୁ ମୁଁ ଚେତାବନୀ ଦେଉଛି ସୁଧୁରି ଯାଅ। ଏହା ମୋର ପରାମର୍ଶ ନହେଲେ ଚେତାବନୀ ବୋଲି ଭାବିପାର। ସରକାର ଚାଷୀଙ୍କୁ ନ୍ୟାୟ ଦେବାକୁ ଆକ୍ସନ ମୋଡକୁ ଯିବାକୁ ପଛେଇବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ତୀବ୍ର ସମାଲୋଚନା

# ମାଗଣା ଯୋଜନା ବନ୍ଦକରି ନିଯୁକ୍ତି ସୃଷ୍ଟିକର

ନୂଆଦିଲ୍ଲୀ, ୧୯।୨ : ନିର୍ବାଚନ ପୂର୍ବରୁ ରାଜ୍ୟ ରାଜକୋଷ ଉପରେ ଚାପ ପକାଉଥିବା ଭଳି ମାଗଣା ଯୋଜନା ଘୋଷଣା କରିବା ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତରକୁ ନେଇ ବିଭିନ୍ନ ରାଜ୍ୟର ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି। ସୁପ୍ରିମକୋର୍ଟ ଡିଏମକେ ସରକାର ନେତୃତ୍ୱାଧୀନ ତାମିଲନାଡୁ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ ଲିମିଟେଡର ଏକ ଆବେଦନର ଶୁଣାଣି କରି ଦେଶରେ ନିର୍ବାଚନ ପୂର୍ବରୁ ମାଗଣା ଯୋଜନା ଓ ନଗଦ ହସ୍ତାନ୍ତର କରାଯିବାର ଟ୍ରେଣ୍ଡ ବଢ଼ିବାରେ ଲାଗିଛି ବୋଲି କହିଥିଲେ। ଏହା କୌଣସି ଗୋଟିଏ ରାଜ୍ୟରେ ସୀମିତ ନାହିଁ। ଏହାଦ୍ୱାରା ଦେଶର ଆର୍ଥିକ ବିକାଶରେ ବାଧା ସୃଷ୍ଟି ହେବ ଓ ଲୋକମାନେ କାମ କରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ତାମିଲନାଡୁ ବିଦ୍ୟୁତ୍ ନିଗମ ଆବେଦନର ଶୁଣାଣି କରି କାହିଁକି ଶେଷ



ମୁହୂର୍ତ୍ତରେ ଏକ ମାଗଣା ବିଦ୍ୟୁତ୍ ଯୋଜନା ଘୋଷଣା କରାଯାଇଥିଲା ବୋଲି ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏହି ଯୋଜନା ଫଳରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ଶୁଳ୍କ ଏବଂ ବଜେଟ୍ ହିସାବକୁ ସଜାଡ଼ିବାକୁ ବାଧ୍ୟ ହୋଇଥିଲେ ବୋଲି ସୁପ୍ରିମକୋର୍ଟ କହିଥିଲେ। ଉପଭୋକ୍ତାଙ୍କ ଆର୍ଥିକ ସ୍ଥିତି ଉପରେ ଧ୍ୟାନ ନ ଦେଇ ସମସ୍ତଙ୍କୁ ମାଗଣା ବିଦ୍ୟୁତ ଦେବା ଘୋଷଣାକୁ ନେଇ କୋର୍ଟ ତୀବ୍ର ସମାଲୋଚନା କରିଥିଲେ। ମାଗଣା ସେବା ସଂସ୍କୃତିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି। ଖଣ୍ଡପୀଠ କହିଥିଲେ ଯେ, ଏହା ଅର୍ଥନୈତିକ ବିକାଶରେ ବାଧା ଦିଏ ଏବଂ ଏପରି ନୀତିଗୁଡ଼ିକୁ ପୁନଃବିଚାର କରିବାର ସମୟ ଆସିଛି। ଟିକସଦାତାଙ୍କ ବ୍ୟତୀତ ଅନ୍ୟ କିଏ ଏହି ଯୋଜନାର ବ୍ୟୟଭାର ଉଠାଉଛି କି? ସରକାର ଏସବୁ ମାଗଣା ଯୋଜନା କରିବା ଅପେକ୍ଷା ରୋଜଗାର ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ। ରାଜ୍ୟରେ ବିକାଶ ଉପରେ କମ୍ ଖର୍ଚ୍ଚ କରାଯାଉଛି ବୋଲି ପ୍ରଧାନ ବିଚାରପତି କହିଛନ୍ତି। ସରକାରଙ୍କ ଉପରେ ବହୁ ପରିମାଣର ଋଣ ଥିବା ସତ୍ତ୍ୱେ ଏହା ମାଗଣା ଯୋଜନା ଆଣିବାକୁ ନେଇ ପ୍ରଧାନ ବିଚାରପତି ଚିନ୍ତା ପ୍ରକାଶ କରିଛନ୍ତି। ନଗଦ ଟଙ୍କା ବାଣ୍ଟିବା ଏବଂ ମାଗଣା ସୁବିଧା ପ୍ରଦାନ ନେଇ ଆର୍ଥିକ ବୁଦ୍ଧିମତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଅନେକ ରାଜ୍ୟ ରାଜସ୍ୱ କ୍ଷତିର ସମ୍ମୁଖୀନ ହେଉଛି। କର୍ମଚାରୀଙ୍କ ଦରମା ଓ ମାଗଣା ଯୋଜନାର ବୋଝ ଏତେ ବଢ଼ିଗଲାଣି ଯେ, ରାଜ୍ୟର ବିକାଶ ପାଇଁ ପାଣ୍ଠିର ଅଭାବ ଦେଖାଗଲାଣି। ବର୍ଷକରେ ରାଜସ୍ୱର ୨୫ ପ୍ରତିଶତ ବିକାଶ କାର୍ଯ୍ୟରେ କାହିଁକି ନ ଲଗାଯିବ ବୋଲି କୋର୍ଟ ପ୍ରଶ୍ନ କରିଥଲେ।

## ଭିଜିଲାନ୍ସ ପଞ୍ଝାରେ ସୋର ତହସିଲଦାର
### ୪୦ ହଜାର ଟଙ୍କା ନେବାବେଳେ ଧରାପଡ଼ିଲେ

ସୋର, ୧୯।୨ : ଭିଜିଲାନ୍ସ ପଞ୍ଝାରେ ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକ। ୪୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ମାଡିବସିଛି। ପଥର ଗାଡ଼ି ଛାଡ଼ିବାକୁ ନେଇ ଅଫିସ୍ ଭିତରେ ଏହି ଲାଞ୍ଚ କାରବାର ହେଉଥିଲା। ବାଲେଶ୍ୱର ଜିଲ୍ଲା ସୋର ତହସିଲର ଭାରପ୍ରାପ୍ତ ତହସିଲଦାର ଦୈତାରୀ ମଲ୍ଲିକଙ୍କୁ ଲାଞ୍ଚ ଟଙ୍କା ନେବା ବେଳେ ମାଡ଼ି ବସିଲା



ଭିଜିଲାନ୍ସ। ସୂଚନା ଯୋଗ୍ୟ ଯେ, ଗୁରୁବାର ଦିନ ୩ଟାରେ ସେ ସୋର ଟ୍ରକ୍ ସଂଘର ଜଣେ ବ୍ୟକ୍ତିଙ୍କ ଜରିଆରେ ଲାଞ୍ଚ ଟଙ୍କା ନେବାବେଳେ ମାଡିବସିଲା ଭିଜିଲାନ୍ସ। ସୋର ପୌରପାଳିକା ପଠାଣ ମହଲାର ଖାନ କାଦ୍ରୀଙ୍କ ଦୁଇ ଟ୍ରକ୍ ଓ ତାଙ୍କ ଭିଣୋଇଙ୍କର ତିନି ଟ୍ରକ ଜବତ କରିଥିଲେ ଭାରପ୍ରାପ୍ତ ତହସିଲଦାର। ଜବତ ଟ୍ରକକୁ ଖଣି ବିଭାଗକୁ ନଦେଇ ଥାନାକୁ ହସ୍ତାନ୍ତର କଲେ ସହଜରେ ଟ୍ରକ୍ ଛାଡ଼ ହେବ ପ୍ରଲୋଭନ ଓ ଖଣି ବିଭାଗ ଫାଇନରୁ ବର୍ତ୍ତିବା ପାଇଁ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଦୟାନିଧି ଜେନାଙ୍କ ମାଧ୍ୟମରେ ୪୦ ହଜାର ଟଙ୍କା କଥା ଛିଡ଼ିଥିଲା। ଗୁରୁବାର ୪୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଦୈତାରୀ ମଲ୍ଲିକ ଓ ଦୟାନିଧି ଜେନା ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ ପ୍ରଥମେ ଦୈତାରୀ ମଲ୍ଲିକଙ୍କୁ ଭଡାଘରୁ ଧରିବା ପରେ ଟ୍ରକ୍ ଆସୋସିଏସନ ସଦସ୍ୟ ଦୟାନିଧି ଜେନାଙ୍କୁ ଉତ୍ତରେଶ୍ୱର ଠାରେ ଧରିଥିଲା। ସୋର ତହସିଲରେ ଭାରପ୍ରାପ୍ତ ତହସିଲଦାର ଭାବେ ଦୈତାରୀ ମଲ୍ଲିକ କାର୍ଯ୍ୟ କରୁଥିଲେ।

## ପଳାଶୁଣୀରୁ ରସୁଲଗଡ଼ ମଧ୍ୟରେ ହେବ ସ୍କାଏୱାକ୍

- ୨୦କୋଟି ଟଙ୍କା ବ୍ୟୟବରାଦ
- ଦେଢ଼ ବର୍ଷ ଭିତରେ କାମ ସରିବ
- ୨୫ କୋଟି ଟଙ୍କା ବ୍ୟୟରେ ହେବ ୬ ଲେନ୍



ଭୁବନେଶ୍ୱର, ୧୯।୨ : ଭୁବନେଶ୍ୱରରେ ନିର୍ମାଣ ହେବ ସ୍କାଏୱାକ୍। ପଳାଶୁଣୀରୁ ରସୁଲଗଡ଼ ପାଇଁ ସ୍କାଏୱାକ୍ ନିର୍ମାଣ କରିବା ପାଇଁ ଏନଏଚଏଆଇ ନିଷ୍ପତ୍ତି ନେଇଛି। ଏ ନେଇ ୨୦କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ଦେଢ଼ ବର୍ଷ ଭିତରେ ଏହି କାମ ସରିବ। କେବଳ ଭୁବନେଶ୍ୱର ନୁହେଁ ଖୋର୍ଦ୍ଧା ଓ କଟକର ଜନଗହଳି ଅଞ୍ଚଳରେ ମଧ୍ୟ ନିର୍ମାଣ ହେବ ସ୍କାଏୱାକ୍। ରାସ୍ତାରେ ଚାଲୁଥିବା ପଥଚାରୀ ଏବେ ଓଭରବ୍ରିଜରେ ଚାଲିବେ। କାରଣ ତାଙ୍କ ପାଇଁ ନିର୍ମାଣ ହେବ ସ୍କାଏୱାକ୍। ଭୁବନେଶ୍ୱରର ପଳାଶୁଣୀରୁ ରସୁଲଗଡ଼ ପର୍ଯ୍ୟନ୍ତ ୫ଶହ ମିଟର ଦୂରତାକୁ ନେଇ ଏକ ସ୍କାଏୱାକ୍ ନିର୍ମାଣ କରିବା ପାଇଁ ଏନଏଚଏଆଇ ନିଷ୍ପତ୍ତି ନେଇଛି। ଏ ନେଇ ୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆସନ୍ତା ୩ ମାସ ମଧ୍ୟରେ ପ୍ରସ୍ତୁତ ହେବ ଡିପିଆର ଓ ପରେ ଟେଣ୍ଡର ଡକାଯିବ। ତେବେ ପଳାଶୁଣୀରୁ ରସୁଲଗଡ଼ ଜନଗହଳି ଅଞ୍ଚଳରେ ଥିବାବେଳେ ଅନେକ ପଥଚାରି ରାସ୍ତାକଡ଼ରେ ଯାଉଛନ୍ତି। ତେବେ ପଥଚାରୀଙ୍କ ସୁରକ୍ଷା ପାଇଁ ସ୍କାଏୱାକ୍ ନିର୍ମାଣ ହେବ। ଏହାଛଡ଼ା ପଳାଶୁଣୀରେ ଯାନବାହାନକୁ ନେଇ ଅଧିକ ଗହଳି ହେଉଥିବାରୁ ଏଠାରେ ଆଉ ଏକ ବ୍ରିଜ ନିର୍ମାଣ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ୨୫ କୋଟି ଟଙ୍କା ବ୍ୟୟବରାଦରେ ୪ ଲେନ୍ ରାସ୍ତାକୁ ୬ ଲେନ୍ କରାଯିବ ବୋଲି ଏନଏଚଏଆଇ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଏନଏଚଏଆଇର ଏହି ନିଷ୍ପତିକୁ ସ୍ୱାଗତ କରିଛନ୍ତି ଲୋକେ। ପୂର୍ବରୁ ଏଠାରେ ଥିବା ଫୁଟ୍? ଓଭରବ୍ରିଜକୁ ବହୁଳ ମାତ୍ରରେ ଲୋକେ ବ୍ୟବହାର କରୁଥିବା ବେଳେ ସ୍କାଏୱାକ୍ କିପରି ହେବ ଏହାକୁ ଦେଖିବାକୁ ମଧ୍ୟ ଇଚ୍ଛୁକ ଅଛନ୍ତି ରାଜଧାନୀ ବାସିନ୍ଦା। ପଳାଶୁଣୀରେ ଦିନ ଓ ରାତି ସବୁ ସମୟରେ ଗହଳି ରହୁଛି। ତେବେ ପିକ୍ ସମୟରେ ପଥଚାରୀ ଓ ଗାଡି ଚାଳକ ଏକାଠି ଯାତାୟତ କରୁଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ତେବେ ଓଡ଼ିଶାରେ ପ୍ରଥମ ଥର ପାଇଁ ସ୍କାଏୱାକ୍ ନିର୍ମାଣ ହେବ। ଏହିପରି ବ୍ରିଜ୍ ଦିଲ୍ଲୀ, ନୋଏଡ଼ା ଭଳି ଅଞ୍ଚଳରେ ଥିବାବେଳେ ବର୍ତ୍ତମାନ ଓଡ଼ିଶାରେ ମଧ୍ୟ ସ୍କାଏୱାକ୍ ନିର୍ମାଣ ହେବ। କେବଳ ଭୁବନେଶ୍ୱର ନୁହେଁ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧାରୁ କଟକ ମଙ୍ଗୁଳି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍କାଏୱାକ୍ କରିବା ପାଇଁ ନିଷ୍ପତ୍ତି ନେଇଛି।

ଓଡିଶା ସମେତ ୨୨ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶକୁ

## ଏସ୍ଆଇଆର ପ୍ରସ୍ତୁତି ପାଇଁ ଇସିଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ ୧୯।୨: ନିର୍ବାଚନ କମିଶନ ଗୁରୁବାର ୨୨ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ବିଶେଷ ଗହନ ପୁନରିକ୍ଷଣ (ଏସଆଇଆର) ନିମନ୍ତେ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କାରଣ ଏହି ପ୍ରକ୍ରିୟା ଏପ୍ରିଲ ମାସରୁ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଥରେ ଏହି ପ୍ରକ୍ରିୟା ପୁରା ହୋଇଗଲେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ଏସଆଇଆର ଅଧିନକୁ ଆସିଯିବେ। ବିହାରରେ ଏସଆଇଆର ଶେଷ ହୋଇସାରିଥିବା ବେଳେ ୯ ରାଜ୍ୟ ଓ ୩ କେନ୍ଦ୍ର ଶାସିତ ପ୍ରଦେଶରେ ଏହି ପ୍ରକ୍ରିୟା ଏବେ ଜାରି ରହିଛି। ଏବେ ଯେଉଁସବୁ ରାଜ୍ୟରେ ଏସଆଇଆର ହେବ ସେଥିରେ ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ଅରଣାଚଳ ପ୍ରଦେଶ, ଚଣ୍ଡିଗଡ଼, ଦାଦରା ଓ ନଗର ହାଭେଲୀ, ଡାମନ ଓ ଡ୍ୟୁ,



ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ-କାଶ୍ମୀର, ଝାଡ଼ଖଣ୍ଡ, କର୍ଣ୍ଣାଟକ, ଲଦାଖ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ ଦିଲ୍ଲୀ, ପଞ୍ଜାବ, ସିକ୍କିମ, ତ୍ରିପୁରା, ତେଲେଙ୍ଗାନା ଓ ଉତ୍ତରାଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଏ ବାବଦେ ପତ୍ର ଲେଖିଛନ୍ତି। ନିର୍ବାଚନ ପ୍ରାଧିକରଣ ପତ୍ରରେ କହିଛନ୍ତି ଯେ ଭୋଟର ଲିଷ୍ଟର ଅଖିଳ ଭାରତୀୟ ଏସଆଇଆର ଆଦେଶ ଗତବର୍ଷ ଜୁନରେ ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟଯେ ଫେବୃଆରୀ ୧୩ ତାରିଖ ଦିନ ଉତ୍ତରପ୍ରଦେଶରେ ଭୋଟରଲିଷ୍ଟ ପୁନରୀକ୍ଷଣ ଫର୍ମ ୭ର କଥିତ ଦୁରୁପଯୋଗକୁ ନେଇ ଏକ ମାମଲାର ଶୁଣାଣି ଗୁରୁବାର ସୁପ୍ରିମକୋର୍ଟରେ ହୋଇଛି। ଜନୈକ ଓକିଲ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ)ଙ୍କ ନିକଟରେ କିଛି ଲୋକେ ଫର୍ମ ୭ରୁ ଭୁଲ ଉପଯୋଗ କରି ଲୋକଙ୍କ ନାମ ଭୋଟର ଲିଷ୍ଟରୁ କଟାଇଥିବା ଅଭିଯୋଗ କରିଛନ୍ତି। ଏମିତିରେ ଫର୍ମ ୭ ଭୋଟର ଲିଷ୍ଟରେ ନାମ ଚଢାଇବାକୁ ଅଥବା ବଦଳାଇବାକୁ ଉପଯୋଗ କରାଯାଏ। ହେଲେ ଓକିଲ ଦାବି କରିଛନ୍ତି ଯେ ଏହି ନିୟମର ଭୁଲ ଉପଯୋଗ କରି ଅନେକ ଲୋକଙ୍କ ନାମ ଭୋଟର ଲିଷ୍ଟରୁ ହଟାଇ ଦିଆଯାଇଛି।

## ୩୧ ନୂଆ ଜିଲ୍ଲା ପାଇଁ ଆସିଛି ପ୍ରସ୍ତାବ: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୧୯।୨ : ରାଜ୍ୟରେ ଆଉ ୩୧ଟି ନୂଆ ଜିଲ୍ଲା ପାଇଁ ସରକାରଙ୍କ ନିକଟକୁ ପ୍ରସ୍ତାବ ଦିଆଯାଇଛି। ଏନେଇ ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ବିଧାନସଭାରେ ବିଧାୟକ ବିଜୟ ଦଳବେହେରାଙ୍କ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ରଖି ବଡ଼ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ୩୧ଟି ନୂତନ ଜିଲ୍ଲା ଗଠନ କରିବା ନିମନ୍ତେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବିଭାଗକୁ ପ୍ରାପ୍ତ ହୋଇଛି। ତେବେ ଏଥିନେଇ ପ୍ରଚଳିତ ନୀତି ନିୟମ ଅନୁଯାୟୀ ସରକାର ଉପଯୁକ୍ତ ସମୟରେ ବିଚାର କରିବେ ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି। ସୂଚନା ଅନୁସାରେ ନୂତନ ଜିଲ୍ଲା ପାଇଁ ଦାବି ହେଉଥିବା ସ୍ଥାନ ଗୁଡ଼ିକ ହେଲା ; ପଦମପୁର, ଧର୍ମଗଡ଼, ପଶ୍ଚିମ ମୟୁରଭଞ୍ଜ, ରାଇରଙ୍ଗପୁର, ଖ୍ରିଂ, କରଞ୍ଜିଆ, ବଣାଇ, ରାଉରକେଲା, ବେଦବ୍ୟାସ, ଟିଟିଲାଗଡ, କଣ୍ଟାବାଞ୍ଜି, ପାଟଣାଗଡ଼, ତାଳଚେର, ପାଲଲହଡା, ଭୁବନେଶ୍ୱର, ଘୁମୁସର, ଋଷିକୂଲ୍ୟା, ବ୍ରହ୍ମପୁର, ଭଞ୍ଜନଗର, କବିସୂର୍ଯ୍ୟନଗର, ଚଣ୍ଡିଖୋଲ, ଆଠଗଡ଼, କୁଚିଣ୍ଡା, ବାଲିଗୁଡା, ଆନନ୍ଦପୁର, ନୀଳଗିରି, ସୋର, ଜଳେଶ୍ୱର, ନିମାପଡା, ଗୁଣୁପୁର ଓ ଜୟପୁର। ବଡମ୍ବା ବିଧାୟକ ବିଜୟ ଦଳବେହେରା ଗୃହରେ ଲିଖିତ ଆକାରରେ ପ୍ରସ୍ତାବିତ ନୂଆ ଜିଲ୍ଲା ସମ୍ପର୍କରେ ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ରାଜ୍ୟରେ କେଉଁକେଉଁ ଜିଲ୍ଲାର କେଉଁକେଉଁ ଅଞ୍ଚଳକୁ ନୂତନ ଜିଲ୍ଲାପାଇଁ ପ୍ରସ୍ତାବ ଦିଅ ଯାଇଛି ଓ ସରକାର ଏଥିନେଇ ସରକାରଙ୍କ ପ୍ରସ୍ତୁତି ଏବଂ ଘୋଷଣା ସମ୍ପର୍କରେ ପ୍ରଶ୍ନ କରିଥିଲେ ଶ୍ରୀ ଦଳବେହେରା।

## ବ୍ରିଟେନ୍‌ର ପୂର୍ବତନ ଯୁବରାଜ ଆଣ୍ଡ୍ରୁ ଗିରଫ

ଲଣ୍ଡନ, ୧୯।୨ : ବ୍ରିଟେନର ରାଜପରିବାରକୁ ଏକ ବଡ଼ ଝଟକା ଲାଗିଛି। ରାଜା ଚାର୍ଲ୍ସ ତୃତୀୟଙ୍କ ସାନ ଭାଇ ତଥା ବ୍ରିଟେନ୍‌ର ପୂର୍ବତନ ଯୁବରାଜ ଆଣ୍ଡ୍ରୁ ମାଉଣ୍ଟବେଟନ-ୱିଣ୍ଡସରଙ୍କୁ ପୁଲିସ୍ ଗିରଫ କରିଛି। ଜେଫ୍ରି ଏପଷ୍ଟିନ୍ ଲିଙ୍କ୍‌ରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ବ୍ରିଟେନ୍‌ର କୌଣସି ଯୁବରାଜ ଗିରଫ ହେବା ଏହା ହେଉଛି ପ୍ରଥମ ଘଟଣା। ତାଙ୍କ ନାଁରେ ପବ୍ଲିକ୍ ଅଫିସ୍‌ର ଅପବ୍ୟବହାର କରିବା ନେଇ ଅଭିଯୋଗ ରହିଛି। ଏପଷ୍ଟିନ୍‌ଙ୍କୁ



ବାଣିଜ୍ୟ ଚୁକ୍ତି ସମ୍ପର୍କିତ ଗୁପ୍ତ ତଥ୍ୟ ଦେଇଥିବା ଅଭିଯୋଗ ରହିଥିଲା। କୁଖ୍ୟାତ ଯୌନ ଅପରାଧୀ ଏପଷ୍ଟିନ୍‌ଙ୍କ ସହ ସମ୍ପର୍କ ପାଇଁ ତାଙ୍କୁ ରାଜା ଚାର୍ଲ୍ସ ତୃତୀୟ ଦାୟିତ୍ୱରୁ ହଟାଇ ଦେଇଥିଲେ। ଏପଷ୍ଟାଇନଙ୍କ ସହ ସମ୍ପର୍କକୁ ନେଇ ଆଣ୍ଡ୍ରୁ ବହୁଦିନ ଧରି ବିବାଦରେ ଫସି ରହିଛନ୍ତି। ଗତବର୍ଷ ରାଜା ଚାର୍ଲ୍ସ ତାଙ୍କଠାରୁ ସମସ୍ତ ରାଜକୀୟ ପଦବୀ ଏବଂ ସମ୍ମାନ ଛଡ଼ାଇ ନେଇଥିଲେ ଏବଂ ୱିଣ୍ଡସର ଇଷ୍ଟେଟରେ ଥିବା ରାଜକୀୟ ବଙ୍ଗଳାରୁ ତାଙ୍କୁ ବାହାର କରିବାକୁ ନିଷ୍ପତ୍ତି ନେଇଥିଲେ।

# ଓଡ଼ିଶାର ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ଆକଳନ

ଭୁବନେଶ୍ୱର, ୧୯।୨: ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ଅର୍ଥନୀତିର ଆକାର ଗତ ଆର୍ଥିକ ବର୍ଷ ଠାରୁ ୯.୫ ପ୍ରତିଶତ ବୃଦ୍ଧି ପାଇ ୯.୯ଲକ୍ଷ କୋଟି ହେବ ବୋଲି ଗୁରୁବାର ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୦୨୫-୨୬ରେ ବାସ୍ତବ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିବା ନେଇ ଆକଳନ କରାଯାଇଥିବା ବେଳେ ଏହା ଗତବର୍ଷ ଠାରୁ ୭.୨ ପ୍ରତିଶତ ଅଧିକ ବୋଲି କୁହାଯାଇଛି। ରାଜ୍ୟରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି ପାଇଥିବାରୁ ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଦ୍ରୁତ ଆର୍ଥିକ ବୃଦ୍ଧି ହେବ ପାଇଁ ପ୍ରସ୍ତୁତ ରହିଛି। ୨୦୨୫-୨୬ର ଅଗ୍ରୀମ ଆକଳନ ଅନୁଯାୟୀ ଓଡ଼ିଶାର ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ୧,୮୬,୭୬୧ ଟଙ୍କାରେ ପହଞ୍ଚିଥିବା ବେଳେ ସର୍ବଭାରତୀୟ ମୁଣ୍ଡପିଛା ଆୟ ୬.୯ ପ୍ରତିଶତ ବୃଦ୍ଧି ପାଇଛି। ଶ୍ରମ ଶକ୍ତି ଓ ମହିଳା ଭାଗିଦାରୀ ବୃଦ୍ଧି ପାଇଛି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୨୫-୨୬ରେ ଅର୍ଥ ବ୍ୟବସ୍ଥାରେ ୧୯.୬ ପ୍ରତିଶତ ଆକଳନ କରାଯାଇଥିବା ବେଳେ ଏହା ସର୍ବଭାରତୀୟ ସ୍ତରରେ ଥିବା ୧୬.୮ ପ୍ରତିଶତ ଠାରୁ ଅଧିକ ବୋଲି କୁହାଯାଇଛି। ଖାଦ୍ୟଶସ୍ୟ ଉତ୍ପାଦନରେ ୨୪-୨୫ରେ ସର୍ବାଧିକ ୧୫୦.୫ ଲକ୍ଷ ମେଟ୍ରିକ ଟନ୍ କରି ରେକର୍ଡ କରିଛି। ରାଜ୍ୟରେ ବୃଦ୍ଧି ପାଇଥିବା ଚାଉଳ ଉତ୍ପାଦନକୁ ସମୃଦ୍ଧ କୃଷକ ଯୋଜନା, ସିଏମ୍- କିଷାନ୍, ଅଧିକ ଏମ୍ଏସ୍‌ପି ଓ ଇନ୍‌ପୁଟ ସବ୍‌ସିଡି ଭଳି ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରାଯାଇଛି। କପା, ମକା, ପନିପରିବା, ମସଲା ଆଦି ଅର୍ଥକାରୀ ଫସଲ ବି ବୃଦ୍ଧି ପାଇଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ୨୦୨୪-୨୫ରେ ପ୍ରାୟ ୨୦ ଲକ୍ଷ ଚାଷୀଙ୍କ ଠାରୁ ୯୨.୬ ଲକ୍ଷ ମେଟ୍ରିକ ଟନ୍ ଧାନ କ୍ରୟ କରାଯାଇଥିବା ବେଳେ ଚାଷୀଙ୍କୁ ଏମ୍ଏସ୍‌ପି ବାବଦରେ ୨୧,୩୦୦ କୋଟି ଓ ଇନ୍‌ପୁଟ ସବ୍‌ସିଡି ବାବଦରେ ୭୧୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେଭଳି କୁଇଣ୍ଟାଲ ପିଛା ୪,୨୯୦ ଟଙ୍କାର ଏମ୍ଏସ୍‌ପି ଦରରେ ସରକାର ଚାଷୀଙ୍କ ଠାରୁ ମାଣ୍ଡିଆ କ୍ରୟ କରିଛନ୍ତି। ଜଳସେଚନ କ୍ଷେତ୍ରରେ ଯଥେଷ୍ଟ ପୁଞ୍ଜି ବିନିଯୋଗ



କରିଥିବା ବେଳେ ଏହାର କ୍ଷମତା ୭୪.୨ ଲକ୍ଷ ହେକ୍ଟର ଜମିରେ ପହଞ୍ଚିଛି। ଦୁଗ୍ଧ ଓ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ବି ରାଜ୍ୟ ଅଗ୍ରଗତି କରିଛି। ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଯୋଗଦାନ ୪୧.୩ ପ୍ରତିଶତ ରହିଥିବା ବେଳେ ଏହାର ମୂଲ୍ୟ ପ୍ରାୟ ୩.୬ଲକ୍ଷ କୋଟି ରହିଛି। ୨୦୨୫ରେ ୨୪୪ଟି ନୂଆ ପ୍ରକଳ୍ପକୁ ସରକାର ମଞ୍ଜୁର କରିଥିବା ବେଳେ ଏଥିରେ ୫.୬୬ ଲକ୍ଷ କୋଟିର ପୁଞ୍ଜିନିବେଶ ସହ ୩.୩୫ ଲକ୍ଷ ଲୋକଙ୍କୁ ନିଯୁକ୍ତି ପାଇବା ନେଇ ଆକଳନ କରାଯାଇଥିଲା। ଚଳିତ ବର୍ଷ ୮୦ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବାବେଳେ ୧.୭୫ ଲକ୍ଷ କୋଟିର ପୁଞ୍ଜିନିବେଶ ସହ ୧.୪ ଲକ୍ଷ ନିଯୁକ୍ତି ସୃଷ୍ଟି କରିଥିଲା। ସବୁଜ ଶକ୍ତି ଓ ଏରୋସ୍ପେସ୍ ଭଳି କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ସହ ଅନ୍ୟାନ୍ୟ କ୍ଷେତ୍ର ପାଇଁ ଭିତ୍ତିଭୂମି ପ୍ରସ୍ତୁତ ଜାରି ରହିଛି। ୨୦୨୫-୨୬ ବର୍ଷର ସେବା କ୍ଷେତ୍ରରେ ୯.୩ ପ୍ରତିଶତ ଅଭିବୃଦ୍ଧି ନେଇ ଆକଳନ କରାଯାଇଛି। ଦେଶର ପ୍ରମୁଖ ରାଜ୍ୟମାନଙ୍କ ମଧ୍ୟରେ ଜିଏସ୍‌ଡିପି ଅନୁପାତରୁ ସର୍ବାଧିକ ପୁଞ୍ଜି ବ୍ୟୟବରାଦ ପାଇଁ ଓଡ଼ିଶା ସରକାର ବଜେଟ୍ ପ୍ରସ୍ତୁତ କରୁଛି। ରାଜ୍ୟରେ ବନ୍ଦର, ରେଳବାଇ ଓ ବିମାନ ସଂଯୋଗ କ୍ଷେତ୍ରରେ ବି ପୁଞ୍ଜି ବିନିଯୋଗ ସହ ଅଗ୍ରଗତି ଘଟିଥିବା ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ପାଇଁ ଏବାବଦ ବ୍ୟୟ ପରିମାଣ ବୃଦ୍ଧି ପାଇବା ସହ ୨୦୨୪-୨୫ ସଂଶୋଧିତ ଆକଳନରେ ୧୯.୭ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ରୋଗୀଙ୍କୁ ନଗଦବିହୀନ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇ ଆର୍ଥିକ ସୁରକ୍ଷାକୁ ବୃଦ୍ଧି କରାଯାଇଛି। ଶିକ୍ଷା କ୍ଷେତ୍ରର ବଜେଟ୍‌କୁ ୨୦୨୩-୨୪ରେ ୨୨,୫୨୭କୋଟିରୁ ୨୫-୨୬ରେ ୩୧,୧୮୫ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ଏହା ୩୮.୪ ପ୍ରତିଶତ ଅଭିବୃଦ୍ଧି ଘଟିଛି। ବିଦ୍ୟାଳୟ ଗୁଡ଼ିକରେ ଭିତ୍ତିଭୂମିର ବିକାଶ କମ୍ପ୍ୟୁଟର ଶିକ୍ଷା, ଶିକ୍ଷକ ନିଯୁକ୍ତି, ପିଟିଆର ଆଦି ବୃଦ୍ଧି ପାଇଛି। ମହିଳା ସଶକ୍ତିକରଣ କ୍ଷେତ୍ରରେ ସୁଭଦ୍ରା ଓ ଲକ୍ଷପତି ଦିଦି ଭଳି ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ସେଭଳି ସାମାଜିକ ସମାନତା ଓ କ୍ରୀଡ଼ା କ୍ଷେତ୍ରରେ ବି ବ୍ୟାପକ ପୁଞ୍ଜିନିବେଶ କରାଯାଇଥିବା ଏହି ରିପୋର୍ଟରେ ଦର୍ଶାଯାଇଛି।

# ସେ ତ ଭକତ ଭାବରେ ବନ୍ଧା...

"ମଣିଷ ପାଖରେ ଯେତେବେଳେ ସମସ୍ତ ବିକଳ୍ପ ସରିଯାଏ ସେତେବେଳେ ସବୁ ଆଶା ବିଶ୍ୱାସ ଗୋଟେ ଜାଗାରେ ଯାଇକି ରହେ ସେ ହେଉଛନ୍ତି କାଳିଆ ଠାକୁର ଶ୍ରୀଜଗନ୍ନାଥ ।





ଯାହାଙ୍କୁ ଦର୍ଶନ କରିବାକୁ ଭକ୍ତ ବ୍ୟାକୁଳ ହେଇକି ମନ୍ଦିର ଯାଏଁ କିନ୍ତୁ ତାଙ୍କୁ ଚାହିଁଦେବା ବେଳକୁ ଏମିତି ଲାଗେ ଯେମିତି ସେ ତମକୁ ଅପେକ୍ଷା କରିକି ରହିଥିଲେ । ମଣିଷ ପାଖରେ ଯେତେବେଳେ ସମସ୍ତ ବିକଳ୍ପ ସରିଯାଏ ସେତେବେଳେ ସବୁ ଆଶା ବିଶ୍ୱାସ ଗୋଟେ ଜାଗାରେ ଯାଇକି ରହେ ସେ ହେଉଛନ୍ତି କାଳିଆ ଠାକୁର ଶ୍ରୀଜଗନ୍ନାଥ । ଯାହାଙ୍କୁ ମାଗିବାକୁ ଜଣେ ବହୁତ ଭାବିଚିନ୍ତି ଦର୍ଶନ କରିବାକୁ ମନ୍ଦିର ଭିତରକୁ ଯାଏ। କିନ୍ତୁ ତାଙ୍କୁ ଅନେଇ ଦେଲେ ସବୁ କିଛି ଭୁଲି ଯାଏ । ଯେମିତି ସେ ସବୁ ଠିକ୍ କରିଦେଇଛନ୍ତି। ମଣିଷର ଭାବନା ବୁଝିପାରନ୍ତି ସେଇଥି ପାଇଁ ତ ପ୍ରତିଦିନ ଏତେ ଗହଳି ହୁଏ ଟିକେ ଦେଖିବାକୁ । ତାଙ୍କୁ ଅନେଇଦେଲେ ଯେ କେହି ଲୋକର ଆଖିରେ ଲୁହ ଆସିଯାଏ। ଯେଉମାନେ ସମର୍ପଣ ଭାବନା ନେଇକି ଯାଇଛନ୍ତି ସେ କେବେ ଖାଲି ହାତରେ ଆସି ନାହାନ୍ତି । କିଛିବର୍ଷ ତଳେ ଦିନେ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯିବା ସମୟରେ ତାଙ୍କ ମହିମା ଦେଖିଛି । ସବୁବେଳେ ତାଙ୍କ ପ୍ରତି ଅଭିଯୋଗ ଥିଲା ଭଗବାନ ଏହି ଲେଖକର କଥା ଶୁଣୁ ନାହାନ୍ତି । ତାଙ୍କ ମହିମା ବିଷୟରେ ସମସ୍ତେ ଜାଣନ୍ତି । କିନ୍ତୁ ସେଇଦିନ ଏହି ଲେଖକ ଅନୁଭବ କରିଛି । ପୁରୀ ଯିବା ପାଇଁ ଦିନେ ସୌଭାଗ୍ୟ ମିଳିଲା । କିନ୍ତୁ ମନରେ ମହାପ୍ରଭୁଙ୍କ ପ୍ରତି ଅଭିମାନ ଥିଲା ଭଗବାନ ଡାକ ଶୁଣୁ ନାହାନ୍ତି । ମନରେ ଥିବା ଏହି ଭାବନା ଯେମିତି ସେ ଜାଣିପାରିଲେ । ମନ୍ଦିର ଭିତରକୁ ଯାଇ ଯେତେବେଳେ ବେଢ଼ା ପରିକ୍ରମା କରି ସାରି ମନ୍ଦିର ଭିତରକୁ ଏହି ଲେଖକ ଗଲା, ମନରେ ଥାଏ ଢେର୍ ସାରା ଅଭିମାନ । ଦର୍ଶନ ସାରି ଯେତେବେଳେ ବାହାରକୁ ଆସିଲେ ଏହି ଲେଖକ। ଜଣେ ଆସିକି ମହାପ୍ରଭୁଙ୍କ ଏକ ଫଟୋଚିତ୍ର ଆଣିକି ଦେଲେ । ଦର କେତେ ବୋଲି ପଚାରିଲି ? ତାଙ୍କ ଉତ୍ତର ଅବାକ୍ କରିଥିଲା ସେ ଉତ୍ତର ଦେଲ- ଆପଣ ରଖନ୍ତୁ ଦର ମୁଁ ପାଇଯିବି। ଯେତେ ଅନୁରୋଧ କଲେ ମଧ ସେ କୌଣସି ମୂଲ୍ୟ ନେବାକୁ ପ୍ରସ୍ତୁତ ହେଲେନାହିଁ । ସେ ଯେତେ ଶୀଘ୍ର ଆସିଥିଲେ ସେତେ ଶୀଘ୍ର ସେଠାରୁ ଚାଲି ଗଲେ । ସେହି ଫଟୋ ଚିତ୍ର ନେଇକି ଘରକୁ ଆସିଲି । ଏହା କିଛି ଦିନ ପରେ ନିଜେ ଅନୁଭବ କଲି ଯେମିତି ପୂର୍ବ ଅବସ୍ଥାର ପରିବର୍ତ୍ତନ ହୋଇଛି । ସମୟ ଯେତେ ବିତିଲା ପରିବର୍ତ୍ତନ ଆଶ୍ଚର୍ଯ୍ୟ ଭାବରେ ଘଟିଲା । ପୂର୍ବ ଅବସ୍ଥା ଯେମିତି ଅତୀତରେ ପରିବର୍ତ୍ତନ ହୋଇଗଲା । ତାଙ୍କ କରୁଣା କଥା ଯେତେ ବଖାଣିଲେ କମ୍ ହେବ । ଏମିତି ଜଣେ ଭଗବାନ ଯାହାଙ୍କ ପାଖକୁ ଜଣେ ଭକ୍ତ ଯାଏ ଅଭିଯୋଗ କରିବାକୁ ଆଉ ଅଭିମାନ କରିବାକୁ । ବିଶ୍ୱର କୋଣ-ଅନୁକୋଣରୁ ଲୋକଙ୍କ ଛୁଅ ଛୁଟି ଆସେ ଟିକେ ତାଙ୍କୁ ଦେଖିବାକୁ । ତାଙ୍କ ଦର୍ଶନ କରିଦେଲେ ଗୋଟେ ପାପୀର ପାପ କ୍ଷୟ ହୁଏ ଆଉ ଜଣେ ଦୁଃଖୀ ନୂଆ ଆଶାର କିରଣ ପାଏ । ପ୍ରତି ଲୋକର ଭାବନା ସହିତ ଜଡ଼ିତ ଠାକୁର ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁ । ସେଇଥି ପାଇଁ ତ ନିଜେ ବାହାରକୁ ବାହାରି ଆସନ୍ତି ବର୍ଷକୁ ଥରେ ରଥଯାତ୍ରା ସମୟରେ । ନିଜ ଭକ୍ତକୁ ଦେଖିବାକୁ ନିଜ ଭକ୍ତର ଭାବନାକୁ ବୁଝିବାକୁ । ପହଣ୍ଡି ସମୟର ଦୃଶ୍ୟ ଆଖି ଝଲସି ଦେଲା ପରି । ଏମିତି ଜଣେ ଠାକୁର ଯିଏ ଭକ୍ତର ଦୁଃଖ ସୁଖ ଦେଖିବାକୁ ବାହାରି ଆସନ୍ତି । ସତରେ କହିବାକୁ ଗଲେ 'ତମେ ଯାହାର ନାଥ ସେ କେବେ ବି ରହି ପାରିବେନି ଅନାଥ'।

ତାଙ୍କ ଦର୍ଶନ କରିଦେଲେ ଗୋଟେ ପାପୀର ପାପ କ୍ଷୟ ହୁଏ ଆଉ ଜଣେ ଦୁଃଖୀ ନୂଆ ଆଶାର କିରଣ ପାଏ । ପ୍ରତି ଲୋକର ଭାବନା ସହିତ ଜଡ଼ିତ ଠାକୁର ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁ । ସେଇଥି ପାଇଁ ତ ନିଜେ ବାହାରକୁ ବାହାରି ଆସନ୍ତି ବର୍ଷକୁ ଥରେ ରଥଯାତ୍ରା ସମୟରେ

# ବାରମ୍ବାର ତୁଳସୀ ଗଛ ଶୁଖିଯାଉଛି କି ?



**ତୁଳସୀ ତୁଳସୀ କିମ୍ବା ବୃନ୍ଦା (ପବିତ୍ର ତୁଳସୀ) ହିନ୍ଦୁ ପରମ୍ପରାରେ ଏକ ପବିତ୍ର ଗଛ। ହିନ୍ଦୁମାନେ ଏହାକୁ ଦେବୀ ତୁଳସୀଙ୍କ ପାର୍ଥିବ ପ୍ରକାଶ ଭାବରେ ମାନନ୍ତି; ତାଙ୍କୁ ଲକ୍ଷ୍ମୀଙ୍କ ଅବତାର ଭାବରେ ବିବେଚନା କରାଯାଏ, ଏବଂ ତେଣୁ ଭଗବାନ ବିଷ୍ଣୁଙ୍କ ପତ୍ନୀ ଭାବରେ ବିବେଚନା କରାଯାଏ। ଅନ୍ୟ ଏକ ପୁନରାବୃତ୍ତିରେ, ବୃନ୍ଦା ଭାବରେ, ସେ ଜଳନ୍ଧରଙ୍କ ସହିତ ବିବାହିତ। ବିଷ୍ଣୁ ଏବଂ ତାଙ୍କ ଅବତାର, ଯେପରିକି କୃଷ୍ଣ ଏବଂ ବିଠୋବାଙ୍କ ପୂଜାରେ ଏହାର ପତ୍ର ଅର୍ପଣ କରିବାକୁ ପରାମର୍ଶ ଦିଆଯାଇଛି। ପାରମ୍ପରିକ ଭାବରେ, ହିନ୍ଦୁ ଘରର କେନ୍ଦ୍ରୀୟ ପ୍ରାଙ୍ଗଣର ମଧ୍ୟଭାଗରେ ତୁଳସୀ ଲଗାଯାଏ। ଏହି ଗଛ ଧାର୍ମିକ ଉଦ୍ଦେଶ୍ୟରେ ଏବଂ ଏହାର ଆବଶ୍ୟକୀୟ ତେଲ ପାଇଁ ଚାଷ କରାଯାଏ।**

ଘରେ କିଛି ଗଛ ରଖିବା ଦ୍ୱାରା ଅନେକ ସକରାତ୍ମକ ପ୍ରଭାବ ପଡିଥାଏ । ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ କିଛି ଗଛ ରହିବା ଦ୍ୱାରା ଅନେକ ଘରୋଇ ସମସ୍ୟା ଦୂର ହୋଇପାରେ । ସେହି ସବୁ ଗଛ ମଧ୍ୟରୁ ତୁଳସୀ ଗଛ ଅନ୍ୟତମ । ତୁଳସୀ ଗଛ ସମସ୍ତଙ୍କ ଦୁଆରେ ଦେଖିବାକୁ ମିଳିଥାଏ । ତୁଳସୀକୁ ପୂଜା କରିବା ଦ୍ୱାରା ଅନେକ ବିପଦ ଟଳିଯାଇଥାଏ ବୋଲି ବିଶ୍ୱାସ କରାଯାଏ । ଅନେକ ଗଛ ବେଳେ ବେଳେ ଶୁଖିଯାଇଥାଏ । କିନ୍ତୁ ତୁଳସୀ ଗଛ ଶୁଖିଯିବାକୁ ଅଶୁଭର ସଙ୍କେତ ବୋଲି ମାନାଯାଇଥାଏ । ତୁଳସୀକୁ ସବୁବେଳେ ସକରାତ୍ମକତାର ପ୍ରତୀକ ବୋଲି କୁହାଯାଏ । ତେଣୁ ଶିଖିଲା ତୁଳସୀ କ'ଣ ସୂଚାଏ ଏବଂ ସମାଧାନ ପାଇଁ କେଉଁ ପଦକ୍ଷେପ ନିଆଯିବା ଉଚିତ୍ ସେ ସମ୍ପର୍କରେ ଆମେ ଆପଣଙ୍କୁ କହିବୁ ।

## ତୁଳସୀ ଗଛ ଶୁଖିବାର କାରଣ :

ବାସ୍ତୁଶାସ୍ତ୍ର ଅନୁସାରେ ତୁଳସୀ ଗଛ ଯଦି ଶୁଖିଯାଏ ତେବେ ଏହା ଉପରେ କାହାର ଖରାପ ନଜର ପଡିଥାଏ ବୋଲି ଏହା ସୂଚାଇ ଦେଇଥାଏ । ଶୁଖିଲା ତୁଳସୀ ଘରେ ନକରାତ୍ମକତା ପ୍ରବେଶର ଏକ ପ୍ରମାଣ । ଏହା ପିତୃ ଦୋଷକୁ ମଧ୍ୟ ସୂଚାଇଥାଏ । ଯଦି ସମୟ ମଧ୍ୟରୁ ଘରୁ ଶୁଖିଲା ତୁଳସୀ ଗଛ ବାହାର କରି ନ ଦିଆଯାଏ ତେବେ ଘରେ ନକରାତ୍ମକତା ଶକ୍ତି ବୃଦ୍ଧି ପାଇଥାଏ । ଶାସ୍ତ୍ର ଅନୁସାରେ ତୁଳସୀ ଗଛ ଫୋପାଡ଼ି ଦେବା ମଧ୍ୟ ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଶୁଖିଲା ତୁଳସୀ କାଠିକୁ ନେଇ କପା ଭିତରେ ଗୁଡାଇ ରଖନ୍ତୁ । ଏହା ପରେ ଘିଅ କିମ୍ବା ସୋରିଷ ତେଲ ଢାଳି ପୂଜା ଘରେ ଜଳାଇ ଦିଅନ୍ତୁ । ଯାହା ଘରେ ସକରାତ୍ମକତା ଆଣିଥାଏ ବୋଲି ବିଶ୍ୱାସ କରାଯାଏ ।

## କିପରି ନେବେ ପଦକ୍ଷେପ :

ଯଦି ଆପଣଙ୍କ ଘରେ ଥିବା ତୁଳସୀ ଗଛ ବାରମ୍ବାର ଶୁଖି ଯାଉଛି ତେବେ ଭୟଭୀତ ହେବାର କାରଣ ନାହିଁ । ପ୍ରଥମେ ତୁଳସୀ ଗଛ ସଠିକ୍ ଦିଗରେ ଲାଗିଛି ନା ନାହିଁ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ଶାସ୍ତ୍ର ଅନୁସାରେ ତୁଳସୀ ଗଛ ସଠିକ୍ ଦିଗରେ ରହିବା ଜରୁରୀ । ଯାହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତୁଳସୀ ଗଛ ସବୁବେଳେ ଉତ୍ତ-ପୂର୍ବ କୋଣରେ ରହିବା ଉଚିତ୍ । ଯାହା ଫଳପ୍ରଦ ବୋଲି ବିବେଚନା କରାଯାଏ । ଯଦି ଏହି ଗଛ ଭୁଲବଶତଃ ଦକ୍ଷିଣରେ ଲଗାଯାଏ ତେବେ ଶୁଖିଯିବା ନିଶ୍ଚିତ ।

# ଜୀବନ ଦର୍ଶନ

**କର୍ମଯୋଗୀ କର୍ମ ଦ୍ୱାରା ଜଡତା ଯୋଗ କରନ୍ତି ଅର୍ଥାତ୍ ସେବାଦ୍ୱାରା ତାଙ୍କର ସମସ୍ତ କ୍ରିୟା ସଂସାର ନିକଟରେ ଅର୍ପିତ ହୋଇଯାଏ । ସେ ସ୍ୱୟଂ ଅସଙ୍ଗ ହୋଇ ଯାଆନ୍ତି। ଜ୍ଞାନଯୋଗୀ ବିଚାର ଦ୍ୱାରା ଜଡତା ତ୍ୟାଗ କରନ୍ତି ଅର୍ଥାତ୍ ବିଚାର ଦ୍ୱାରା ତାଙ୍କର ସମସ୍ତ କ୍ରିୟା ପ୍ରକୃତି ନିକଟରେ ଅର୍ପିତ ହୋଇଯାଏ ଏବଂ ସେ ସ୍ୱୟଂ ଅସଙ୍ଗ ହୋଇଯାଆନ୍ତି। ତାତ୍ପର୍ଯ୍ୟ ହେଲା, ଦୁହିଁଙ୍କର ଅର୍ପଣ କରିବାରେ ପ୍ରଭେଦ ରହିଛି, ମାତ୍ର ଅସଙ୍ଗତାରେ ଉଭୟ ସମାନ। ଏହି ଅସଙ୍ଗତାରେ କର୍ମଯୋଗୀ ଓ ଜ୍ଞାନଯୋଗୀ ,ଦୁହେଁ ସ୍ୱାଧୀନ ହୋଇ ଯାଆନ୍ତି। ତାଙ୍କ ପାଇଁ କିଞ୍ଚିତ୍ ମାତ୍ର କର୍ମ ବନ୍ଧନ ରହେ ନାହିଁ,କେବଳ କର୍ତ୍ତବ୍ୟ ପାଳନ ନିମିତ୍ତ କର୍ତ୍ତବ୍ୟ କର୍ମ କରୁଥିବା କର୍ମ ଯୋଗୀଙ୍କର ସମସ୍ତ କର୍ମ ବିଲୀନ ହୋଇଯାଏ। ଜ୍ଞାନ ରୂପକ ଅଗ୍ନିରେ ଜ୍ଞାନଯୋଗୀଙ୍କର ସମସ୍ତ କର୍ମ ଭସ୍ମୀଭୂତ ହୋଇଯାଏ। କିନ୍ତୁ ଏହି ସ୍ୱତନ୍ତ୍ରତାରେ ଯାହାଙ୍କୁ ସନ୍ତୁଷ୍ଟି ମିଳେ ନାହିଁ, ଅର୍ଥାତ୍ ସ୍ୱତନ୍ତ୍ରତାରୁ ଯାହାଙ୍କର ଉପୃତି ହୁଏ,ତାଙ୍କ ଠାରେ ଭଗବତ୍ କୃପାରୁ ପ୍ରେମ ପ୍ରକଟିତ ହୋଇପାରେ।**



# ଅବସାଦ ଓ ଆତ୍ମହତ୍ୟା



ଖୁସି, କ୍ରୋଧ, ଭୟ ପରି ମନଦୁଃଖ ହେବା ମଧ ଗୋଟିଏ ସ୍ୱାଭାବିକ କଥା। କୌଣସି କାମରେ ମନଲାଖି ଫଳ ନମିଳିଲେ, ଅନ୍ତରଙ୍ଗ ବନ୍ଧୁ କିମ୍ବା ଆତ୍ମୀୟଙ୍କୁ ହରାଇଲେ ଏବଂ ବିଫଳତା ସମୟରେ ମନ ଦୁଃଖ ହୋଇଯିବା ଗୋଟିଏ ସାଧାରଣ ଏବଂ ସ୍ୱାଭାବିକ କଥା। କିନ୍ତୁ ଏହି ମନଦୁଃଖ ହେବା, କୌଣସି କଥାରେ ମନ ନଲାଗିବା, ଉତ୍ସାହ ନଆସିବା, ବିରକ୍ତ ଲାଗିବା ଅନେକ ଦିନ ପର୍ଯ୍ୟନ୍ତ ଲଗାତାର ଜାରୀ ରହି (ଲଗାତାର ୨ ସପ୍ତାହ ପର୍ଯ୍ୟନ୍ତ) ଯେତେବେଳେ ଏହା ମଣିଷର ଦୈନନ୍ଦିନ କାର୍ଯ୍ୟକଳାପ ଏବଂ ଜୀବନ ଉପରେ ନକାରାତ୍ମକ ପ୍ରଭାବ ପକାଏ ଏବଂ ପ୍ରାଣହାନୀ କିମ୍ବା ଆତ୍ମହତ୍ୟାର ଆଶଙ୍କା ବଢିଯାଏ, ସେତେବେଳେ ଏହାକୁ ଅବସାଦ କୁହାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ପୃଥିବୀରେ ଅନ୍ୟୂନ ୫% ପ୍ରାପ୍ତବୟସ୍କ ଏହି ଅବସାଦ ଦ୍ୱାରା ଆକ୍ରାନ୍ତ। ମହିଳାମାନଙ୍କ କ୍ଷେତ୍ରରେ ଅବସାଦର ମାତ୍ରା ପୁରୁଷ ମାନଙ୍କ ତୁଳନାରେ ହାରାହାରି ୫୦% ଅଧିକ। ବିଶ୍ୱରେ ହାରାହାରି ୧୦% ଗର୍ଭବତୀ ଏବଂ ନବ-ପ୍ରସୂତିଙ୍କ ପାଖରେ ଅବସାଦର ଲକ୍ଷଣ ଦେଖାଯାଏ। ୧୫ରୁ ୨୯ ବର୍ଷ ବୟସ୍କ ହେଉଛନ୍ତି ବିଶ୍ୱରେ ସର୍ବାଧିକ ଅବସାଦ ଭୋଗୁଥିବା ଗ୍ରୁପ୍। ଏହି ବୟସ ଗ୍ରୁପ୍ ମଧ୍ୟରେ ଆତ୍ମହତ୍ୟା ହେଉଛି ମୃତ୍ୟୁର ଚତୁର୍ଥ ସର୍ବବୃହତ୍ କାରଣ। ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରତି ୨୦ ଜଣରେ ଜଣେ ବ୍ୟକ୍ତି ଅବସାଦ ଭୋଗି ଥାଆନ୍ତି।

ଅବସାଦ ହେଉଛି ଏକ ମାନସିକ ଅବସ୍ଥା ଯାହା ମନର ଦୁର୍ବଳତା ଏବଂ କାର୍ଯ୍ୟକଳାପ ପ୍ରତି ଘୃଣାର କାରଣ। ଏହା ୨୦୨୦ ସୁଦ୍ଧା ବିଶ୍ୱ ଜନସଂଖ୍ୟାର ପ୍ରାୟ ୩.୫% କିମ୍ବା ବିଶ୍ୱର ପ୍ରାୟ ୨୮୦ ନିୟୁତ ଲୋକଙ୍କୁ ପ୍ରଭାବିତ କରେ। ଡିପ୍ରେସନ ଜଣେ ବ୍ୟକ୍ତିଙ୍କ ଚିନ୍ତାଧାରା, ଆଚରଣ, ଭାବନା ଏବଂ ସୁସ୍ଥତା ଭାବନାକୁ ପ୍ରଭାବିତ କରେ। ଜଣେ ବ୍ୟକ୍ତି କିଛି ଅଭିଜ୍ଞତାରୁ ଯେଉଁ ଆନନ୍ଦ କିମ୍ବା ଆନନ୍ଦ ପାଏ ତାହା ହ୍ରାସ ପାଏ, ଏବଂ ପୀଡିତ ବ୍ୟକ୍ତି ପ୍ରାୟତଃ ସେହି କାର୍ଯ୍ୟକଳାପରେ ପ୍ରେରଣା କିମ୍ବା ଆଗ୍ରହ ହରାଇବାର ଅନୁଭବ କରେ। ଡିପ୍ରେସନ ଥିବା ଲୋକମାନେ ଦୁଃଖ, ହତାଶା କିମ୍ବା ଆଶାର ଅଭାବ, ଚିନ୍ତା ଏବଂ ଏକାଗ୍ରତାରେ କଷ୍ଟ, ହାଇପରସୋମନିଆ କିମ୍ବା ଅନିଦ୍ରା, ଅତ୍ୟଧିକ ଖାଦ୍ୟ କିମ୍ବା ଆଲୋରକ୍ସିଆ, କିମ୍ବା ଆତ୍ମହତ୍ୟା ଚିନ୍ତାଧାରା ଅନୁଭବ କରିପାରନ୍ତି। ଡିପ୍ରେସନର ଅନେକ, କେତେକ ସମୟରେ ଓଭରଲାପ୍, ଉତ୍ପତ୍ତି ହୋଇପାରେ। ଡିପ୍ରେସନ ଜୀବନର ଘଟଣାଗୁଡ଼ିକର ଏକ ସାଧାରଣ ଅସ୍ଥାୟୀ ପ୍ରତିକ୍ରିୟା ହୋଇପାରେ, ଯେପରିକି ଜଣେ ପ୍ରିୟଜନଙ୍କୁ ହରାଇବା। ଏହା ସହିତ, ଡିପ୍ରେସନ କିଛି ମନୋଭାବ ବ୍ୟାଧିର ଏକ ଲକ୍ଷଣ ହୋଇପାରେ, ଯେପରିକି ପ୍ରମୁଖ ଡିପ୍ରେସିଭ୍ ଡିସଅର୍ଡର, ବାଇପୋଲାର୍ ଡିସଅର୍ଡର ଏବଂ ଡିସଥିମିଆ। ଡିପ୍ରେସନ ମଧ କିଛି ଶାରୀରିକ ରୋଗର ଏକ ଲକ୍ଷଣ ଏବଂ କିଛି ଔଷଧ ଏବଂ ଚିକିତ୍ସାର ପାର୍ଶ୍ୱ ପ୍ରତିକ୍ରିୟା।



## ଅବସାଦର ଲକ୍ଷଣ

**'ଅହେତୁକ ମନଦୁଃଖ, ବିଷାଦଗ୍ରସ୍ତ ରହିବା, କୌଣସି କାର୍ଯ୍ୟରେ ସ୍ପୃହା ନରହିବା, ଉତ୍ସାହ ନାସିବା। ମନ ସର୍ବଦା ଦୁଃଖ ରହିବା ସହ ଚିଡଚିଡା ଲାଗିବା ଏବଂ ନିଜ ଭିତରେ ଗୋଟିଏ ଅଭାବ ଓ ଖାଲିପଣ ଅନୁଭବ କରିବା। ଏବଂ ଏପରି ମନୋସ୍ଥିତି ଅତି କମ୍‌ରେ ଲଗାତାର ୨ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିବା।'**

- ଲୋକସମ୍ପର୍କ, ବନ୍ଧୁଙ୍କ ସହ ବାର୍ତ୍ତାଳାପ କମିଯିବା।
- ଏକାଗ୍ରତାର କଭାବ, ଦ୍ୱନ୍ଦ, ନିଷ୍ପତ୍ତି ନେବାରେ ବିଫଳତା
- ନିଜ ଭିତରେ ଅପରାଧବୋଧ ଏବଂ ଅନୁତ୍ସାହିତ ଅନୁଭବ
- ଭବିଷ୍ୟତ ପ୍ରତି ବିଷାଦଗ୍ରସ୍ତ, ନିରାଶାବାଦୀ
- ନିଦ୍ରାଭାବ କିମ୍ବା ବହୁତ ବେଶୀ ନିଦ ଲାଗିବା
- ଆତ୍ମହତ୍ୟା ପ୍ରବଣତା
- ଭୋକ ନଲାଗିବା, ଓଜନ ହ୍ରାସ କିମ୍ବା ଅତ୍ୟଧିକ ଭୋକ ଲାଗିବା ଏବଂ ମାତ୍ରାଧିକ ଓଜନ ବଢିଯିବା।
- ସର୍ବଦା ଥକ୍କା ଏବଂ ଅଳସୁଆ ଲାଗିବା, ଉର୍ଜାହୀନ ମନେ ହେବା
- ଅକାରଣରେ କାନ୍ଦିବା
- ଧୀର ଏବ ଉର୍ଜାହୀନ ଭାବରେ କଥା କହିବା ଏବଂ ଚଲାବୁଲା କରିବା
- ଅଫିସ୍ କିମ୍ବା ବିଦ୍ୟାଳୟ (ଛାତ୍ର ହୋଇଥିଲେ) ରେ କମ୍ୟୁନିଟି/ ଗ୍ରୁପ୍ ବା ସାମୂହିକ କାର୍ଯ୍ୟରେ ଯୋଗ ନଦେଇପାରିବା। ପାରିବାରିକ ଏବଂ ସାମାଜିକ କାର୍ଯ୍ୟକ୍ରମରୁ ଦୂରେଇ ରହିବା



## ଭାପୁର : ପ୍ରଥମ ଦିନରେ ୨୨ ମାଟ୍ରିକ ପରୀକ୍ଷାର୍ଥୀ ଅନୁପସ୍ଥିତ

ଭାପୁର,(ନିପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାର ଦିନ ଠାରୁ ଆରମ୍ଭ ହୋଇଛି । ଭାପୁର ବ୍ଲକର ୭ ଗୋଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନ ଶୃଙ୍ଖଳିତ ଭାବରେ ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ ସମସ୍ୟାଗତ କାରଣରୁ ଓଡ଼ିଆ ବିଷୟରେ ୨୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ସର୍ବାଧିକ ପିଏମଶ୍ରୀ ଗୋପୀନାଥ ଦେବ ବିଦ୍ୟାପୀଠ, ପଦ୍ମାବତୀ କେନ୍ଦ୍ରରେ ୧୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବାବେଳେ ବାଙ୍କୁଙ୍କେଶ୍ୱର ଦେବ ବିଦ୍ୟାପୀଠ, ଭାପୁର କେନ୍ଦ୍ରରୁ ୨, ଗୋଳାପୋଖରୀ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରୁ ୧, ଆଞ୍ଚଳିକ ଚାରୁଦେବୀ ଉଚ୍ଚବିଦ୍ୟାଳୟ,ଜାମୁସାହି କେନ୍ଦ୍ରରୁ ୧, ଫତେଗଡ଼ ସରକାରୀ ଉଚ୍ଚବିଦ୍ୟାଳୟ କେନ୍ଦ୍ରରୁ ୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ନୋଡାଲ ସେଣ୍ଟରର ସୁପରିଟେଣ୍ଡେଟ କବିରାଜ ସେଠିଙ୍କ ଠାରୁ ପ୍ରକାଶ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଫତେଗଡ଼ ଥାନା ପକ୍ଷରୁ ସମସ୍ତ କେନ୍ଦ୍ରରେ ୧ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିବାବେଳେ ଭାପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ ପରିଦର୍ଶକ ରୂପେ ବିଭିନ୍ନ କେନ୍ଦ୍ର ଅଚାନକ ପରିଦର୍ଶନ କରିଥିଲେ ।

## ମାରିଗୁଡାରେ ଭୂତ ଭୟ: ପାଳିକରି ଗାଁ ଜଗୁଛନ୍ତି ଯୁବକ

ରାୟଗଡ଼ା,(ନିପ୍ର): ଆଜିକା ଦିନରେ ବିଜ୍ଞାନ ଆଉ କୃତ୍ରିମ ବୁଦ୍ଧିମତାର ଅଗ୍ରଗତି ଫଳରେ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରାଯାଇପାରୁଥିବା ସମୟରେ ଗ୍ରାମୀଣ ଅଞ୍ଚଳରେ ଅଦ୍ୟାବଧି ଅନ୍ଧବିଶ୍ୱାସର ପ୍ରଭାବ ରହିଥିବା ସମସ୍ତଙ୍କୁ ଚକିତ କରିଛି । ଭୂତପ୍ରେତରେ ବିଶ୍ୱାସ କରି ଆଦିବାସୀ ଅନ୍ଧକାରରେ ରହିଛନ୍ତି ଗାଁରେ ଭୂତ ବୁଲୁଥିବା କଥାକୁ ବିଶ୍ୱାସ କରି ଯୁବକମାନେ ପାଳିକରି ପଇଁତରା ମାରୁଥିବା ବେଳେ ଲୋକେ ଆତଙ୍କିତ ରହିଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ସହର ଠାରୁ ମାତ୍ର ଦୁଇ କିମି ଦୂରରେ । ଗତ ୫ ମାସ ମଧ୍ୟରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ଆତ୍ମା ଗାଁରେ ଘୁରିବୁଲୁଥିବା ବିଶ୍ୱାସ କରନ୍ତି ଗ୍ରାମ ବାସିନ୍ଦା । ସନ୍ଧ୍ୟା ସମୟରେ ଗାଁର ପ୍ରବେଶ ପଥରେ ଥିବା ଗଛରୁ ଧୂଆଁ ବାହାରୁଥିବା ଏବଂ ବିଳମ୍ବିତ ରାତ୍ରରେ ଭୟଙ୍କର ବିକଟାଳ ଶବ୍ଦ ଶୁଣାଯାଉଥିବା ଗାଁ ଲୋକେ କହୁଛନ୍ତି । ଆଉ ଏହି ଶବ୍ଦ ସେମାନଙ୍କ ନିଦ ଛଡ଼େଇ ଦେଉଛି ବୋଲି ସେମାନେ କହିଛନ୍ତି । ଏହି ଭୂତ ଭୟ ଯୋଗୁଁ ଗାଁର କେତେକଙ୍କ ଘରେ ଚୁଲି ଜଳୁନଥିବା ଜଣାପଡ଼ିଛି । ଗତ ୫ ମାସ ମଧ୍ୟରେ ଗ୍ରାମର କଣ୍ଟି ତାଡ଼ିଙ୍ଗି,ବାବୁ ମାଣ୍ଡାଙ୍ଗି, କାମ୍ଭଲା କିଲକା, ପୁଲମେ ମାଣ୍ଡାଙ୍ଗି ଓ ପୁଲ ମାଣ୍ଡାଙ୍ଗୀଙ୍କ ମୃତ୍ୟୁ ଘଟିଥିବା ବସିନ୍ଦା କହିଛନ୍ତି ।ସେମାନଙ୍କ ଆତ୍ମା କେତେବେଳେ କା ଦେହରେ ଲାଗୁଛି, ଲୋକେ ଭୟଭୀତ ରହୁଥିବା ବେଳେ ଗାଆଁର ଯୁବକ ରାତିରେ ଠେଙ୍ଗାବାଡି ଧରି ଜଗୁଛନ୍ତି । ସେମାନେ ପୂଜାର୍ଚ୍ଚନା ପାଇଁ ପୂଜାରୀ ମଧ୍ୟ ଠିକ୍ କରିଉନ୍ତି । ଏ ବିଷୟରେ ଜଣା ପଡ଼ିବା ପରେ ରାୟଗଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗାଁରେ ପହଞ୍ଚି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି । ଲୋକଙ୍କୁ ବୁଝାଉଥିବ ଦେଖାଯାଇଛି ।

## ବିଦାୟକାଳୀନ ସଭାରେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀଙ୍କୁ ଆର୍ଶୀବାଦ ପ୍ରଦାନ

ନିମାପଡ଼ା,(ନି.ପ୍ର.): ଏହି ବ୍ଲକ୍ ଅଧୀନସ୍ଥ ଗୋପିନାଥପୁର ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ଜଗତବନ୍ଧୁ ରାୟଙ୍କୁ ସଭାରେ ସମ୍ମାନୀତ କରାଯିବା ପରେ ବରିଷ୍ଠ ସହକାରୀ ଶିକ୍ଷକ ବିଷ୍ଣୁ ଚରଣ ବେହେରା ସଭାରେ ସଭାପତିତ୍ୱ କରିଥିଲେ । ପ୍ରଧାନ ଶିକ୍ଷକ ପ୍ରସନ୍ନ ବିଶ୍ୱାଳ, ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାଶ, ଅତିଥି ଶିକ୍ଷକ ଲିଙ୍ଗରାଜ ମଙ୍ଗରାଜ, ବୈକୁଣ୍ଠ ବିଶ୍ୱାଳ, ଭାରତୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ବିଦାୟୀ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିବା ସହିତ ଭବିଷ୍ୟତରେ ବଡ଼ ମଣିଷ ଅପେକ୍ଷା ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ । ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ଅନେକ ଉପାଦେୟ ସୂଚନା ପ୍ରଦାନ କରାଯାଇଥି । ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ସାହୁଙ୍କ ଦ୍ୱାରା ରାଚିତ ଓ ଶିକ୍ଷକ ମଙ୍ଗରାଜ ରଥଙ୍କ ଶବ୍ଦ ସଂଯୋଜନାରେ ଏକ ବିଦାୟକାଳୀନ ସଂଗୀତ ପରିବେଷଣ କରାଯିବା ବେଳେ ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀଙ୍କ ଚକ୍ଷୁ ଅଶ୍ରୁସିକ୍ତ ହୋଇ ଉଠିଥିଲା । ଶିକ୍ଷକ ମଙ୍ଗରାଜ ରଥ ସଭା ପରିଚାଳନା କରିଥିବା ବେଳେ ସଂସ୍କୃତ ଶିକ୍ଷକ ବାଉରୀବନ୍ଧୁ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା ଶିବିର

ବୁଗୁଡ଼ା (ନିପ୍ର): ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳ ପକ୍ଷରୁ ଏକ ବନାଞ୍ଚଳ ସ୍ତରୀୟ 'ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା ଶିବିର' ସ୍ଥାନୀୟ ବାଘୁଆ ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଘୁମୁସର ଦକ୍ଷିଣ ବନଖଣ୍ଡ ସହକାରୀ ବନସଂରକ୍ଷକ ପ୍ରଦୀପ କୁମାର ବେହେରା,ଆଇ.ଏଫ.ଏସ (ପ୍ରୋଭିଜନ) ଲୋକ୍ସି ଜୈନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

# ଲୋକାର୍ପିତ ହେଲା ଏଆଇ ଚାଟବଟ୍ 'ଆମର ସହାୟକ'

ଭବାନୀପାଟଣା,(ନି.ପ୍ର): ଡିଜିଟାଲ୍ ଶାସନ ଏବଂ ଜନକେନ୍ଦ୍ରିକ ପ୍ରଶାସନ ଦିଗରେ ଏକ ବଡ଼ ପଦକ୍ଷେପ ସ୍ୱରୂପ । କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଅତ୍ୟାଧୁନିକ ଏଆଇ ଚାଳିତ ଚାଟବଟ୍ 'ଆମର ସହାୟକ' ର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କର୍ମଶାଳା ତଥା ଉଦ୍‌ଘାଟନୀ ସମାରୋହରେ ଏହାକୁ ଲୋକାର୍ପିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପାଓ୍ୱାର ସଚିନ ପ୍ରକାଶ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ । ଏଥିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢୀ, ଭାରତୀୟ ପ୍ରଶାସନିକ ସେବା ପ୍ରଶିକ୍ଷଣାର୍ଥୀ ଅନିମେଷ ପ୍ରଧାନ, ଭବାନୀପାଟଣା ଉପ-ଜିଲ୍ଲାପାଳ ପ୍ରଭାତ କୁମାର ପରିଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମଗ୍ର ପ୍ରୟାସ ଏବଂ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଡି.ଏମ୍.ଏଫ୍ କଳାହାଣ୍ଡିର ଟିମ୍ ଲିଡ୍ ପ୍ରଶାନ୍ତ ମିଶ୍ର ପରିଚାଳନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଥିଲେ ଯେ, 'ଆମର ସହାୟକ' ପ୍ରଶାସନ ଏବଂ ଜନସାଧାରଣଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ଡିଜିଟାଲ୍ ରୂପାନ୍ତରଣର ସଫଳତା ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ଉପରେ ନିର୍ଭର କରେ ବୋଲି ସେ ମତ ଦେଇଥିଲେ ଏବଂ ଜନସାଧାରଣଙ୍କୁ ଅଧିକ ଦକ୍ଷତାର ସହ ସାହାଯ୍ୟ କରିବା ପାଇଁ ସମସ୍ତ ବିଭାଗୀୟ ସେବାକୁ ଏହି ପ୍ଲାଟଫର୍ମ ସହ ଯୋଡ଼ିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । 'ଆମର ସହାୟକ' ହେଉଛି ଏକ ଅତ୍ୟାଧୁନିକ ଜେନେରେଟିଭ୍ ଏଆଇ ଏବଂ ରିଟ୍ରିଭାଲ୍-ଅଗମେଣ୍ଟେଡ୍ ଜେନେରେସନ୍‌ଭିତ୍ତିକ ସହାୟକ । ହ୍ୱାଟସ୍‌ଅପ୍ ମାଧ୍ୟମରେ ଉପଲବ୍ଧ ଏହି ଚାଟବଟ୍ ନାଗରିକମାନଙ୍କୁ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ସହଜ ସେବା ପ୍ରଦାନ କରିବାକୁ ଡିଜାଇନ୍ କରାଯାଇଛି ।

ଚାଟବଟ୍‌ର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ: ଅଭିଯୋଗ ସମାଧାନ: ନାଗରିକମାନେ ବର୍ତ୍ତମାନ ସେମାନଙ୍କ ମୋବାଇଲ୍ ଫୋନ୍ ମାଧ୍ୟମରେ ସିଧାସଳଖ ଅଭିଯୋଗ ପଞ୍ଜିକୃତ କରିପାରିବେ ଏବଂ ଏହାର ସ୍ଥିତି ଯାଞ୍ଚ କରିପାରିବେ । ତୁରନ୍ତ ସୂଚନା: ବିଭିନ୍ନ ସରକାରୀ ଯୋଜନା, ଯୋଗ୍ୟତା ମାପଦଣ୍ଡ ଏବଂ ବିଭାଗୀୟ ପ୍ରକ୍ରିୟା ସମ୍ପର୍କରେ ଏହି ଏଆଇ ତୁରନ୍ତ ଏବଂ ସଠିକ୍ ସୂଚନା ପ୍ରଦାନ କରିବ । ରିଅଲ-ଟାଇମ୍ ଅପଡେଟ୍: ଏହା ୨୪/୭ ଡିଜିଟାଲ୍ ସହାୟକ ଭାବରେ କାର୍ଯ୍ୟ କରିବ ଏବଂ ଅତ୍ୟାବଶ୍ୟକ ସେବା ତଥା ପ୍ରଶାସନିକ ଘୋଷଣା ସମ୍ପର୍କରେ ସୂଚନା ଦେବ ।

'ସ୍ମାର୍ଟ' ପ୍ରଶାସନ ଦିଗରେ ଏକ ପଦକ୍ଷେପ: କର୍ମଶାଳା ସମୟରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ପାଇଁ ଏକ ବ୍ୟବହାରିକ ପ୍ରଦର୍ଶନ କରାଯାଇଥିଲା । ଏହି ଚାଟବଟ୍ କିପରି ବିଭାଗୀୟ କାର୍ଯ୍ୟଧାରାକୁ ସରଳ କରିପାରିବ ଏବଂ ସାଧାରଣ ପଚରାଉଚରା ପାଇଁ ସରକାରୀ କାର୍ଯ୍ୟାଳୟରେ ଭିଡ଼ କମାଇବ, ସେ ବିଷୟରେ ଦର୍ଶାଯାଇଥିଲା । ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ଆପଣାଇ କଳାହାଣ୍ଡି ଏହି ଅଞ୍ଚଳରେ ଏଆଇ-ଚାଳିତ ଶାସନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା ଭାବରେ ଉଭା ହୋଇଛି । 'ଆମର ସହାୟକ' ପ୍ଲାଟଫର୍ମ ମାଧ୍ୟମରେ ସରକାରୀ ସେବାକୁ ଅଧିକ ସ୍ୱଚ୍ଛ, ସହଜସୁଲଭ୍ୟ ଏବଂ ଉତ୍ତରଦାୟୀ କରିବା ଜିଲ୍ଲା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ।

# ୨୦୮୭ ପରୀକ୍ଷାର୍ଥୀରୁ ୧୯ ଅନୁପସ୍ଥିତ

ଆସିକା,(ନିପ୍ର): ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆଜି ଠାରୁ ଆରମ୍ଭ ହୋଇଛି । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ମୋଟ ୩୩ଟି ସରକାରୀ ହାଇସ୍କୁଲଓ ୩ଟି ବେସରକାରୀ ହାଇସ୍କୁଲର ୨୦୮୭ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିବା ବେଳେ ମୋଟ ୧୦ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆୟୋଜିତ ହୋଇଛି । ସେଥିରେ ପ୍ରଥମ ଦିବସରେ ୧୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି । ପୂର୍ବସୂଚନା ମୁତାବକ ସକାଳ ଠିକ ସମୟରେ ପରୀକ୍ଷାର୍ଥୀଙ୍କୁ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରାଯାଇଥିଲା । ପରେ ପରୀକ୍ଷା ଆରମ୍ଭ ହୋଇଥିଲା । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ମୋଟ ୧୦ ଗୋଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସେଥିମଧ୍ୟରୁ ଆସିକା ହରିହର ହାଇସ୍କୁଲରେ ୨୬୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୬୨ ଜଣ



ପରୀକ୍ଷା ଦେଇଛନ୍ତି ଜଣେ ଅନୁପସ୍ଥିତ ଥିଲେ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆସିକାରେ ୩୬୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୬୨ ଜଣ ପରୀକ୍ଷା ଦେଇଛନ୍ତି ୨ ଜଣ ଅନୁପସ୍ଥିତ ଥିଲେ,ଏନ ଏ ସି ନୋଡାଲ ହାଇସ୍କୁଲ ଆସିକାରେ ୨୦୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୩ ଜଣ ପରୀକ୍ଷା ଦେଇଛନ୍ତି ୨ ଜଣ ଅନୁପସ୍ଥିତ ଥିଲେ । ଜଗଦଳପୁର ହାଇସ୍କୁଲ ଗୁଣ୍ଠପଡାରେ ୧୭୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୧ଜଣ ପରୀକ୍ଷା ଦେଇଛନ୍ତି,ଟେକ୍ନିକାଲ ହାଇସ୍କୁଲ କଲେଜ ଛକରେ ୨୪୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୮ ଜଣ ପରୀକ୍ଷା ଦେଇଛନ୍ତି ୩ ଜଣ ଅନୁପସ୍ଥିତ ଥିଲେ । ପଞ୍ଚାୟତ ହାଇସ୍କୁଲ ଦେବଭୂମିରେ ୧୭୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୭୮ ଜଣ ପରୀକ୍ଷା ଦେଇଛନ୍ତି । ପ୍ରଗତି ବିଦ୍ୟାପୀଠ କେନ୍ଦୁପଦର ହାଇସ୍କୁଲରେ ୨୩୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬ ଜଣ ପରୀକ୍ଷା ଦେଇଛନ୍ତି ୨ ଜଣ ଅନୁପସ୍ଥିତ ଥିଲେ । ନୋଡାଲ ହାଇସ୍କୁଲ ମୁନିଗାଡ଼ି ରେ ୧୯୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୧ଜଣ ପରୀକ୍ଷା ଦେଇଛନ୍ତି ୨ଜଣ ଅନୁପସ୍ଥିତ ରହିଛନ୍ତି । ଆସିକା ସୁଗାର ଇଣ୍ଡଷ୍ଟ୍ରି ହାଇସ୍କୁଲରେ ୧୩୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୮ ଜଣ ପରୀକ୍ଷା ଦେଇଛନ୍ତି ୨ ଜଣ ଅନୁପସ୍ଥିତ ଥିଲେ । ଚିନି ଶିଳ୍ପ ହାଇସ୍କୁଲରେ ୧୮୮ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୧୮୨ ଜଣ ପରୀକ୍ଷା ଦେଇଛନ୍ତି ୬ ଜଣ ଅନୁପସ୍ଥିତ ଥିଲେ । ଏହିପରି ମୋଟ ୨୦୮୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯ ଜଣ ଅନୁପସ୍ଥିତ ରହିଥିବା ଆସିକା ଗୋଷ୍ଠୀ ଶିକ୍ଷାଧିକାରିଣୀ ମୁନ ରାଣୀ ମହାନ୍ତି ସୂଚନା ପ୍ରଦାନ କରିଛନ୍ତି । ପରୀକ୍ଷାକୁ ଅବାଧ ଏବଂ ଶାନ୍ତି ଶୃଙ୍ଖଳା ସହ ସରିବା ପାଇଁ ଆସିକା ଓ କୋଟିନଡ଼ା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ନିମାପଡ଼ାରେ ୪୮୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୭୮ ଉପସ୍ଥିତ, ୫ ଅନୁପସ୍ଥିତ

ନିମାପଡ଼ା,(ନି.ପ୍ର.): ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନରେ ଶାନ୍ତି ଶୃଙ୍ଖଳାର ସହ ପରୀକ୍ଷା ଶେଷ ହୋଇଥିବା ନିମାପଡ଼ା ନୋଡ଼ାଲ କେନ୍ଦ୍ର ଅଧୀକ୍ଷକ ନନ୍ଦିତା ସାହୁଙ୍କ ଠାରୁ ପ୍ରକାଶ । ଏହି କେନ୍ଦ୍ର (ବାଳକ ଉଚ୍ଚ ବିଦ୍ୟାଳୟ)ରେ ୨୪୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୫ ଜଣ ଉପସ୍ଥିତ ଥିବା ବେଳେ ୪ ଜଣ ଅନୁପସ୍ଥିତ ଥିଲେ । ଜ.ବ.ରା. ବାଳିକା ଉଚ୍ଚ ବିଦ୍ୟାଳୟରେ ମୋଟ ୨୩୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୩ ଜଣ ଉପସ୍ଥିତ ଥିବା ବେଳେ ଜଣେ ଅନୁପସ୍ଥିତ ଥିବା କେନ୍ଦ୍ର ଅଧୀକ୍ଷକ ଶ୍ରୀମତି ବିଜୟଲକ୍ଷ୍ମୀ ଦାଶଙ୍କ ଠାରୁ ପ୍ରକାଶ । ନିମାପଡ଼ା ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଶ୍ନପତ୍ର ଖୋଲା ଯାଇ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିଲା । ୧୪ଟି କେନ୍ଦ୍ରକୁ ସଶସ୍ତ୍ର ପୋଲିସ ଫୌଜ ସହ ପ୍ରଶ୍ନପତ୍ର ପଠା ଯାଇଥିବା ଏବଂ ସଠିକ୍ ସମୟରେ ଉତର ପତ୍ର ନୋଡ଼ାଲ ସେଣ୍ଟରକୁ ଆସିଥିଲା ବୋଲି କେନ୍ଦ୍ର ସୂତ୍ରରୁ ପ୍ରକାଶ । ନିମାପଡ଼ା ଉପଖଣ୍ଡ ପୋଲିସ ଅଧିକାରୀ ଜନାର୍ଦ୍ଦନ ପାଢୀ, ଥାନା ନିରୀକ୍ଷକ ସମରେନ୍ଦ୍ର ପାଇକରାୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶୃଙ୍ଖଳାର ସହ ପରୀକ୍ଷା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି । ୩ଟି ଡ଼େସ୍‌ପାଚ୍ ଦଳ ସଠିକ୍ ସମୟରେ ପ୍ରଶ୍ନପତ୍ର ନେବା ଏବଂ ଠିକଣା ସମୟରେ ଉତର ଖାତା ନୋଡ଼ାଲ ସେଣ୍ଟରରେ ପହଞ୍ଚାଇ ଥିବାରୁ ପରୀକ୍ଷା କାର୍ଯ୍ୟ ଶୃଙ୍ଖଳା ଓ ସମୟାନୁବର୍ତିତା ସହ ହେଉଥିବା ଏକ ସମୀକ୍ଷାରୁ ଜଣାପଡ଼ିଛି । କେନ୍ଦ୍ର ଉପ-ଅଧୀକ୍ଷକ ଦୁର୍ଗା ପ୍ରସାଦ ବାରିକଙ୍କ ତତ୍ତ୍ୱାବଧାନରେ ଏକ ସମସ୍ତ ଶ୍ରେଣୀ ଗୃହ ତଦାରଖ କରାଯାଇଥିବା ବେଳେ ବାଳିକା ବିଦ୍ୟାଳୟ ପାଇଁ ନିଯୁକ୍ତ ପରିଦର୍ଶିକା ସବିତା ମହାନ୍ତିଙ୍କ ତତ୍ତ୍ୱାବଧାନ ଏବଂ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗରେ ପ୍ରଥମ ଦିନ ପରୀକ୍ଷା ପରିଚାଳନା ଶୃଙ୍ଖଳା ଓ ସମୟାନୁଯାୟୀ ଅନୁଷ୍ଠିତ ହୋଇଥିଲା । ସକାଳ ୯ଟାରୁ ୧୧.୩୦ ମି. ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ କୌଣସି ଚାପର ବଶବର୍ତୀ ହୋଇ ନଥିବା ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ଧୂସୁରି ଥାନା ପରିସରରେ ଦୋଳଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଧାମନଗର,(ନିପ୍ର): ଚଳିତ ବର୍ଷ ଦୋଳଯାତ୍ରା ଓ ହୋଲି ମେଳଣକୁ ଶାନ୍ତିଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଧୂଷୁରୀ ଥାନା ପରିସରରେ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଶହୀଦନଗର, ମେଲଣଡିହ ଲୁଣିଆ, ବୟାଙ୍ଗଡ଼ିହ, କୋରୁଆ, ଶୁର୍ଜିପୁର ଅର୍ଜୁନପୁର, ପାଳସାହି ଓ ଶ୍ରୀଶ୍ରୀ ବାସୁଦେବ ଧାମ ମେଲଣ କମିଟିର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ । ଧୂଷୁରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅଜୟ ସୁଦର୍ଶନ ବାଗେ ଓ ଅନ୍ୟ ପୁଲିସ ଅଧିକାରୀଙ୍କ ଉପସ୍ଥିତିରେ ଦୋଳଯାତ୍ରା ସମୟରେ ଆଇନ-ଶୃଙ୍ଖଳା ବଜାୟ ରଖିବା, ସରକାରୀ ନିୟମ ମାନିବା ଓ ମେଲଣ ପରିଚାଳନା ସମ୍ବନ୍ଧୀୟ ବିଭିନ୍ନ ଆଲୋଚନା କରାଯାଇଥିଲା । ମେଲଣ ଓ ଶୋଭାଯାତ୍ରା ସମୟରେ କୌଣସି ବିସ୍ଫୋରକ ସାମଗ୍ରୀ ବ୍ୟବହାର ନ କରିବାକୁ ନିଷ୍ପତ୍ତି ହୋଇଛି । ମାଇକ ବ୍ୟବହାର ପୂର୍ବରୁ ସମ୍ବନ୍ଧିତ ଅଧିକାରୀଙ୍କ ଅନୁମତି ନେବା ଓ ଶବ୍ଦ ସୀମା ମାନିବା ପାଇଁ କୁହାଯାଇଥିଲା । ମେଲଣ ପରିସରରେ ପର୍ଯ୍ୟାପ୍ତ ଆଲୋକ ବ୍ୟବସ୍ଥା କରିବାକୁ କମିଟି ମାନଙ୍କୁ ପରାମର୍ଶ ଦିଆଯାଇଛି ।

## ସାମ୍ବାଦିକ ଶିବପ୍ରସାଦ ମେହେରଙ୍କ ବିୟୋଗରେ ଶୋକ ସଭା

ରେଢ଼ାଖୋଲ (ନିପ୍ର): ପ୍ରେସ କ୍ଲବ, ରେଢ଼ାଖୋଲ ପକ୍ଷରୁ ଦିବଂଗତ ସାମ୍ବାଦିକ ଶିବପ୍ରସାଦ ମେହେରଙ୍କ ବିୟୋଗରେ ସଂଘର ସଭାପତି ଶଙ୍କର ପୃଷ୍ଟିଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକ ସଭାରେ ରେଢ଼ାଖୋଲ ଏନଏସିର ଅଧ୍ୟକ୍ଷ ଶିବରାମ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଦିବଂଗତ ସାମ୍ବାଦିକ ଦୀର୍ଘ ବର୍ଷ ଧରି ସମ୍ବଲପୁର ଜିଲ୍ଲାରେ ସାମ୍ବାଦିକତା କରି ଏକ ପରିଚୟ ସୃଷ୍ଟି କରିଥିଲେ । ସାଧାରଣ ଜନତାର ସ୍ୱରକୁ ସେ ଖବର କାଗଜରେ ସମ୍ବାଦ ପରିବେଷଣ କରୁଥିଲେ । ହଠାତ ଦେହାନ୍ତ ହେବା ସାମ୍ବାଦିକ ଜଗତର ଏକ ଅପୂରଣୀୟ କ୍ଷତି ହେଲା ବୋଲି ସାମ୍ବାଦିକମାନେ ଶୋକ ସଭାରେ ପ୍ରକାଶ କରିଥିଲେ । ଏହି ଶୋକ ସଭାରେ ସାମ୍ବାଦିକ ଜୟନ୍ତ ଖଡ଼ିରତ୍ନ, କନ୍ଦର୍ପ ବେହେରା, ତପନ କୁମାର ବିଶ୍ୱାଳ, ସୁଶାନ୍ତ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ
# ନିରନ୍ତର ଉଦ୍ୟମ ସହ ନିଷ୍ଠା ଜାରି ରଖିବାକୁ ଆହ୍ୱାନ




ପୁରୀ(ନିପ୍ର): କଠିନ ପରିଶ୍ରମ ଓ ଅଧ୍ୟବସାୟ ବିନା ସଫଳତା ଅସମ୍ଭବ । ନିଜର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ଉଦ୍ୟମ ସହ ନିଷ୍ଠା ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା । ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଅଦ୍ୱିକା ଯୋଜନା ମାଧ୍ୟମରେ କିଶୋରୀ ବାଳିକା ମାନଙ୍କ ଦିନିକିଆ ଜିଲ୍ଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ପରିଡା ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଅନେକ ବ୍ୟବସ୍ଥା ରହିଛି । ପିଲାମାନେ ନିଜ ଇଛା, ଆଗ୍ରହ ବା ଦକ୍ଷତା ଆଧାରରେ ଏହାକୁ ଚୟନ କରି ନିଜକୁ ସକ୍ଷମ ଓ ସୁଦୃଢ କରିବାର ଆବଶ୍ୟକତା ରହିଛି ।ସେମାନେ ଚାହିଁଲେ ନିଯୁକ୍ତି ପାଇଁ କାର୍ଯ୍ୟ କରିପାରିବେ ଅଥବା ନିଜର ଉଦ୍ୟୋଗ କରି ନିଯୁକ୍ତି ଦାତା ହୋଇ ପାରିବେ ବୋଲି ସେ କହିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରତିଟି ପିଲା ମଧ୍ୟରେ ପ୍ରତିଭା ଭରି ରହିଛି । ଏହାର ଉନ୍ମେଷ ଘଟିଲେ ତାହା ସମାଜର ସମ୍ବଳ ପାଲଟିବ । ଏହି ଭଳି ପ୍ରଶିକ୍ଷଣ ଶିବିର ସେମାନ ଙ୍କୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବ ବୋଲି ସେ ଆହ୍ୱାନ ଦେଇଥିଲେ ।ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରି ଏହି କର୍ମଶାଳା କିଶୋର କିଶୋରୀ ମାନଙ୍କୁ ନୂଆ ସମ୍ଭାବନା ଦିଗରେ ସାହାଯ୍ୟ କରିବ ବୋଲି କହିଥିଲେ ।ମାଷ୍ଟର ଟ୍ରେନର ଭାବେ ଦକ୍ଷତା ବିକାଶ ଅଧିକାରୀ ପ୍ରଭାତ କୁମାର ବସ୍ତି, ଇଂରାଜୀ ଶିକ୍ଷୟତ୍ରୀ ପଞ୍ଚମୀ ପଦ୍ମସେନା,କମ୍ପ୍ୟୁଟର ଶିକ୍ଷୟତ୍ରୀ ପଞ୍ଚା ପରମିତା ଜେନା,ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ବାଳ୍ୟ ବତୀ ମହାନ୍ତି, ଜିଲ୍ଲା ସଂଯୋଜକ ବିଦ୍ୟାଧର ମଲ୍ଲିକ, ସମସ୍ତ ସିଡିପିଓ, ସୁପରଭାଇଜର ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ରୀ ମାନେ ଯୋଗ ଦେଇଥିଲେ ।

# ରାୟଗଡ଼ାରେ ସାଇବର ଅପରାଧ
## ପାଞ୍ଚ ବେନାମୀ ଖାତା ଯାଞ୍ଚ ପରେ ତିନି ଜଣଙ୍କୁ ନୋଟିସ୍

ରାୟଗଡ଼ା,(ନିପ୍ର): ରାୟଗଡ଼ା ଜିଲ୍ଲାରେ କ୍ରମାଗତ ଭାବେ ସାଇବର୍ ଅପରାଧ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଅପରେସନ ସାଇବର କବଚ ଆରମ୍ଭ କରାଯାଇ ଜିଲ୍ଲାର ୫ଟି ସନ୍ଦିଗ୍ଧ ଆକାଉଣ୍ଟକୁ ଯାଞ୍ଚ୍ ପରେ ୩ ଟି ମାମଲା ରୁଜୁ କରାଯାଇ ତିନି ଜଣଙ୍କୁ ନୋଟିସ୍ ଜାରି କରାଯାଇଛି କ୍ରାଇମବ୍ରାଞ୍ଚ ପକ୍ଷରୁ । ଏଠାରେ ପ୍ରକାଶଯୋଗ୍ୟ ଯେ, ଜିଲ୍ଲାରେ ବିଗତ ଦୁଇ ବର୍ଷ ମଧ୍ୟରେ ୧୨୮ ଜଣ ସାଇବୋର ଠକାମୀର ଶିକାର ହୋଇଥିବା ବେଳେ ସମୁଦାୟ ୧୧ ଟି ଥାନାରେ ୪୭ ଗୋଟି ମାମଲା ଦାୟର ହୋଇଥିବା ଜଣା ପଡ଼ିଥିବା ବେଳେ ୪୦୦ ଆକାଉଣ୍ଟକୁ ସନ୍ଦେହ ଘେରରେ ରଖାଯାଇଛି । ସାଇବର ଅପରାଧରେ ବାହାର ରାଜ୍ୟରୁ ୯ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ସଚେତନତା ଅଭାବରୁ ଲୋକେ ସାଇବୋର୍ ଠକାମୀର ଶିକାର ହେଉଥିବା ବେଳେ ଯୁବବର୍ଗ ଅନଲାଇନ୍ ଗେମରେ ପାଗଳ ହୋଇ ରାତାରାତି ଧନୀ ହେବାର ସ୍ୱପ୍ନ ବୁଦ୍ଧିଜୀବୀ ମହଲରେ ଚିନ୍ତାର କାରଣ ହୋଇଛି । ବେନାମୀ ଆକାଉଣ୍ଟଗୁଡିକୁ ଯାଞ୍ଚକରିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସାଇବୋର କ୍ରାଇମ୍ବ୍ରାଞ୍ଚ ଅଧିକାରୀ ଅବିନାଶ ରେଡ୍ଡୀ କହିଛନ୍ତି ।

## ଗ୍ରାମାଞ୍ଚଳ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପିତ
# ପାଣ୍ଡୁଲିପୋଷି ଜନମ ବୁରୁ ଟିମ୍‌କୁ ୧-୦ ଗୋଲରେ ହରାଇ ଚାମ୍ପିଅନ

ଯୋଡା,(ନିପ୍ର): କେନ୍ଦୁଝର ଜିଲ୍ଲା ଗୁଆଲି ଲୌହ ଖଣି,ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଚତୁର୍ଥ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ଆଖ ପାଖ ଗାଁର ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ପାଣ୍ଡୁଲିପୋଷି ମିନି ଖେଳପଡିଆରେ ଅନୁଷ୍ଠିତ ଦୁଇ ଦିବସୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍ ରୋମାଞ୍ଚକପୂର୍ଣ୍ଣ ରହିଥିଲା । ପାଣ୍ଡୁଲିପୋଷି ଫୁଟବଲ ଏକାଦଶ ଓ ଜନମ ବୁରୁ ଏକାଦଶ ମଧ୍ୟରେ ମୁକାବିଲା ଶେଷ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା । ପାଣ୍ଡୁଲିପୋଷି ଫୁଟବଲ ଏକାଦଶ ଜନମ ବୁରୁ ଫୁଟବଲ ଏକାଦଶକୁ



୧-୦ ଗୋଲରେ ହରେଇ ବିଜୟ ହାସଲ କରିଥିଲା । ପ୍ରତିଯୋଗିତା ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଡ଼ା ବ୍ଲକ ପଂଚାୟତ ସମିତି ଅଧକ୍ଷ କବିନ୍ଦ୍ର ନାଏକ, ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡାନିସ ବେହେରା, ଓଡ଼ିଶା ଖଣି ନିଗମ ଏଜିଏମ (ମାଇନିଂ) ଜ୍ଞାନ ପ୍ରକାଶ ମହାପାତ୍ର,ଗୁଆଲି ଲୌହ ଖଣି ପ୍ରବନ୍ଧକ ପ୍ରବୀଣ କୁମାର ମହାନ୍ତ, ଗୁଆଲି ଗ୍ରାମ ପଂଚାୟତ ସରପଞ୍ଚ ବିଦ୍ୟାଧର ନାୟକ ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇଥିଲେ । ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ସିଏସଆର ପରାମର୍ଶଦାତା ନୂତନ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ ସମୟରେ ଗ୍ରାମାଞ୍ଚଳରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ ଗ୍ରାମୀଣ କ୍ରୀଡା ବିକାଶକୁ ପ୍ରୋତ୍ସାହନ ଦେବା ନିତାନ୍ତ ଏଭଳି ପ୍ରତିଯୋଗିତା ଅନୁଷ୍ଠିତ କରାଯିବା ଆବଶ୍ୟକ ବୋଲି ଅତିଥି ମତବ୍ୟକ୍ତ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ବିଜେତା ଦଳ ପାଣ୍ଡୁଲିପୋଷି ଏକାଦଶ ଟିମକୁ ଟ୍ରଫି ପ୍ରଦାନ କରିଥିବା ବେଳେ ରନର୍ସ ଅଫ ଜନମ ବୁରୁ ଏକାଦଶକୁ ଟ୍ରଫି ପ୍ରଦାନ କରାଥିଲେ ।

# ସର୍ବଭାରତୀୟ ଗାନ୍ଧୀ ଶିଳ୍ପ ବଜାର ଆୟୋଜିତ

ଭୁବନେଶ୍ୱର,(ନିପ୍ର) : ଭାରତ ସରକାରଙ୍କ ମନ୍ତ୍ରଣାଳୟ ଅଧିନସ୍ଥ ବିକାଶ ଆୟୁକ୍ତ ହସ୍ତଶିଳ୍ପଙ୍କ ପ୍ରୋତ୍ସାହନରେ ଅରବାନ ହାଟ, କୋଣାର୍କ, ପୁରୀ ଠାରେ ଏକ ସର୍ବ ଭାରତୀୟ ଗାନ୍ଧୀ ଶିଳ୍ପ ବଜାର ଆୟୋଜିତ ହେଉଛି । ହସ୍ତଶିଳ୍ପର ବିକାଶ ତଥା ଏଥିରେ ଜଡିତ ହସ୍ତଶିଳ୍ପ କାରିଗରଙ୍କ ଉତ୍ପାଦିତ ଦ୍ରବ୍ୟକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ଭାରତ ସରକାର ବିଭିନ୍ନ ପ୍ରକାର ପ୍ରଦର୍ଶନୀ ଆୟୋଜିତ କରାଇ ପ୍ରଦର୍ଶନୀ ତଥା ବିକ୍ରୟ ନିମନ୍ତେ ଦୃଢ ଭିତିଭୂମି ସୃଷ୍ଟି କରିଆସୁଛନ୍ତି । ଏହି




ପ୍ରଦର୍ଶନୀ ମାଧ୍ୟମରେ ବିଭିନ୍ନ ହସ୍ତଶିଳ୍ପ କାରିଗରମାନଙ୍କ ଉତ୍ପାଦିତ ଦ୍ରବ୍ୟକୁ ସିଧାସଳଖ କ୍ରେତାମାନଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟ ନେଇ ପ୍ରଦର୍ଶନୀମାନ ସର୍ବଭାରତୀୟ ସ୍ତରରେ ବିଭିନ୍ନ ରାଜ୍ୟର ପ୍ରମୁଖ ସହରମାନଙ୍କରେ ଆୟୋଜନ କରାଯାଉଛି । ଠିକ୍ ସେହିପରି ଉକ୍ତ ଗାନ୍ଧୀଶିଳ୍ପ ବଜାର ଅରବାନ ହାଟ କୋଣାର୍କ ଠାରେ ଆୟୋଜିତ ହୋଇଛି । ଏଥିରେ ଗୋପ ବ୍ଲକ୍ ସଭାପତି ଭାସ୍କର ସେଠ, କୋଣାର୍କ ଏନ.ଏ.ସି ୫ ନଂ ୱାର୍ଡ କାଉନ୍ସିଲର ନିହାର ରଞ୍ଜନ ବେହେରା, ସିପିଓ ଡି.ସି ହାଣ୍ଡିକ୍ରାଫ୍ଟ ପରମେନ୍ଦ୍ର ସିହ୍ନା, ମୁଖ୍ୟ କାର୍ଯ୍ୟନିର୍ବାହୀ ଏବିସିଏସଏଲ ମିନରଭା ରାଉତ, ଅରବାଲ ହାଟ ଅଧିକାରୀ ପ୍ରଦିପ୍ତ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ୧୦ ମ ଶ୍ରେଣୀ ବୋର୍ଡ ପରୀକ୍ଷା
## ପ୍ରଥମ ଦିବସରେ ୨୯ ପରୀକ୍ଷାର୍ଥୀ ଅନୁପସ୍ଥିତ

ହିଞ୍ଜିଳିକାଟୁ,(ନିପ୍ର): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଗୁରୁବାର ଠାରୁ ଆରମ୍ଭ ହୋଇଛି । ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ୧୦ ଟି ପରୀକ୍ଷା କେନ୍ଦ୍ରରେ ୨୦୫୪ ପରୀକ୍ଷାର୍ଥୀ ପରୀକ୍ଷା ଦେବା ଲାଗି ସ୍ଥିର କରାଯାଇଥିଲା । ପ୍ରଥମ ଦିବସ ମାତୃଭାଷା ଓଡ଼ିଆ ପରୀକ୍ଷାରେ ୨୯ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ୨୦୨୫ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ଗଣ୍ଡଳା ଗଣେଶ ବିଦ୍ୟାପୀଠରେ ୧୭୯ ରୁ ୪, କଞ୍ଚୁରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୭୯ ରୁ ୫, ମକରଝୋଳ ଉଚ୍ଚ ବିଦ୍ୟାଳୟରେ ୧୮୫ ରୁ ୪, ପୋଡିଙ୍ଗି ଶ୍ୟାମଳାଇ ଉଚ୍ଚ ବିଦ୍ୟାଳୟରେ ୨୧୬ ରୁ ୪ ସାରୁ ଉଚ୍ଚ ବିଦ୍ୟାଳୟରେ ୧୦୪ ରୁ ୧, ହିଞ୍ଜିଳିକାଟୁ ପୌରାଞ୍ଚଳ ପିଏମଶ୍ରୀ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୩୭ ରୁ ୬ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ସାହାପୁର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ବୁରୁପୋଡା ଭଗବତୀ ବିଦ୍ୟାପୀଠ ଓ ସ୍ଥାନୀୟ ପୌରାଞ୍ଚଳ ସରକାରୀ ଏନଏଏସି ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ସମସ୍ତ ପରୀକ୍ଷାର୍ଥୀ ଉପସ୍ଥିତ ଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳକୃଷ୍ଣ ପାତ୍ରଙ୍କ ସୂତ୍ରରୁ ପ୍ରକାଶ । ପ୍ରଥମ ଦିବସ ମାତୃଭାଷା ଓଡ଼ିଆ ପରୀକ୍ଷା ସହଜ ରହିଥିବା ବହୁ ପରୀକ୍ଷାର୍ଥୀ କହିଛନ୍ତି ।

ତିଥି : (ତୃତୀୟା) : (ଉତ୍ତରଭାଦ୍ର ମୀନ)
ଅମୃତବେଳା: ଦିବା ଘ.୭ ।୫୩ ମଧ୍ୟେ ୮ ।୪୧ ଗତେ

## ଆଜିର ଅନୁଚିନ୍ତନ

ପ୍ରକୃତିଜନିତ ଗୁଣ ଦ୍ୱାରା ଅତ୍ୟନ୍ତ ମୋହିତ ଅଜ୍ଞାନୀ ମନୁଷ୍ୟ ଗୁଣ ଓ କର୍ମରେ ଆସକ୍ତ ରହନ୍ତି। ଅଳ୍ପଜ୍ଞ ତଥା ମନ୍ଦବୁଦ୍ଧିଯୁକ୍ତ ସେହି ଅଜ୍ଞାନମାନଙ୍କୁ ପୂର୍ଣ୍ଣରୂପେ ଜାଣିଥିବା ଜ୍ଞାନୀ ମନୁଷ୍ୟ ବିଳଚିତ ନ ହେବା ଉଚିତ।

।। - ଶ୍ରୀମଦ୍ ଭଗବଦ୍ ଗୀତା

# ସମ୍ଭାବନା ରଖେ ଓଡ଼ିଶା ପାଭିଲିୟନ

ଓଡ଼ିଶା ଆଇଟି ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ହବ୍ ବା ପେଣ୍ଠ ହେବାକୁ ଯାଉଛି ।ଭାରତ ମଣ୍ଡପମଠାରେ ଚାଲିଥିବା ଭାରତ ଏଆଇ ସମ୍ମିଳନୀରେ ଓଡ଼ିଶା ପାଭିଲିୟନରେ ପ୍ରଦର୍ଶନ କରାଯାଇଥିବା ଭିନ୍ନ ଭିନ୍ନ ଏଆଇ ସମାଧାନ ଉପାୟ ସାଧାରଣ ଜନତାଙ୍କୁ ସକାରାତ୍ମକ ଭାବେ ପ୍ରଭାବିତ ନିଶ୍ଚେ କରୁଛି ବା କରିବ ଏପରି ଆଶା ସଂଚାରିତ ହେଉଛି। ଏଆଇ ଇମ୍ପାକ୍ଟ ସମିଟ୍‌ରେ ଓଡ଼ିଶାର ବହୁତ ଭଲ ଉପସ୍ଥିତି ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଯେ ଓଡ଼ିଶା ଆଇଟି, ସେମିକଣ୍ଡକ୍ଟର ଆଉ ଇଲେକ୍ଟ୍ରୋନିକ୍ସରେ ଏକ ବୃହତ୍ ପେଣ୍ଠ ଭାବେ ଉଦୀୟମାନ ସ୍ଥିତିରେ ରହିଛି। ମୋଦି ସରକାରଙ୍କ ଦୂରଦର୍ଶୀ ପଦକ୍ଷେପର ସ୍ୱୀକୃତି ସ୍ୱରୂପ ରାଜ୍ୟରେ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ପ୍ରତିଷ୍ଠା ପାଇଁ ଅନୁମୋଦନ ମିଳିଛି। କେବଳ ସେତିକି ନୁହେଁ ଭୁବନେଶ୍ୱର ସ୍ଥିତ ଆଇଆଇଟିଠାରେ ମଧ୍ୟ ନମୋ ସେମିକଣ୍ଡକ୍ଟର ଲ୍ୟାବ୍ ଆରମ୍ଭ ହେଉଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ବଡ଼ ଗବେଷଣା ପାଇଁ ଏହା ଅନେକ ସମ୍ଭାବନା ଉନ୍ମୁକ୍ତ କରିବ, ଏପରି ବିଶ୍ୱାସ ଜାଗରିତ ହେଉଛି।

ଏଆଇର ଉପଯୋଗ କେମିତି ଚାଷୀମାନଙ୍କ ପାଇଁ କିମ୍ବା ସହରରେ ଜଳ ଯୋଗାଣ ବ୍ୟବସ୍ଥା ଭଳି ସବୁ ପ୍ରକାର ବ୍ୟବସ୍ଥାରେ ଉପଯୋଗ କରାଯାଇପାରିବ ତାହାର ପ୍ରଦର୍ଶନ ସମେତ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଅନେକ ସମାଧାନର ରାସ୍ତା ଏଆଇ ମାଧ୍ୟମରେ ସମ୍ପନ୍ନ କରାଯିବାର ବାଟ ଓଡ଼ିଶା ପାଭଲିୟନରେ ଉପସ୍ଥାପିତ ହେବା ରାଜ୍ୟ ପାଇଁ ଗୌରବ ରଖେ ତଥା ସମ୍ଭାବନା ପ୍ରକଟ କରେ।

କୃତ୍ରିମ ବୁଦ୍ଧିମତ୍ତା ବା ଏଆଇକୁ ନେଇ ଭାରତର ଆଭିମୁଖ୍ୟ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ। ଏହାର ଏଆଇ ମିଶନ ଏହିଭଳି ଭାବେ ପ୍ରସ୍ତୁତ କରାଯାଇଛି ଯାହା ବାସ୍ତବ ଦୁନିଆର ଆବଶ୍ୟକତାକୁ ପୂରଣ କରିପାରିବ। ମିଶନ ଭାରତର ସବୁସ୍ତରର ନାଗରିକଙ୍କୁ ସୁଫଳ ଦେବା ଲାଗି ପ୍ରସ୍ତୁତ। ଏପରି ଆଶା ପ୍ରକଟ ବହୁ ସମ୍ଭାବନାକୁ ଉନ୍ମୁକ୍ତ କରିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବ୍ୟବସ୍ଥା ଯେପରି ସାଧାରଣ ସେବା ପ୍ରଦାନ ଏବଂ ନାଗରିକଙ୍କ କଲ୍ୟାଣରେ ଉନ୍ନତି ଆଣିପାରିବ ସର୍ବୋପରି କମ୍ପ୍ୟୁଟ୍, ମଡେଲ୍ ଏବଂ ଡାଟା କିଭଳି ଶେଷରେ ପ୍ରୟୋଗାତ୍ମକ ଆପ୍ଲିକେସନରେ ପରିଣତ ହେବ, ଯାହା ଉତ୍ପାଦକତା ବୃଦ୍ଧି କରିବ, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ ଏବଂ ନାଗରିକମାନଙ୍କୁ ପ୍ରତ୍ୟକ୍ଷ ସୁବିଧା ପ୍ରଦାନ କରିବ,ତାହା ଉପରେ ନିକଟରେ ଅନୁଷ୍ଠିତ ଆଲୋଚନାଗୁଡ଼ିକର କେନ୍ଦ୍ରବିନ୍ଦୁ ଥିଲା। 'ଏଆଇ ବାବଦରେ ହେଉଥିବା ଚର୍ଚ୍ଚା ସଫଳ ହେଉଛି କି ନା ତାହା ଜାଣିବାକୁ ହେଲେ, ଏହା ପ୍ରକୃତରେ ବାସ୍ତବ ଦୁନିଆର ଆହ୍ୱାନକୁ ସମ୍ମୁଖୀନ ହୋଇ ପାରୁଛି କି ନା ତାହା ଜାଣିବା ଦରକାର। ଯଦି ପ୍ରଦର୍ଶନୀ ବୁଲି ଦେଖିବେ ଜାଣିବେ ଯେ ଅନେକ ଷ୍ଟାର୍ଟଅପ ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା ଏବଂ ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ସେଇଠୁ ହିଁ ପ୍ରଭାବ ଆସିବ।' ଏପରି ମନ୍ତବ୍ୟ ରଖିଛନ୍ତି ବିଭାଗୀୟ ଜଣେ ତୁଙ୍ଗ ପଦାଧିକାରୀ।

ଏହା ପରୋକ୍ଷରେ ସୂଚାଉଛି ଯେ ଆଲୋଚନା ଓ ପ୍ରଦର୍ଶନର ବ୍ୟାପକତା ନେଇ ରାଜ୍ୟ ସରକାର ଆଗାମୀ ଦିନରେ ପଦକ୍ଷେପ ନେବା ଲୋଡ଼ା ,ଯାହା ଅନେକଙ୍କୁ ମାର୍ଗଦର୍ଶନ କରାଇବାରେ ସହାୟକ ହୋଇପାରେ। ଏକ୍ସପୋରେ ଥିବା ୬୦୦ ରୁ ଅଧିକ ଷ୍ଟାର୍ଟଅପ୍ ଏବଂ କମ୍ପାନୀଗୁଡ଼ିକୁ ପରିଦର୍ଶନ ସୃଜନଶୀଳତାକୁ ଗୁରୁତ୍ୱ ଦେଉଥିବା ବର୍ଗଙ୍କୁ ଆଗକୁ ବଢ଼ିବାରେ ପ୍ରରୋଚିତ କରିପାରିବ। ଏଆଇ ଚାଳିତ ସେବା ପ୍ରଦାନକୁ ଆଗେଇ ନେବାରେ ସୁସଂଗଠିତ କାର୍ଯ୍ୟକାରିତା ଏବଂ ବିଭିନ୍ନ କ୍ଷେତ୍ର ମଧ୍ୟରେ ସହଯୋଗର ଗୁରୁତ୍ୱକୁ ଏହି ଆଲୋଚନାଗୁଡ଼ିକ ପ୍ରାଧାନ୍ୟ ଦେଇଥିବା ଦୃଷ୍ଟିରୁ ଯେତେ ମତ ବିନିମୟ ହେବ ସୃଜନଶୀଳତା ପକ୍ଷ ସେତେ ବିସ୍ତାରିତ ହୋଇପାରିବ।

# ହେଲପ୍ ମାଗୁଛି ଷ୍ଟ୍ରିଟ ଲାଇନ ହେଲପ୍ ଲାଇନ

## ଗଙ୍ଗାଧର ସାମଲ

ଧରନ୍ତୁ ଆପଣ ରାସ୍ତାରେ ଏକାକୀ ଯାଉଛନ୍ତି, ଆକସ୍ମିକ ଭାବେ ଆପଣଙ୍କ ସାମ୍ନାରେ କୌଣସି ଅପରାଧ ସଂଗଠିତ ହେଉଥିଲେ ତାହାଲେ କ'ଣ କରିବେ ? ସରକାରଙ୍କ ବ୍ୟବସ୍ଥାରେ ଯାହା ରହିଛି ତାହାହେଲେ ସିଧାସଳଖ ଆପଣ କ୍ରାଇମ ୟୁନିଟକୁ ତତ୍କାଳ ଓ ଦୂରଭାଷ ମାଧ୍ୟମରେ ସୂଚନା ଦେଇପାରିବେ। ଆପଣଙ୍କ ମାତ୍ର ଗୋଟିଏ କଲ ଦ୍ୱାରା ପୋଲିସ ତୁରନ୍ତ ସଂଗଠିତ ଅଞ୍ଚଳରେ ଆପଣଙ୍କ ପାଖରେ ପହଞ୍ଚି ପାରିବ। ସେହିପରି ସବୁ ଆପତ୍ତି ଅଭିଯୋଗ ମଧ୍ୟ ପ୍ରଦାନ କରିବା ପାଇଁ ଯେ ଅଭିଯୋଗକାରୀଙ୍କୁ ଡିସିପିଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡ଼ିବ ଏମିତି କିଛି ବାଧ୍ୟବାଧକତା ନାହିଁ। ଆପଣ ଚାହିଁଲେ ଆପଣଙ୍କ ଘରେ ମୋବାଇଲ ହ୍ୱାଟସଆପ୍‌ରେ ଏ ସମ୍ପର୍କିତ ଆପତ୍ତି ଅଭିଯୋଗ ମାମଲା ଦରଜ କରିପାରିବେ। ଆପଣଙ୍କ ଅଭିଯୋଗ ହ୍ୱାଟସଆପ୍ ଦ୍ୱାରା ହିଁ ଯଥେଷ୍ଟ। ପୋଲିସ ଆପଣଙ୍କ ଅଭିଯୋଗ ପାଇବା ପରେ ତଦନ୍ତ ଓ ପଦକ୍ଷେପ ନିଶ୍ଚିନ୍ତ ନିର୍ବାହ କରିବ। କିନ୍ତୁ ବଡ଼ କଥା ହେଉଛି କଟକ ପରି ଏକ ବଡ଼ ସହରରେ ପୋଲିସ ବ୍ୟବସ୍ଥାର ଉପରୋକ୍ତ ଦୁଇଟି ଯାକ ବ୍ୟବସ୍ଥା ଏକରକମ ନିଦେଇ ଯାଇଛି। କହିବାକୁଗଲେ ଅଚଳ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଜିର ସମୟ ଡିଜିଟାଲ, ଅନଲାଇନ ଯୋଗାଯୋଗ ବ୍ୟବସ୍ଥାର ସମୟ। ଏପରି ଏକ ସମୟରେ ପୋଲିସ ପ୍ରଶାସନର ଜାରି କରିଥିବା ଦୁଇଟି ଯାକ ନମ୍ବର ବନ୍ଦ ହେବା ଏକ ଆଶ୍ଚର୍ଯ୍ୟକର କଥା।

ଠିକ ଦୁଇ ବର୍ଷ ତଳେ ଅର୍ଥାତ୍ ୨୦୨୪ ଫେବୃଆରୀ ମାସରେ ଅର୍ଥାତ୍ ସାଧାରଣ ନିର୍ବାଚନ ପୂର୍ବରୁ କଟକ ପୁଲିସ ପକ୍ଷରୁ ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ନିଆଗଲା। ରାହାଜାନୀ, ନକଲି ପୁଲିସର ଠକେଇ ଘଟଣାବଢ଼ିବା ପରେ ପୁଲିସ ସହିତ ତୁରନ୍ତ ଯୋଗାଯୋଗ କରିବା ପାଇଁ ଏକ ହେଲ୍ପଲାଇନ ନମ୍ବର '୦୭୯୭୮୮୯୪୪୦୫'ଆରମ୍ଭ କରାଗଲା। ଷ୍ଟ୍ରିଟ କ୍ରାଇମ ପ୍ରିଭେନସନ ଆଣ୍ଡ ଡିଟେକସନ ୟୁନିଟରେ ଏହି ମୋବାଇଲ ନମ୍ବର ରହିଲା। ଲୋକେ ଫୋନ କଲା ମାତ୍ରେ ସୂଚନା ଆଧାରରେ ତୁରନ୍ତ କଂଟ୍ରୋଲ ରୁମ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଥାନା ଓ ପିସିଆର ଭ୍ୟାନ ଏବଂ ବାଇକ ପିସିଆର ଆଲର୍ଟ କରୁଥିଲା। ଯେଉଁ କଲ ୧୧୨କୁ ଗଲେ କିଛି ପର୍ଯ୍ୟାୟରେ ଆସି ଥାନାରେ ପହଞ୍ଚୁଥିଲା ତାହା ସିଧାସଳଖ ପିସିଆର ପାଖରେ ପହଞ୍ଚିବାରୁ କାର୍ଯ୍ୟାନୁଷ୍ଠାନ ମଧ୍ୟ ତତ୍‌କ୍ଷଣାତ ହେଲା। ତେଣୁ ସହରରେ ବିଭିନ୍ନ ଅପରାଧ ଓ ଅଘଟଣ ବିଷୟ ଜାଣି ଲୋକେ ସେହି ନମ୍ବରରେ ଜଣାଇଲେ। ମାତ୍ର ଏହି ନମ୍ବରର ପ୍ରଚାର ପ୍ରସାର ନ ହେବାରୁ ତାହା ସହରବାସୀ ଠିକ ଭାବେ କାମରେ ଲଗାଇଲେ ନାହିଁ। କିଛି ମାସ ପରେ ଉକ୍ତ ନମ୍ବରରେ ଆଉ କଲ ଆସିବା ବନ୍ଦ ହୋଇଗଲା। ଏବେ ଏହି ନମ୍ବର ଚାଲୁଛି କି ନାହିଁ ତାହା ଲୋକ ଜାଣିନାହାନ୍ତି। ସବୁଦିନ ସହରରେ ମାଳମାଳ ଚୋରି, ଛିନ୍‌ତାଇ ଓ ଦୁର୍ଘଟଣା ହେଉଥିଲେ ବି ଏହି ନମ୍ବରରେ କେହି ଫୋନ କରୁନାହାନ୍ତି।

ଅନ୍ୟପକ୍ଷରେ ଗତ ୨୦୨୧ମେ' ମାସରେ କଟକ ପୁଲିସ ପକ୍ଷରୁ ଏକ ହ୍ୱାଟସଆପ ନମ୍ବର ୮୭୬୩୦୬୮୧୬୭ ଜାରି କରାଯାଇଥିଲା। ଏହି ନମ୍ବରରେ ସହରବାସୀ ନିଜର ଅଭିଯୋଗକୁ ପିଟିସନ ଭାବେ ଦାଖଲ କରିପାରିବେ ବୋଲି ପୁଲିସ ପକ୍ଷରୁ କୁହାଗଲା। ଏହାକୁ କାର୍ଯ୍ୟକାରୀ କରିବା ପରେ ବହୁ ଲୋକଙ୍କ ଅଭିଯୋଗ ତତ୍‌କ୍ଷଣାତ ସମାଧାନ ହୋଇପାରିଲା। ଜଣେ ଏଡ଼ିସିପି ଓ ଜଣେ ଏସିପି ଅଭିଯୋଗ ଆଧାରରେ ନିଆଯାଉଥିବା ପଦକ୍ଷେପର ଅଗ୍ରଗତି ଟ୍ରାକ କରିଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୂର୍ବରୁ ଅଭିଯୋଗ ଦାଖଲ ପାଇଁ ଜଣେ ଅଧିକାରୀଙ୍କୁ ଭେଟିବାକୁ ସମୟ ନେବାକୁ ପଡୁଥିଲା। ମାତ୍ର ହ୍ୱାଟସଆପରେ ଅଭିଯୋଗ ଯିବା ପରେ ଉକ୍ତ ଅଫିସରଙ୍କ ପାଖରେ ତାର କପି ତୁରନ୍ତ ପହଞ୍ଚିଲା ଓ କ'ଣ କାର୍ଯ୍ୟାନୁଷ୍ଠାନ ନିଆଗଲା ତାହା ମଧ୍ୟ ସେହି ନମ୍ବରରେ ସୂଚନା ଦିଆଗଲା। ଏଭଳି ବ୍ୟବସ୍ଥା ଗଲା ୨୦୨୪ ମସିହା ଶେଷ ପର୍ଯ୍ୟନ୍ତ ପ୍ରାୟ ଠିକଠାକ୍ ଚାଲୁଥିଲା। ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥା ଥଣ୍ଡା ପଡ଼ିଗଲା ଯାହାଫଳରେ ଅଭିଯୋଗକାରୀ ମାନଙ୍କୁ ପୂର୍ବରୁ ରହିଥିବା ବ୍ୟବସ୍ଥା ପରି ଡିସିପିଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ସେହିପରି ଏହି ଜାରି ହୋଇଥିବା ନମ୍ବରରେ ଅଭିଯୋଗ ପାଇବା ପରେ ଆନ୍ତରିକତା ଓ ତତ୍ପରତା ନଥିବାରୁ କାଁ ଭାଁ କେହି କେବେ ଅଭିଯୋଗ ଯାହା ପଠାଉଛନ୍ତି। ବର୍ତ୍ତମାନର ଡିଜିଟାଲ ଓ ଅନ୍‌ଲାଇନ ଯୋଗାଯୋଗ ତ୍ୱରିତ ବ୍ୟବସ୍ଥା ସମୟରେ ଏଭଳି ଏକ ଲୋକଙ୍କୁ ଯୋଡ଼ି ପାରୁଥିବା ଓ ତତ୍କାଳ ସୁରକ୍ଷା ସହାୟତା ପ୍ରଦାନ କରୁଥିବା ଲୋକାଭିମୁଖୀ ଓ ଗୁରୁତ୍ୱପୂର୍ଣ୍ଣ ଯୋଜନାଟିକୁ ସତେ ଯେପରି ଅଚଳ କରିଦିଆଯାଇଛି। ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ନମ୍ବର ଦୁଇଟି କାମ କରୁଛନ୍ତି ବୋଲି ଜଣାଇବା ସହ ଲୋକମାନେ ଅନ୍ୟ ବିକଳ୍ପ ପସନ୍ଦ କରୁଛନ୍ତି ବୋଲି ମତ ରଖୁଛନ୍ତି। ଲୋକ ସମ୍ବଳ ଅଭାବ ପୋଲିସ ଦର୍ଶାଇ ଅଭିଯୋଗକୁ ପ୍ରାୟତଃ ଖାମଖିଆଲି ଭାବେ ଦେଖୁଥିବାରୁ ଲୋକମାନେ ବଡ଼ ସମସ୍ୟାକୁ ସାମ୍ନା କରିଥାନ୍ତି। ତେଣୁ ତୁରନ୍ତ ପୋଲିସ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରନ୍ତୁ।

କଟକ, ମୋ : ୮୩୨୮୯୪୮୬୪୩

# ଆମେରିକା ସହ ବୁଝାମଣା ନୂଆ ନୁହେଁ, ହୋହାଲ୍ଲା କାହିଁକି ?

## ଗୋପାଳ ମହାପାତ୍ର

> "ଦେଶର ପ୍ରତିଷ୍ପର୍ଦ୍ଧାର ପରିବେଷ ବଢିଛି। ବର୍ତ୍ତମାନର ମୋଦୀ ସରକାର ବଜେଟରେ ଅନେକ ବ୍ୟବସ୍ଥା କରିଛନ୍ତି। ଭାରତ ଏବେ ଏକ ଦ୍ରୁତଗତିଶୀଳ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ଏବେ ଭାରତ ବିଶ୍ୱର ୪ର୍ଥ ଅର୍ଥବ୍ୟବସ୍ଥା ଓ ଓ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ 'ବିକଶିତ ଭାରତ'ରେ ପରିଣତ ହେବାର ଆଶା ରହିଛି। ଦେଶକୁ ଏହି ଅବସ୍ଥାରେ ପହଞ୍ଚାଇବା ପାଇଁ ଯେ ସହଜ ହୋଇଛି ତା ନୁହେଁ। ୨୦୦୮ ମସିହା ଅକ୍ଟୋବର ମାସର କଥା ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ। ଏହି ସମୟରେ ଭାରତ ଆମେରିକା ମଧ୍ୟରେ ପରମାଣୁ ଚୁକ୍ତି ହୋଇଥିଲା। ଚୁକ୍ତିକୁ ବିରୋଧକରି ସରକାରର ସମର୍ଥକ ବାମଦଳ ମାନେ ଡ଼କ୍ଟର ମନମୋହନ ସିଂହ ସରକାରଙ୍କ ଠାରୁ ସମର୍ଥକ ପ୍ରତ୍ୟାହାର କରିନେଇଥିଲେ।

ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଗତ ୫ ତାରିଖ ସରକାର ବିରୋଧରେ ଯେତେବେଳେ ଅଭିଯୋଗ ପରେ ଅଭିଯୋଗ ଆଣିବାରେ ଲାଗିଲେ ସେତେବେଳେ ଅନେକେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼କ୍ଟର ମନମୋହନ ସିଂହଙ୍କୁ ମନେ ପକାଇଥିବେ ନିଶ୍ଚୟ। ରାହୁଲଙ୍କ ଅଭିଯୋଗକୁ ଲୋକସଭା ପୀଠ ଗ୍ରହଣ କରି ନ ଥିଲେ। କିନ୍ତୁ ମନମୋହନ ସିଂହଙ୍କ ସହ ଯୋଡି ହୋଇଥିବା ଦୃଷ୍ଟାନ୍ତ ଜରିଆରେ ବର୍ତ୍ତମାନର ଅବସ୍ଥାକୁ ବୁଝିବାକୁ ଉଦ୍ୟମ କଲେ ଚିତ୍ର କିନ୍ତୁ ଭିନ୍ନ ଜଣାପଡେ। ୧୯୯୧ ମସିହାରେ ଜୁଲାଇ ମାସ ୨୪ ତାରିଖ। ତତ୍‌କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଏହି ଦିନ ଯେଉଁ ପରିବର୍ତ୍ତନକାରୀ ବଜେଟ ଆଗତ କରିଥିଲେ ତାର ପ୍ରାରମ୍ଭିକ ଅଂଶ ଏବଂ ଶେଷଅଂଶ ଆଜିବି ମନେରହିଛି। ତାଙ୍କର ଭାଷଣର ପ୍ରଥମ କଥା ଥିଲା - 'ମହାନ୍ ଆର୍ଥିକ ଶକ୍ତି ଭାବେ ଭାରତର ଅଭ୍ୟୁଦୟର ସମୟ ଆସିଯାଇଛି'। ତାଙ୍କ ଭାଷଣର ଶେଷ ବାକ୍ୟ ଥିଲା 'ବିଶ୍ୱର କୌଣସି ଶକ୍ତି ସେଇ ବିଚାରକୁ ଅଟକାଇ ପାରିବନାହିଁ ଯାହାର ସମୟ ଆସିଯାଇଛି। ପ୍ରକୃତପକ୍ଷେ ଡ଼କ୍ଟର ସିଂହ ଅର୍ଥବ୍ୟବସ୍ଥାକୁ ସୁଧାରିବାର ବ୍ୟବସ୍ଥା କରିଥିଲେ। ଡ଼କ୍ଟର ସିଂହ ବଜେଟ ଆଗତ କରିବାର ଦୁଇ ମାସ ପୂର୍ବରୁ ଚନ୍ଦ୍ରଶେଖରଙ୍କ ସରକାର ୨୦ଟନ ସୁନା ୟୁନିୟନ ବ୍ୟାଙ୍କ ଅଫ ସୁଇଜରଲ୍ୟାଣ୍ଡରେ ବିକ୍ରୀ କରିଦେଇଥିଲେ। ସର୍ତ୍ତ ଥିଲା ଭାରତ ସରକାର ଯେତେବେଳେ ଚାହିଁବେ ସେଇ ସୁନାକୁ ପୁନର୍ବାର କିଣିପାରିବେ। ପି.ଭି. ନରସିଂହ ରାଓଙ୍କ ସରକାର ଶାସନକୁ ଆସିବା ପରେ ତାଙ୍କ ସରକାର ୪୭ ଟନ ସୁନା ବ୍ୟାଙ୍କ ଅଫ୍ ଇଂଲଣ୍ଡ ପାଖରେ ବନ୍ଧା ପକାଇଥିଲେ। ଏହି କାରଣରୁ ଭାରତର ଲୋକଙ୍କ ମନର ଦେଶରେ ଅର୍ଥବ୍ୟସ୍ଥାକୁ ନେଇ ନିରାଶା ଥିଲା। ଏଭଳି ଅବସ୍ଥାରେ ବଜେଟ ଆଗତ କରି ଡ଼କ୍ଟର ସିଂହ ଯାହା କହିଥିଲେ ତାକୁ ବିଶ୍ୱାସ କରିବା ମଧ୍ୟ କଠିନ ଥିଲା।

ସେ ସମୟରେ ଜର୍ଜ ଫର୍ଣ୍ଣାଣ୍ଡିଜ ଡ଼କ୍ଟର ସିଂହଙ୍କ ବଜେଟକୁ ସମାଲୋଚନା କରି ବଜେଟ ଭାରତର ଆର୍ଥିକ ସ୍ୱାଧୀନତା ଉପରେ ଆକ୍ରମଣ ବୋଲି କହିଥିଲେ। ଏପରିକି ଡ଼କ୍ଟର ସିଂହ ୱାସିଂଟନର ଏଜେଣ୍ଟ, ଇଷ୍ଟଇଣ୍ଡିଆ କମ୍ପାନୀ ପୁଣି ଫେରିବ । ଛୋଟ ଛୋଟ ଉଦ୍ୟୋଗର ବିନାଶ ପାଇଁ ବଜେଟ ଉଦିଷ୍ଟ ବୋଲି ଫର୍ଣ୍ଣାଣ୍ଡିଜ କହିଥିଲେ। ସେତେବେଳର ବିରୋଧୀଦଳର ଟାଣୁଆ ନେତା ଅଟଳବିହାରୀ ବାଜପେୟୀ କହିଥିଲେ 'ଭାରତର ସ୍ୱାର୍ଥକୁ ଅଣଦେଖା କରାଯିବା ଉଚିତ୍ ନୁହେଁ, ଆମକୁ ବଜାରର ଆବଶ୍ୟକତା ରହିଛି କିନ୍ତୁ ବଜାରବାଦ ନୁହେଁ'। ସେତେବେଳେ ସମାଜର ଅନେକ ବୁଦ୍ଧିଜୀବୀ ମଧ୍ୟ ବଜେଟକୁ ସମାଲୋଚନା କରିଥିଲେ। ଅନେକ ମଧ୍ୟ ଦେଶକୁ ବିଘଟନ ଆଡ଼କୁ ନିଆଯାଉଛି ବୋଲି କହିଥିଲେ। କିନ୍ତୁ ପ୍ରକୃତରେ କ'ଣ ଘଟିଥିଲା ? ଡ଼କ୍ଟର ମନମୋହନ ସିଂହ ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ଯେଉଁ ପଦକ୍ଷେପ ନେଇଥିଲେ ତାର ଫଳ ସ୍ୱରୂପ ନରସିଂହ ରାଓ ଓ ଡ଼କ୍ଟର ସିଂହଙ୍କ ଯୋଡି କିଛି ମାସ ପରେ ବିଦେଶରେ ବନ୍ଧା / ବିକ୍ରୀ ହୋଇଥିବା ସବୁ ସୁନା ଭାରତକୁ ଫେରାଇ ଆଣିଥିଲେ ଏବେ ଆମ ଦେଶ ଅଧିକ ସୁନା କିଣୁଥିବା ଦେଶମାନଙ୍କ ମଧ୍ୟରେ ରହିଛି। ୧୯୯୬ ଓ ପରେ ୧୯୯୮ରେ ଅଟଳ ବିହାରୀ ବାଜପେୟୀ ଡ଼କ୍ଟର ସିଂହଙ୍କ ନୀତିକୁ ଅଧିକ ଗତିଶୀଳ କରାଇଥିଲେ।

ଡ଼କ୍ଟର ସିଂହଙ୍କ ବଜେଟର ପ୍ରଭାବ ସକରାତ୍ମକ ଥିଲା। ଫଳସ୍ୱରୂପ ଟାଟା, ବିରଳା, ମହିନ୍ଦ୍ରା, ଏୟାରଟେଲ, ରିଲାଏନ୍ସ, ଆଦାନୀ ସମେତ ଅନେକ ଭାରତୀୟ କମ୍ପାନୀ ବହୁରାଷ୍ଟ୍ରୀୟ କମ୍ପାନୀରେ ପରିଣତ ହୋଇପାରିଛନ୍ତି। ଦେଶର ପ୍ରତିଷ୍ପର୍ଦ୍ଧାର ପରିବେଶ ବଢିଛି। ବର୍ତ୍ତମାନର ମୋଦୀ ସରକାର ବଜେଟରେ ଅନେକ ବ୍ୟବସ୍ଥା କରିଛନ୍ତି। ଭାରତ ଏବେ ଏକ ଦ୍ରୁତଗତିଶୀଳ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ଏବେ ଭାରତ ବିଶ୍ୱର ୪ର୍ଥ ଅର୍ଥବ୍ୟବସ୍ଥା ଓ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ 'ବିକଶିତ ଭାରତ'ରେ ପରିଣତ ହେବାର ଆଶା ରହିଛି। ଦେଶକୁ ଏହି ଅବସ୍ଥାରେ ପହଞ୍ଚାଇବା ପାଇଁ ଯେ ସହଜ ହୋଇଛି ତା ନୁହେଁ। ୨୦୦୮ ମସିହା ଅକ୍ଟୋବର ମାସର କଥା ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ। ଏହି ସମୟରେ ଭାରତ ଆମେରିକା ମଧ୍ୟରେ ପରମାଣୁ ଚୁକ୍ତି ହୋଇଥିଲା। ଚୁକ୍ତିକୁ ବିରୋଧକରି ସରକାରର ସମର୍ଥକ ବାମଦଳ ମାନେ ଡ଼କ୍ଟର ମନମୋହନ ସିଂହ ସରକାରଙ୍କ ଠାରୁ ସମର୍ଥକ ପ୍ରତ୍ୟାହାର କରିନେଇଥିଲେ। କିନ୍ତୁ ବାମ ଦଳର ସମର୍ଥନ ପ୍ରତ୍ୟାହାରର କିଛି ଘଣ୍ଟା ମଧ୍ୟରେ ମୁଲାୟାମ ସିଂହ ମନମୋହନ ସରକାରଙ୍କୁ ସମର୍ଥନ କରିବା ପାଇଁ ଆଗେଇ ଆସିଥିଲେ। ବାମଦଳ ପରମାଣୁ ଚୁକ୍ତିକୁ ଦେଶର ସ୍ୱାର୍ଥ ପାଇଁ ହାନୀକାରକ ବୋଲି କହିଥିଲେ। ସେତେବେଳେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନି ମଧ୍ୟ ଚୁକ୍ତିକୁ ସମାଲୋଚନା କରି କହିଥିଲେ ଯେ ଏହି ଚୁକ୍ତି ଭାରତକୁ ଆମେରିକାର ଜୁନିୟର ପାର୍ଟନର କରିଦେବ। ଏତେ ସବୁ ବିରୋଧ ପରେ ମଧ୍ୟ ମନମୋହନ ସିଂହ ଚୁକ୍ତିରୁ ଓହରି ନଥିଲେ। ସଂସଦରେ ଚୁକ୍ତି ପ୍ରସଙ୍ଗରେ ତାଙ୍କର ଉତ୍ତର ଥିଲା 'ମୁଁ ଏଠି ଦେଶକୁ ବିକିବା ପାଇଁ ଠିଆ ହୋଇ ନାହିଁ,ଏହି ବୁଝାବଣା ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ କରିବ'। ମନମୋହନ ଭୁଲ ନ ଥିଲେ ଏବଂ ଏହାର ସବୁଠାରୁ ବଡ଼ ପ୍ରମାଣ ହେଉଛି ବର୍ତ୍ତମାନର ସରକାର ମଧ୍ୟ ଆମେରିକା ସହ ପରମାଣୁ ଶକ୍ତି ମାମଲାରେ ବୁଝାମଣା କରିଛନ୍ତି।

ଏ ସବୁରୁ କ'ଣ ସେତେବେଳର ଓ ଏବେର ରାଜନୈତିକ ଘଟଣାକ୍ରମ ବାବଦରେ କିଛି ଜଣାପଡୁନାହିଁ ? ଭାରତ -ଆମେରିକା ବୁଝାମଣାକୁ ନେଇ ଏବେ ଦେଶରେ ହୋହାଲ୍ଲା ଚାଲିଛି ଯାହା ସେତେବେଳେ ମଧ୍ୟ ହେଉଥିଲା। ୧୯୯୧ରୁ ୨୦୦୮ ମଧ୍ୟରେ ଭାରତ ଏଭଳି ଅନେକ କଥା ଦେଖିଛି। ଫରକ ହେଉଛି ସେତେବେଳେ ଯେଉଁମାନେ ଆମେରିକା ସହ ବିରୋଧ କରୁଥିଲେ ସେମାନେ ଏବେ ଶାସନରେ ଏବଂ ଯେଉଁମାନେ ଚୁକ୍ତି କରିଥିଲେ ସେମାନେ ଏବେ ବିରୋଧୀ ଦଳରେ ବସିଛନ୍ତି। ସଂସଦରେ ବସିବାର ସ୍ଥାନ ବଦଳିବା ସହ ଆମ ମାନନୀୟ ମାନଙ୍କର ନୀତି ଓ କାର୍ଯ୍ୟଶୈଳୀ କାହିଁକି ବଦଳି ଯାଇଛି ? ଆମେରିକା ସହ ଯେଉଁ ଚୁକ୍ତି ହୋଇଛି ତାହା କାର୍ଯ୍ୟକାରୀ ହେବାକୁ ସମୟ ଅଛି। ଚୁକ୍ତିକୁ ନେଇ ସରକାର ସ୍ପଷ୍ଟ କରିଛନ୍ତି ଯେ ଦେଶର କୃଷକ, ଶ୍ରମିକ ଏବଂ ଭାରତୀୟ ବ୍ୟବସାୟୀଙ୍କ ସ୍ୱାର୍ଥହାନୀ ହେବା ଭଳି କୌଣସି ବୁଝାବଣା ହେବ ନାହିଁ। କିନ୍ତୁ ହଟ୍ଟଗୋଳ ଚାଲିଛି।

ସିଦ୍ଧାନ୍ତ ବା ବ୍ୟବହାରିକ ଭାବେ କୌଣସି ସଂପ୍ରଭୁ ଦେଶକୁ କେବଳ ବର୍ତ୍ତମାନର ସରକାର ପ୍ରତି ପସନ୍ଦ ବା ନାପସନ୍ଦରେ ଅଙ୍କାଯାଇପାରିବନାହିଁ। ଆଜି ବି ଦେଶରେ ସେ ସମୟର ଲୋକ ଅଛନ୍ତି ଯେଉଁମାନଙ୍କୁ ୧୯୬୫-୬୬ରେ ଆମେରିକାରୁ ଆସିଥିବା ଗହମ ଖାଇବାକୁ ପଡିଥିଲା ଯେଉଁ ଗହମ ସେ ଦେଶର କୁକୁଡାଙ୍କ ଖାଦ୍ୟ ଭାବେ ପରିଚିତ ଥିଲା। କିନ୍ତୁ ଦେଶର ହରିତ୍‌କ୍ରାନ୍ତି ହେଲା ଓ ଦେଶ ସ୍ୱାଭିମାନ ଫେରିପାଇଲା। ଯେତେବେଳେ ବିଦେଶୀ ବ୍ୟାଙ୍କମାନେ ଦେଶର କାମ ଆରମ୍ଭ କଲେ ଓ ଦେଶକୁ ବିଦେଶୀ ଗାଡି ଆସିଲା ସେତେବେଳେ ମଧ୍ୟ ବିରୋଧ କରାଯାଇଥିଲା। ଏମିତି ଅନେକ ଉଦାହରଣ ରହିଛି ଭାରତବାସୀ ହଜିଯାଇଥିବା ଗୌରବ ଫେରି ପାଇବା ପାଇଁ ସ୍ୱାଧୀନତା ପୂର୍ବରୁ ପ୍ରୟାସ କରୁଛନ୍ତି ? ବିଗତ ୭୬ ବର୍ଷ ମଧ୍ୟରେ ଯଦି କିଛି ଦୁଃଖଦ ଘଟଣା ରହିଛି ଅନେକ ସୁଖଦ ଘଟଣା ମଧ୍ୟ ରହିଛି। ଅନେକ କଥା ଆମକୁ ଲଜ୍ଜିତ କରିଛି ପୁଣି ଗର୍ବ କରିବା ପାଇଁ ମଧ୍ୟ ଅନେକ କିଛି ରହିଛି। ଆମକୁ ଆମ ସ୍ୱପ୍ନ ପୁରଣ କରିବା ପାଇଁ ଆମେ ଚାହୁଁନେ କାହିଁକି ?

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ପ୍ରକୃତରେ ସୁଖୀ କିଏ ?

## ଅଖିଳ ତରାଇ

> "ସୁଖ କୌଣସି ବଜାରରେ ବିକ୍ରି ହେଉଥିବା ବସ୍ତୁ ନୁହେଁ କିମ୍ବା ଏହା ବ୍ୟାଙ୍କ ବାଲାନ୍ସରୁ ମପାଯାଇ ପାରିବ ନାହିଁ। ଏହା ଏକ ମାନସିକ ଅବସ୍ଥା। ଯଦି ଆମେ ଆଜିର ପିଢ଼ିକୁ କେବଳ 'ସଫଳ' ହେବା ପାଇଁ ଶିକ୍ଷା ଦେବା, ତେବେ ସେମାନେ କେବଳ ଏକ ଅସରନ୍ତି ଦୌଡ଼ର ଅଂଶୀଦାର ହୋଇ ରହିଯିବେ। ଆମକୁ ଶିଖିବାକୁ ହେବ ଯେ, ଗଛର ଛାଇରେ ବସିବା, ପରିବାର ସହ ହସିବା ଏବଂ କାହାର ସାହାଯ୍ୟ କରିବା ଭିତରେ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା କୌଣସି ଦାମୀ କାର୍ କିମ୍ବା ଅଟ୍ଟାଳିକା ଦେଇପାରିବ ନାହିଁ। ଶେଷରେ ଏତିକି କୁହାଯାଇପାରେ ଯେ, ଏହି ଦୁନିଆରେ ସୁଖୀ ସେହି ବ୍ୟକ୍ତି, ଯିଏ ନିଜକୁ ଅନ୍ୟ ସହ ତୁଳନା କରିବା ବନ୍ଦ କରିଦେଇଛି। ଯାହାର ମନରେ ଈର୍ଷା ନାହିଁ, ଯାହାର ହୃଦୟରେ କୃତଜ୍ଞତା ଅଛି, ସେ ହିଁ ସର୍ବଶ୍ରେଷ୍ଠ ସୁଖୀ।

ମଣିଷ ସଭ୍ୟତାର ବିକାଶ କ୍ରମରେ ଆମେ ପଥର ଯୁଗରୁ ଆସି ଆଜି କୃତ୍ରିମ ବୁଦ୍ଧିମତା ଯୁଗରେ ପହଞ୍ଚିଛୁ। ଆମ ପାଖରେ ବିଜ୍ଞାନ ଅଛି, ବିଳାସ ଅଛି ଏବଂ ଜୀବନକୁ ସହଜ କରିବା ପାଇଁ ଅଜସ୍ର ସମ୍ବଳ ଅଛି। କିନ୍ତୁ ଏହି ସବୁ ସୁବିଧା ସତ୍ତ୍ୱେ ଆଜିର ମଣିଷ ସବୁଠାରୁ ଅଧିକ ଅଶାନ୍ତ ଏବଂ ଦୁଃଖୀ। ମଣିଷ ଜୀବନର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ସେ ସାରା ଜୀବନ ଯାହାକୁ ଖୋଜିଥାଏ, ତାହାର ସଠିକ୍ ପରିଭାଷା ସେ ନିଜେ ଜାଣି ନଥାଏ। ସକାଳୁ ରାତି ପର୍ଯ୍ୟନ୍ତ ଏକ ଅଜଣା ପ୍ରତିଯୋଗିତାରେ ଦୌଡୁଥିବା ମଣିଷ ପାଖରେ ସବୁକିଛି ଅଛି, କେବଳ 'ସୁଖ'କୁ ଛାଡ଼ି। ପ୍ରଶ୍ନ ଉଠେ, ଏହି ବିଶାଳ ପୃଥିବୀରେ ପ୍ରକୃତରେ ସୁଖୀ କିଏ ? କେଉଁଠି ମିଳେ ସେହି ସୁଖ, ଯାହା ପାଇଁ ମଣିଷ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷ କରିଚାଲେ ? ଛୋଟ ପିଲାଟିଏ ଠାରୁ ଆରମ୍ଭ କରି ଜଣେ ଅତି ବୃଦ୍ଧ ବ୍ୟକ୍ତି ପର୍ଯ୍ୟନ୍ତ, ସମସ୍ତେ କିଛି ନା କିଛି ଅଭାବବୋଧ ଭିତରେ ଗତି କରୁଛନ୍ତି। ଯାହା ପାଖରେ ଯାହା ଅଛି, ସେଥିରେ ସେ ସନ୍ତୁଷ୍ଟ ନାହିଁ; ବରଂ ଯାହା ନାହିଁ, ତାହା ପାଇବା ପାଇଁ ସେ ନିଜର ବର୍ତ୍ତମାନର ଶାନ୍ତିକୁ ଜଳାଞ୍ଜଳି ଦେଉଛି।

ଆମ ଦୁଃଖର ସବୁଠାରୁ ବଡ଼ କାରଣ ହେଉଛି ଆମର ଅସରନ୍ତି ଇଚ୍ଛା। ମଣିଷର ମନ ଏଭଳି ଭାବେ ଗଢ଼ା ଯେ, ସେ ଯାହା ପାଏ ସେଥିରେ ଅଳ୍ପ ସମୟ ପାଇଁ ଖୁସି ହୁଏ ଏବଂ ତା'ପରେ ଆଉ କିଛି ନୂଆ ପାଇବା ପାଇଁ ବ୍ୟାକୁଳ ହୋଇଉଠେ। ଜଣେ ଶିକ୍ଷିତ ଯୁବକ ଭାବୁଛି, ଯଦି ତାକୁ ଚାକିରିଟିଏ ମିଳିଯାଏ, ତେବେ ସେ ଦୁନିଆର ସବୁଠାରୁ ସୁଖୀ ମଣିଷ ହେବ। କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଚାକିରି ମିଳିବା ପରେ ସେହି ସୁଖ କ୍ଷଣସ୍ଥାୟୀ ହୋଇଯାଏ। ଅଫିସର କାମ ଚାପ, ପଦୋନ୍ନତିର ଅନ୍ଧ ପ୍ରତିଯୋଗିତା ଏବଂ ସହକର୍ମୀଙ୍କ ସହ ନିରନ୍ତର ତୁଳନା ତାକୁ ପୁଣି ଦୁଃଖର ସାଗରକୁ ଠେଲିଦିଏ। ତା'ର ମନେହୁଏ, ହୁଏତ ଅନ୍ୟ କୌଣସି ବଡ଼ ଚାକିରି କଲେ ସେ ସୁଖୀ ହେବ। ସେ ଚାକିରି ନଥାଇ ଯେତିକି ଦୁଃଖୀ ଥିଲା, ଚାକିରି ପାଇ ମଧ୍ୟ ସେତିକି ଦୁଃଖୀ ରହେ। ଏହିପରି ଭାବେ 'ସୁଖ' ତା' ପାଇଁ ଏକ ମରୀଚିକା ପାଲଟିଯାଏ।

ଆଜିର ମଣିଷ ସୁଖକୁ ବସ୍ତୁ ସହିତ ତୁଳନା କରୁଛି। ସାଇକେଲ ଥିବା ଲୋକଟିଏ ଭାବୁଛି ବାଇକ୍ ହେଲେ ସେ ସୁଖୀ ହେବ। ବାଇକ୍ ବାଲା ଭାବୁଛି କାର୍ ହେଲେ ଭଲ ହେବ। ଏହି କ୍ରମ କେବେ ଅଟକେ ନାହିଁ। କାର୍ ଥିବା ବ୍ୟକ୍ତି ବିଳାସପୂର୍ଣ୍ଣ ଗାଡ଼ି ଖୋଜୁଛି ଏବଂ ତା'ପରେ ପ୍ରାଇଭେଟ୍ ଜେଟ୍। ଏହି ତୁଳନା ହିଁ ଆମ ଶାନ୍ତିର ଶତ୍ରୁ। ଆମେ ନିଜ ପାଖରେ ଥିବା ଜିନିଷକୁ ଉପଭୋଗ କରିବା ପରିବର୍ତ୍ତେ, ଅନ୍ୟ ପାଖରେ କ'ଣ ଅଛି ତାହା ଦେଖି ଦୁଃଖୀ ହେଉ। ଧନୀ ବ୍ୟକ୍ତି ଅଧିକ ଧନ ପାଇଁ ଦୁଃଖୀ। ସମସ୍ତେ ନିଜ ନିଜ ସ୍ତରରେ ଗୋଟିଏ 'ଉଚ୍ଚ ସ୍ଥାନ'କୁ ଯିବାକୁ ଚାହୁଁଛନ୍ତି, କିନ୍ତୁ ସେହି ସ୍ଥାନର କୌଣସି ଶେଷ ସୀମା ନାହିଁ। ଯେତେବେଳେ ଆମେ ବସ୍ତୁକୁ ସୁଖର ମାଧ୍ୟମ ବୋଲି ଭାବିନେଉ, ସେତେବେଳେ ଆମେ ଏକ ଅସରନ୍ତି ଚକ୍ରବ୍ୟୂହରେ ଫସିଯାଉ।

ରାଜନୈତିକ ଏବଂ ସାମାଜିକ ସ୍ତରରେ ମଧ୍ୟ ଏହି ସମାନ ପ୍ରକୃତି ଦେଖିବାକୁ ମିଳେ। ଜଣେ ସାଧାରଣ କର୍ମୀ ବିଧାୟକ ହେବାକୁ ଚାହୁଁଛି, ବିଧାୟକ ମନ୍ତ୍ରୀ ହେବାକୁ ଚାହୁଁଛି ଏବଂ ମନ୍ତ୍ରୀ ମୁଖ୍ୟମନ୍ତ୍ରୀ ହେବା ପାଇଁ ଦିନରାତି ଏକ କରିଦେଉଛି। କିନ୍ତୁ ସେହି ସର୍ବୋଚ୍ଚ ପଦବୀରେ ପହଞ୍ଚିବା ପରେ ମଧ୍ୟ କ'ଣ ସେହି ବ୍ୟକ୍ତି ପ୍ରକୃତରେ ଶାନ୍ତି ପାଏ ? ଉତ୍ତର ହେଉଛି— ନା। କାରଣ ମଣିଷର ଲୋଭ ଓ ଆଶା ଏକ ଅତଳ ସମୁଦ୍ର ଭଳି, ଯାହାକୁ ଯେତେ ପୂରଣ କଲେ ମଧ୍ୟ ତାହା କେବେ ଭର୍ତ୍ତି ହୁଏ ନାହିଁ। କ୍ଷମତାର ଶିଖରରେ ପହଞ୍ଚିବା ପରେ ମଧ୍ୟ ତାକୁ ହରାଇବାର ଭୟ ବ୍ୟକ୍ତିକୁ ସବୁବେଳେ ଦୁଃଖୀ କରି ରଖିଥାଏ।

ଖାଲି ଧନ ବା ଗାଡ଼ି ନୁହେଁ, ଆଜିର ମଣିଷ ସମ୍ପର୍କ ଭିତରେ ମଧ୍ୟ ସୁଖ ପାଉନାହିଁ। କାହାକୁ ଭଲ ପାଇବା ମିଳେ, ତଥାପି ସେ ଆହୁରି ଅଧିକ ଆଶା କରେ। ପ୍ରେମ ଓ ସମ୍ପର୍କ ଆଜି ସର୍ତ୍ତମୂଳକ ହୋଇଯାଇଛି। ଆମେ ଅନ୍ୟଠାରୁ ସବୁବେଳେ କିଛି ପାଇବାକୁ ଆଶା ରଖୁ, କିନ୍ତୁ କିଛି ଦେବାକୁ ପଛେଇଯାଉ। ପିଲାଟିଏ ଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ କାହାର ନା କାହାର ଅଭାବ ଅନୁଭବ କରୁଛନ୍ତି। ପିଲାଟି ଭାବୁଛି ବଡ଼ ହେଲେ ସେ ସ୍ୱାଧୀନ ହେବ, ବୃଦ୍ଧ ଜଣକ ଭାବୁଛନ୍ତି ତାଙ୍କ ପିଲାଦିନ କେତେ ଭଲ ଥିଲା। ଆଶ୍ଚର୍ଯ୍ୟର କଥା ଯେ, ଆଜିର ମଣିଷ ପାଖରେ ସବୁକିଛି ଥାଇ ମଧ୍ୟ ସେ ନିଜକୁ ଅସହାୟ ଓ ଦୁଃଖୀ ମନେ କରୁଛି।

ଆମ ଦୁଃଖର ମୂଳ କାରଣ ହେଉଛି 'ତୁଳନା'। ଆମେ ନିଜ ପାଖରେ ଥିବା ଆଶୀର୍ବାଦକୁ ଦେଖିବା ପରିବର୍ତ୍ତେ ଅନ୍ୟ ପାଖରେ କ'ଣ ଅଛି, ତାହା ଉପରେ ଅଧିକ ନଜର ରଖୁ। ସୋସିଆଲ ମିଡିଆର ଏହି ଚମକପ୍ରଦ ଯୁଗରେ ଅନ୍ୟର 'ଫିଲ୍ଟର' ଦିଆ ଫଟୋ ଓ ବୁଲିବାକୁ ଯାଇଥିବା ସ୍ଥାନଗୁଡ଼ିକୁ ଦେଖି ଆମେ ନିଜର ସାଧାରଣ ଜୀବନକୁ ତୁଚ୍ଛ ମନେ କରୁଛୁ। ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳ ଯୋଗୁଁ ଆଜି ଆମ ଜୀବନଶୈଳୀ ସହଜ ହୋଇଛି ସତ, କିନ୍ତୁ ମାନସିକ ସ୍ତରରେ ଆମେ ସବୁଠାରୁ ଅଧିକ ଅଶାନ୍ତ। ଆମେ ବାହାର ଦୁନିଆକୁ ଜିତିବା ପାଇଁ ଚେଷ୍ଟା କରୁଛୁ, କିନ୍ତୁ ନିଜ ଭିତରର ଶାନ୍ତିକୁ ହରାଇ ବସୁଛୁ।



ମନୋବିଜ୍ଞାନ ଅନୁସାରେ, ସୁଖ କୌଣସି ଘଟଣା ଉପରେ ନୁହେଁ ବରଂ ସେହି ଘଟଣାକୁ ଆମେ କିଭଳି ଭାବରେ ଗ୍ରହଣ କରୁଛୁ ତା' ଉପରେ ନିର୍ଭର କରେ। ଯାହା ପାଖରେ କୋଟି କୋଟି ଟଙ୍କା ଅଛି, ସେ ହୁଏତ ରାତିରେ ଭଲ ନିଦ ପାଇବା ପାଇଁ ଔଷଧର ସାହାଯ୍ୟ ନେଉଛି। ଅପରପକ୍ଷରେ, ଦିନ ସାରା ମାଟି କାମ କରୁଥିବା ଜଣେ ଶ୍ରମିକ ତା'ର ରୁଟି-ଲୁଣ ଖାଇ ଗଛ ଛାଇରେ ନିଶ୍ଚିନ୍ତରେ ଶୋଇଯାଉଛି। ଏଠାରେ ପ୍ରଶ୍ନ ଉଠେ—ଧନୀ ଶ୍ରେଷ୍ଠ ନା ଶ୍ରମିକ ? ନିଶ୍ଚିତ ଭାବେ ସେହି ଶ୍ରମିକ, ଯାହା ପାଖରେ ମନର ଶାନ୍ତି ଅଛି। ଆମେ ଜାଣିବା ଉଚିତ୍ ଯେ ସୁଖ କୌଣସି ବାହ୍ୟ ବସ୍ତୁ ନୁହେଁ। ଏହା ଆମ ଭିତରେ ଥାଏ। ସୁଖ ମିଳେ ସ୍ୱୀକାର କରିବାରେ। ଆମେ ଯେତେବେଳେ ନିଜର ପରିସ୍ଥିତିକୁ ସ୍ୱୀକାର କରି ନେଉ, ସେତେବେଳେ ଦୁଃଖର ଭାର କମିଯାଏ। ଲୋଭର ଶେଷ ନାହିଁ, କିନ୍ତୁ ସନ୍ତୋଷର ଏକ ସୁନ୍ଦର ସୀମା ଅଛି।

ଏତେ ସବୁ ନକାରାତ୍ମକତା ଭିତରେ ବି କିଛି ଲୋକ ସୁଖୀ ଅଛନ୍ତି। ସ ଶାସ୍ତ୍ରରେ କୁହାଯାଇଛି ନସନ୍ତୋଷମ୍ ପରମମ୍ ସୁଖମ୍ ଯିଏ ନିଜ ପାଖରେ ଥିବା ସମ୍ବଳରେ ଖୁସି ରହିବା ଶିଖିଛି, ସେ ହିଁ ପ୍ରକୃତ ସୁଖୀ। ଉନ୍ନତି କରିବା ଭଲ, କିନ୍ତୁ ଅନ୍ଧ ଭାବେ ଗୋଡ଼ାଇବା ଦୁଃଖର କାରଣ।

'ଏ ଅତୀତକୁ ନେଇ ଅନୁଶୋଚନା କରେ ନାହିଁ କିମ୍ବା ଭବିଷ୍ୟତ ପାଇଁ ଅତ୍ୟଧିକ ଚିନ୍ତିତ ହୁଏ ନାହିଁ, ସେ ସୁଖୀ। ଆଜିର ମୁହୂର୍ତ୍ତକୁ ହସଖୁସିରେ ବିତାଇବା ହିଁ ଶ୍ରେଷ୍ଠ କଳା।

'ଯିଏ ଅନ୍ୟର ସାହାଯ୍ୟ କରେ, ତାକୁ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା କୌଣସି ଟଙ୍କା ଦେଇପାରିବ ନାହିଁ। ଅନ୍ୟର ମୁହଁରେ ହସ ଫୁଟାଇବା ବ୍ୟକ୍ତି କେବେ ହେଲେ ଦୁଃଖୀ ହୁଏ ନାହିଁ।

' ସ୍ୱାସ୍ଥ୍ୟ ହିଁ ସମ୍ପଦ। ଯାହାର ଶରୀର ରୋଗମୁକ୍ତ ଏବଂ ମନରେ ହିଂସା ନାହିଁ, ସେ ଜଣେ କୋଟିପତିଠାରୁ ମଧ୍ୟ ଅଧିକ ଭାଗ୍ୟବାନ।

ଯିଏ ସ୍ୱଳ୍ପରେ ସନ୍ତୁଷ୍ଟ ।ଯାହା ପାଖରେ ମୁଣ୍ଡ ଗୁଞ୍ଜିବାକୁ ଛାତଟିଏ ଏବଂ ଦୁଇ ଓଳି ଖାଇବାକୁ ଅଛି, ସେ ମଧ୍ୟ ଜଣେ ରାଜା ଭଳି ଜୀବନ ଅତିବାହିତ କରିପାରିବ, ଯଦି ତା' ମନରେ ହିଂସା ବା ଲୋଭ ନାହିଁ।

ସୁଖ କୌଣସି ବଜାରରେ ବିକ୍ରି ହେଉଥିବା ବସ୍ତୁ ନୁହେଁ କିମ୍ବା ଏହା ବ୍ୟାଙ୍କ ବାଲାନ୍ସରୁ ମପାଯାଇ ପାରିବ ନାହିଁ। ଏହା ଏକ ମାନସିକ ଅବସ୍ଥା। ଯଦି ଆମେ ଆଜିର ପିଢ଼ିକୁ କେବଳ 'ସଫଳ' ହେବା ପାଇଁ ଶିକ୍ଷା ଦେବା, ତେବେ ସେମାନେ କେବଳ ଏକ ଅସରନ୍ତି ଦୌଡ଼ର ଅଂଶୀଦାର ହୋଇ ରହିଯିବେ। ଆମକୁ ଶିଖିବାକୁ ହେବ ଯେ, ଗଛର ଛାଇରେ ବସିବା, ପରିବାର ସହ ହସିବା ଏବଂ କାହାର ସାହାଯ୍ୟ କରିବା ଭିତରେ ଯେଉଁ ଆତ୍ମସନ୍ତୋଷ ମିଳେ, ତାହା କୌଣସି ଦାମୀ କାର୍ କିମ୍ବା ଅଟ୍ଟାଳିକା ଦେଇପାରିବ ନାହିଁ।

ଶେଷରେ ଏତିକି କୁହାଯାଇପାରେ ଯେ, ଏହି ଦୁନିଆରେ ସୁଖୀ ସେହି ବ୍ୟକ୍ତି, ଯିଏ ନିଜକୁ ଅନ୍ୟ ସହ ତୁଳନା କରିବା ବନ୍ଦ କରିଦେଇଛି। ଯାହାର ମନରେ ଈର୍ଷା ନାହିଁ, ଯାହାର ହୃଦୟରେ କୃତଜ୍ଞତା ଅଛି, ସେ ହିଁ ସର୍ବଶ୍ରେଷ୍ଠ ସୁଖୀ। ଜୀବନ ଖୁବ୍ କ୍ଷଣସ୍ଥାୟୀ। ଆମେ କ'ଣ ପାଇଲେ ସୁଖୀ ହେବା ତାହା ଭାବିବା ପରିବର୍ତ୍ତେ, ଆମ ପାଖରେ ଯାହା ଅଛି ସେଥିରେ କେତେ ଖୁସି ରହିପାରିବା ତାହା ହିଁ ଜୀବନର ସଫଳତା। ତେଣୁ ଦୌଡ଼ିବା ବନ୍ଦ କରି ଅଳ୍ପ ସମୟ ସ୍ଥିର ହୁଅନ୍ତୁ, ନିଜ ଭିତରକୁ ଦେଖନ୍ତୁ, ସେଇଠି ହିଁ ଆପଣଙ୍କ ସୁଖ ଲୁଚି ରହିଛି।

ଗଞ୍ଜାମ, ମୋ: ୭୬୮୭୦୦୧୦୦୧

# ପଦବୀ ଚାଲିଯିବା ପରେ ଶିକ୍ଷାନୁଷ୍ଠାନ ନାମରେ ଅପପ୍ରଚାର

କାକଟପୁର,୧୯।୨ (ନିପ୍ର); ପୁରୀଜିଲ୍ଲା କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଜନୈକ ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ତାଙ୍କ ପଦବୀ ଚାଲିଯିବା ପରେ ସେ ପ୍ରତିଶୋଧ ପରାୟଣ ହୋଇ ଅଂଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ସହ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଜନୈକ ଶିକ୍ଷକଙ୍କ ନାମରେ ବାରମ୍ବାର ଅପପ୍ରଚାର କରୁଥିବା ନେଇ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ୍ତ ବୁଦ୍ଧିଜୀବୀ ଅଭିଭାବକ ଓ ଛାତ୍ରଛାତ୍ରୀ ମହଲରେ ଗଭୀର ଉଦବେଗ ପ୍ରକାଶ ପାଇଛି। ଖବରରୁ ପ୍ରକାଶ ବିଦ୍ୟାଳୟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିବା ଧୀରେନ୍ଦ୍ର ଚାନ୍ଦ ବିଦ୍ୟାଳୟର ବିକାଶ ଓ ପାରିପାର୍ଶ୍ୱିକ ଅବସ୍ଥାର ଉନ୍ନତି ଦିଗରେ ବାରମ୍ବାର ଅସହଯୋଗ କରିଆସୁଥିବା କାରଣରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପାତ୍ର ସଂଖ୍ୟା ୧୩୩ତା ୨୭/୫/୨୨ ପତ୍ର ସଂଖ୍ୟା ୧୧୪ ତା ୧୭/୫/୨୩ ପତ୍ର ସଂଖ୍ୟା ୨୨୮ ତା ୨୭/୮/୨୪ ଏବଂ ପତ୍ର ସଂଖ୍ୟା ୩୧୨ ଟିଏ ୧୦/୧୨/୨୪ ଆଧାରରେ ତତ୍କାଳୀନ ଜିଲ୍ଲାଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ଦିଆଯିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଘଟଣା ସମ୍ପର୍କରେ ବିଧିବଦ୍ଧ ତଦନ୍ତ କରିବା ପରେ ଜିଲ୍ଲା ଶିକ୍ଷ୍ୟା ଅଧିକାରୀଙ୍କ ପତ୍ର ସଂଖ୍ୟା ୮୦୯୧/ତା ୩/୮/୨୩ ରେ ତତ୍କାଳୀନ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଧୀରେନ୍ଦ୍ର ଚାନ୍ଦଙ୍କ ଠାରୁ ବିଦ୍ୟାଳୟର ଆର୍ଥିକ ଉଠାଣ କ୍ଷମତା ହଟାଇ ଦେଇଥିଲେ। ଯାହାଫଳରେ କି ଶ୍ରୀ ଚାନ୍ଦ କ୍ଷମତାରୁ ହଟିଯିବା ପରେ ଏଥିରେ ଅସନ୍ତୁଷ୍ଟ ହୋଇ ଏହି ଉଚ୍ଚ ବିଦ୍ୟାଳୟରେ ବ୍ୟାପକ ଦୁର୍ନୀତି ହୋଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଟରେ ଅଭିଯୋଗ କରିବା ସହିତ କେତେକ ଆପତ୍ତିଜନକ ମିଥ୍ୟା ଅପପ୍ରଚାର ଚଳାଇଛନ୍ତି । ଏପରି କି କାକଟପୁର ଉଚ୍ଚ ବିଦ୍ୟାଳୟର ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକ ପ୍ରତାପ ରାଉତଙ୍କୁ ମଧ ବିଭିନ୍ନ କ୍ଷେତ୍ରରେ ନିନ୍ଦିତ କରିଥିବା ସହ, ଶିକ୍ଷକ ଶ୍ରୀ ରାଉତଙ୍କ ନାମରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଟ ରେ ଅଭିଯୋଗ ପଞ୍ଜିକରଣ ସଂଖ୍ୟା ସିଏମଓ ୨୦୨୫୧୪୨୩୮୬୮ ଅଭିଯୋଗ କରିଥିଲେ । ଏସଂକ୍ରାନ୍ତରେ ମଧ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯିବା ପରେ ଶିକ୍ଷକ ପ୍ରତାପ ରାଉତଙ୍କ ନାମରେ ଅଭିଯୋଗ କରିଥିବା ଶ୍ରୀ ଚାନ୍ଦଙ୍କ ଅଭିଯୋଗ ସମ୍ପୂର୍ଣ ଭାବେ ଉଦ୍ଦେଶ୍ୟ ପ୍ରଣୋଦିତ, ଓ ଭିତ୍ତିହୀନ ବୋଲି ତଦନ୍ତରୁ ଜଣାପଡିଛି ।

# ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର

ଭଦ୍ରକ,୧୯।୨ (ନିପ୍ର); ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର ଆୟୋଜିତ ହୋଇଯାଇଛି। ବନ୍ତ ବ୍ଲକ ର ମହତାବ ଏମ ବିଦ୍ୟାଳୟ ବିଦ୍ୟାଳୟ ଠାରେ। ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଡାକ ମୁଖ୍ୟ ଅଧିକାରୀ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର, ଆର୍ଥିକ ସାକ୍ଷରତା କାଉନସିଲ, ସାଇବର ଥାନା ଅଧିକାରୀ,ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର, ସି ଏଫ୍ ଏଲ୍ ଓ ମହତାବ ଏମ ଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଅତିଥି ମାନେ ଯୋଗଦେଇଥିବା ଅବିଭାବକ, ଅଙ୍ଗନୱାଡ଼ି ୱର୍କର, ସୁପର୍ଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ମାନଙ୍କୁ ଆର୍ଥିକ ସାକ୍ଷରତା ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ସହ ବ୍ୟାଙ୍କ୍ ଓ ଡାକଘରେ ଉପଲବ୍ଧ ଥିବା ସମସ୍ତ ସଞ୍ଚୟ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ବିଭିନ୍ନ ସଞ୍ଚୟ ଯୋଜନା ଗୁଡିକ ସମ୍ବନ୍ଧରେ ପୁଙ୍ଖନୁ ପୁଙ୍ଖ ଭାବେ ଆଲୋଚନା କରିଥିଲେ। ଲେଡ ବ୍ୟାଙ୍କ୍ ମ୍ୟାନେଜର ଲୋକମାନଙ୍କୁ ସାଇବର ଫ୍ରଡ୍‌ରୁ ଦୂରେଇ ରହିବା ସମ୍ପର୍କରେ ସଚେତନ କରିଥିଲେ। ପଦ୍ମନ୍ କୁମାର ରାୟ ଲୋକମାନଙ୍କୁ ଚିଟ ଫଣ୍ଡ ଫ୍ରଡ ମାନଙ୍କ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେବା ସହ ବ୍ୟାଙ୍କ୍ ଓ ଡାକଘରେ ନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ସାଇବର ଥାନା ଅଧିକାରୀ ସାଇବର ଥକ ମାନଙ୍କ ବିଭିନ୍ନ ଠକାମୀ ସମ୍ପର୍କରେ ଆଲୋଚନା କରିବା ସହ ଲୋକମାନଙ୍କୁ ଏପରି ଥକା ମିର ଶିକାର ହେବାରୁ ବଞ୍ଚିବାର ଉପାୟ ସମ୍ପର୍କରେ ଜଣାଇଥିଲେ।

# ପାରଳାଖେମୁଣ୍ଡିରେ ଓଡିଆ ଅସ୍ମିତାକୁ ଭୁଲି ଗଲେ

ପାରଳାଖେମୁଣ୍ଡି,୧୯।୨ (ନିପ୍ର); ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ପାରଳାଖେମୁଣ୍ଡିର ଅବଦାନ ଚିରସ୍ମରଣୀୟ ଅଟେ । ପାରଳାଖେମୁଣ୍ଡି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ବିନା ପ୍ରଚେଷ୍ଟାରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶର ଗଠନ ହୋଇପାରିନଥାନ୍ତା । ଏହାକୁ ଯେ କେହିବି ସ୍ୱୀକାର କରିବେ । କିନ୍ତୁ ବିଡ଼ମ୍ବନାର ବିଷୟ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଏନ୍ତୁଡିଶାଳ ସାଜିଥିବା ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଓଡିଆ ଭାଷାର ଅସ୍ମିତାକୁ ସିଧାସଳଖ ହତ୍ୟା କରାଯାଇଥିବା ଦୃଶ୍ୟ ନଜରକୁ ଆସିଛି । ଏହାର ଶ୍ରେୟ ଜିଲ୍ଲା ପ୍ରଶାସନକୁ ଯାଉଥିବାର ଆଲୋଚନା ହେଉଛି । ଜିଲ୍ଲାସ୍ତରୀୟ ଶୁଭଦ୍ରା ଶକ୍ତି ମେଳା ଆରମ୍ଭ ହୋଇଛି । ଏହି ମେଳା ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ ଜାକଜକମରେ ଅନୁଷ୍ଠିତ ହେଉଛି । ଅବଶ୍ୟ ଚେୟାର ଗୁଡିଖ ଖାଁ ଖାଁ ରହିଥିବାର ଦେଖିବାକୁ ମିଳିଥିବା ବେଳେ ଏଥିରେ ଲଗାଯାଇଥିବା ବ୍ୟାନରରେ ଐତିହାସିକ ସହର ପାରଳାଖେମୁଣ୍ଡି ନାମ ବଦଳରେ 'ପର୍ଲେଖାମୁଣ୍ଡି' ମୁଦ୍ରିତ ହୋଇଥିବାର ଦେଖିବାକୁ ମିଳୁଛି । ତେବେ ସାମାନ୍ୟ ଭୁଲ ରହିଥିଲେ ତାହା ଅଲଗା କଥା । ହେଲେ ଏହି ଐତିହାସିକ ସହରର ନାମକୁ ସମ୍ପୂର୍ଣ୍ଣ ବିଚିତ୍ର ଓ ବିକୃତ ଭାବେ ଲେଖାହୋଇଛି । ଯାହାକୁ ନେଇ ସହରର ବିଭିନ୍ନ ମହଲରେ ନାନାଦି ଆଲୋଚନା ହେବା ସହ ଅସନ୍ତୋଷ ବୃଦ୍ଧି ପାଇଛି । ଏପରି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯେଉଁ ବ୍ୟକ୍ତି ବ୍ୟାନେର ମୁଦ୍ରିତ ବାବଦକୁ ଦାୟିତ୍ୱରେ ରହିଛନ୍ତି ସେ ସମ୍ଭବତଃ ଆନ୍ଧ୍ରରେ ମୁଦ୍ରଣ କରିଛନ୍ତି । କାରଣ ଆନ୍ଧ୍ରରେ କମ୍ ଖର୍ଚ୍ଚରେ ବ୍ୟାନେର ତୟାର ହେଉଛି । ଯଦି ଓ ଓଡିଶା ତଥା ଜିଲ୍ଲାର ଅନ୍ୟାନ୍ୟ ସ୍ଥାନରେ ମୁଦ୍ରିତ କରିଥିଲେ ଅନ୍ତତଃ ଏହାକୁ ଛପାଉଥିବା ଦୋକାନୀ ଜଣକ ଅନ୍ତତଃ ସିଧାସଳଖ ଏପରି ତ୍ରୁଟିପୂର୍ଣ୍ଣ ବନାନକୁ ଜାଣିପାରନ୍ତା । ବିଭାଗୀୟ କର୍ତ୍ତୃପକ୍ଷ କିମ୍ବା ଦାୟିତ୍ୱରେ ଥିବା ଅଧିକାରୀ ଅର୍ଥ ଲୋଭରେ ଆନ୍ଧ୍ରରେ ଏପରି ମୁଦ୍ରିତ କରିଥିବା ଆଲୋଚନା ହେଉଥିବା ବେଳେ ଏପରି ଘୋର ତୃଟିପୂର୍ଣ୍ଣ ଲେଖାକୁ ନେଇ ଜିଲ୍ଲା ପ୍ରଶାସନ କ୍ଷମା ମାଗନ୍ତୁ ଏବଂ ଏହାକୁ ସଜାଡନ୍ତୁ ବୋଲି ଦାବି ହୋଇଛି ।

# ସଘନ ସଂଯୋଜିତ ଭୋଟରଙ୍କୁ ନିଜ ତଥ୍ୟ ଦେବା ପାଇଁ ଅନୁରୋଧ

ରାୟଗଡା,୧୯।୨ (ନିପ୍ର); ସ୍ୱତନ୍ତ୍ର ସଘନ ସଂଶୋଧନ- ସମସ୍ତ ଯୋଗ୍ୟ ଭୋଟର ହେବେ ସଂଯୋଜିତ ଭୋଟରଙ୍କୁ ନିଜ ତଥ୍ୟ ଦେବା ପାଇଁ ଅନୁରୋଧ । ୨୦୦୨ ଭୋଟର ତାଲିକା ସହ ସଂଯୋଗ ନହେଲେ ଚିଠା ଭୋଟର ତାଲିକାରୁ ପଡିବେ ବାଦ । ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି,ଆଇଏଏସଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ଭୋଟର ସଂଯୋଗୀକରଣ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ରାୟଗଡ଼ ବ୍ଲକ ସଦଭାବନା ଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାଏକ, ଡ଼େପୁଟି କଲେକ୍ଟର ମାନୁଏଲା ପ୍ରିୟଦର୍ଶିନୀ, ସହକାରୀ ଜିଲ୍ଲାପାଳ ବିଚିତ୍ରା ସେଠୀ ଉପସ୍ଥିତି ରହି ଶତକଡା ଅଶୀ ଭାଗରୁ କମ୍ ସଂଯୋଗୀକରଣ କରିଥିବା ବୁଥସ୍ତରୀୟ ଅଧିକାରୀଙ୍କ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲ୍ଲାର ଏଗାର ଗୋଟି ବ୍ଲକର ବିଡିଓ ଏବଂ ପୌରାଞ୍ଚଳ ଓ ଏନଏସିର ନିର୍ବାହୀ ଅଧିକାରୀଙ୍କ ସହ ବି ଏଲ ଓ ଯୋଗ ଦେଇଥିଲେ । ଗୁଣପୁର ନିର୍ବାଚନ ମଣ୍ଡଳୀରୁ ଏକ ଶହ ନବେ, ବିଷମକଟକ ନିର୍ବାଚନମଣ୍ଡଳୀରୁ ଏକ ଶହ ଚାଳିଶି ଓ ରାୟଗଡ଼ ନିର୍ବାଚନ ମଣ୍ଡଳୀରୁ ଏକ ଶହ ଷାଠିଏ ଜଣ ବିଏଲଓ ଓ ସମ୍ପୃକ୍ତ ସୁପରଭାଇଜର ଉପସ୍ଥିତ ରହି ନିଜ ନିଜର ତଥ୍ଯ ଉପସ୍ଥାପନ କରିଥିଲେ । ମୃତ, ସ୍ଥାନାନ୍ତରିତ ଓ ଦୋହରା ଭୋଟରଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଯୋଗ୍ୟ ଭୋଟରଙ୍କୁ ୨୦୦୨ ତାଲିକା ସହ ସଂଯୋଗ କରାଯିବ । ୨୦୨୫ ମସିହା ଭୋଟର ତାଲିକାରେ ସ୍ଥାନିତ ଭୋଟର, ନିଜର, ନିଜ ପିତା, ମାତା, ଜେଜେ ବାପା କିମ୍ବା ଜେଜେ ମାଆଙ୍କ ୨୦୦୨ ଭୋଟର ତାଲିକାର କ୍ରମିକ ନମ୍ବର ମାଧ୍ୟମରେ ଯୋଡି ହେବେ । ନଚେତ ଆଗାମୀ ଦିନରେ ପ୍ରକାଶିତ ହେବାକୁ ଥିବା ଭୋଟର ତାଲିକାରେ ସେମାନଙ୍କ ନାମ ସ୍ଥାନିତ ହେବ ନାହିଁ ବୋଲି ଜଣାପଡିଛି । ଅପର ପକ୍ଷେ ଅନେକ ଭୋଟର ୨୦୦୨ ମସିହା ପରେ ନିଜର ସ୍ଥାନ ପରିବର୍ତ୍ତନ କରିବା ସହ ନିଜର ପୂର୍ବତନ ବୁଥର ସଠିକ ତଥ୍ଯ ବି ଏଲ ଓ ଙ୍କୁ ପ୍ରଦାନ କରୁନଥିବାରୁ ସଂଯୋଗୀକରଣ କଷ୍ଟସାଧ ହେଉଥିବା ବି ଏଲ ଓ ପ୍ରକାଶ କରିଛନ୍ତି । ଏଥିନିମନ୍ତେ ସହରାଞ୍ଚଳରେ ବ୍ୟାପକ ଜନସଚେତନତା ନିମନ୍ତେ ପ୍ରଚାର ପ୍ରସାର ନିମନ୍ତେ ବ୍ୟବସ୍ଥା କରିବା ସହ ଭୋଟରଙ୍କ ସହଯୋଗ କରାଯାଇଅଛି । ସମସ୍ତ ଭୋଟର ନିଜର ୨୦୦୨ ମସିହାର ଅବସ୍ଥିତି ଓ ଭୋଟର ତଥ୍ଯ ନିକଟସ୍ଥ ବୁଥ ସ୍ତରୀୟ ଅଧିକାରୀଙ୍କୁ ଯଥାଶୀଘ୍ର ପ୍ରଦାନ କରି ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ଜଟିଳ ପ୍ରକ୍ରିୟାକରଣରୁ ଦୁରେଇ ରହିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣି ଜିଲ୍ଲାର ସମସ୍ତ ଭୋଟରଙ୍କୁ ଅପିଲ କରିଛନ୍ତି ।

# ରାଜରାସ୍ତାକୁ ମାଡ଼ି ବସିଛି ଲୁହା ଓ ପ୍ଲାଷ୍ଟିକ ଦୋକାନ: ଯିବା ଆସିବାରେ ଲୋକେ ହଇରାଣ

ରେଢ଼ାଖୋଲ,୧୯।୨ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଇଥସାହି ଏନ୍ଏଚ ୧୫୩ବି ରାସ୍ତାକୁ ଲାଗି ରହିଛି କିଛି ଲୁହା ଓ ପ୍ଲାଷ୍ଟିକ ସାମଗ୍ରୀ ବିକୁଥିବା ଦୋକାନ ଗୁଡ଼ିକ । ଏହି ଦୋକାନ ଗୁଡ଼ିକ ରାସ୍ତା କୁ ଲାଗି ରହିଥିବା ହେତୁ ଏହି ସ୍ଥାନରେ ଅହରହ ବଡ଼ବଡ଼ ଗାଡ଼ି ସମେତ ଛୋଟ ଗାଡ଼ି ମଧ ଜାମ ହୋଇ ରହିଥାଏ। ଫଳରେ ଏହି ରାସ୍ତା ଉପରେ ଜାତାୟତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ ସମେତ ଅନ୍ୟାନ୍ୟ ପଥଚାରୀ ଓ ଛୋଟ ବଡ଼ ଯାନ ଗୁଡିକ । ଯାହା ଫଳରେ ଯିବାଆସିବା କିଛି ସମୟ ଠପ୍ ହୋଇ ଯାଉଛି। ଏମିତିକି ଏହି ରାସ୍ତା ଉପରେ ସ୍କୁଲ ସମୟରେ ସ୍କୁଲ କୁ ଛୋଟ ଛୋଟ ଛାତ୍ରଛାତ୍ରୀ ଯିବା ଆସିବା କରୁଥିବା ବେଳେ ଭିଡ଼ ହେଉଥିବାରୁ ସେମାନେ ମଧ କିଛି ସମୟ ଏଠାରେ ଅଟକି ରହି ହଇରାଣ ହେବାକୁ



ପଡୁଥିବା ଦେଖାଯାଇଛି। ଏହାଛଡା ଏହି ଦୋକାନ ଗୁଡ଼ିକ ଠାରୁ କିଛି ଦୂର ଆଗରେ ରେଢ଼ାଖୋଲ ମୁଖ୍ୟ ଡାକ୍ତରଖାନା ଫାଟକ ଥିବାରୁ ଏହି ରାସ୍ତା ଦେଇ ଯିବାବେଳେ ବେଳେ ବେଳେ ଭିଡ ମଧ୍ୟରେ ଫସି ରହୁଥିବାରୁ ଲୋକେ ପୁଣି ସେଠାରୁ ବୁଲି ଅନ୍ୟ ଫାଠକ ଦେଇ ରୋଗୀ ଡାକ୍ତରଖାନା ଯିବାର ମଧ ଦେଖାଯାଇଛି । ଏଥିପାଇଁ ସ୍ଥାନୀୟ ପ୍ରଶାସନ ଓ ଏନ୍ଏସିକୁ ବାରମ୍ବାର କୁହାଯାଉଛି ଏବଂ ପ୍ରଶାସନ ଏମାନଙ୍କୁ ମନା କରିଥିବା ସତ୍ତ୍ୱେ ମଧ ଏହି ଦୋକାନ ମାଲିକ ମାନେ ଖାତିର୍ ନକରି ରାସ୍ତା କଡ ଡ୍ରେନ୍ ଉପରେ ତଥା ରାସ୍ତା କଡରେ ବିଭିନ୍ନ ଲୁହା ପ୍ଲାଷ୍ଟିକ ସାମଗ୍ରୀ ରଖି ଯାତାୟାତରେ ବାଧା ସୃଷ୍ଟି କରୁଥିବା ଲୋକେ କହିଛନ୍ତି । ଏଥିପ୍ରତି ତୁରନ୍ତ ରେଢ଼ାଖୋଲ ପ୍ରଶାସନ ଓ ରେଢ଼ାଖୋଲ ଏନ୍ଏସି ଅଧିକାରୀଙ୍କୁ ଅନୁରୋଧ ଏଥିପ୍ରତି ପଦକ୍ଷେପ ଗ୍ରହଣ କରି ରାସ୍ତାକୁ ଲାଗିଥିବା ଡ୍ରେନ୍ ତଥା ରାସ୍ତା କଡ଼ରେ ଦୋକାନ ସାମଗ୍ରୀ ରଖିବା ବନ୍ଦ କରାଗଲେ ତଥା ରାସ୍ତା କଡ ଡ୍ରେନ୍ ଉପରେ ସାମଗ୍ରୀ ରଖି ଦୋକାନ ଖୋଲିବା ମନାକରାଗଲେ ଲୋକେ ଯିବା ଆସିବାପାଇଁ ଉପକୃତ ହୋଇପାରନ୍ତେ ।

# ସିଙ୍ଗଲ୍ ୟୁଜ ପ୍ଲାଷ୍ଟିକ ଆଜି ପୃଥିବୀ ପୃଷ୍ଠରେ ଗଭୀର ସଂକଟର ରୂପ ନେଇଛି

ରାୟଗଡା,୧୯।୨ (ନିପ୍ର): ସିଙ୍ଗଲ୍ ୟୁଜ ପ୍ଲାଷ୍ଟିକ ଆଜି ପୃଥିବୀ ପୃଷ୍ଠରେ ଗଭୀର ସଙ୍କଟର ରୂପ ନେଇଛି। ଗଭୀର ସମୁଦ୍ର, ଦୂର ଦୁର୍ଗମ ପାହାଡ଼ ଓ ମାନବ ଶରୀର ଭିତରେ ପର୍ଯ୍ୟନ୍ତ ମାଇକ୍ରୋ ପ୍ଲାଷ୍ଟିକର ଉପସ୍ଥିତି ମିଳୁଛି। ପୃଥିବୀ ପୃଷ୍ଠଭାଗରେ ବହୁ ପରିମାଣର ଏକବାର ବ୍ୟବହୃତ ପ୍ଲାଷ୍ଟିକ ଜମା ହୋଇ ପରିବେଶ ପ୍ରଦୂଷଣ ସୃଷ୍ଟି କରିବା ସହ ଜୀବଜନ୍ତୁ ଓ ମାନବ ଜୀବନକୁ ଗୁରୁତର ଭାବେ ପ୍ରଭାବିତ କରୁଛି। ଜେକେ ପେପର୍ ମିଲ୍ସ ତାଙ୍କ ସିଏସଆର ପଦକ୍ଷେପ ଅନ୍ତର୍ଗତ ଶିକ୍ଷା ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରୁଛି। ଏହି ପରିପ୍ରେକ୍ଷିତରେ, ଦୈନନ୍ଦିନ ଜୀବନରେ ବିଶେଷକରି ସିଙ୍ଗଲ୍ ୟୁଜ ପ୍ଲାଷ୍ଟିକର ବ୍ୟବହାର କମାଇବା ଉଦ୍ଦେଶ୍ୟରେ ୨୩ ଟି ବିଦ୍ୟାଳୟ ର ୪୦୬୦ ଛାତ୍ରଛାତ୍ରୀମାନଙ୍କ ପାଇଁ ସଚେତନତା ଅଭିଯାନ କରାଯାଇଥିଲା। ଏହି ବର୍ଷ "ବିଶ୍ୱ ପରିବେଶ ଦିବସ"ର ଥିମ୍ ହେଉଛି। ଏହାକୁ ଆଧାର କରି ଏପର୍ଯ୍ୟନ୍ତ ବିଭିନ୍ନ ବିଦ୍ୟାଳୟରେ ସଚେତନତା ସତ୍ର ଆୟୋଜନ କରାଯାଇଛି ଏବଂ ଆଗାମୀ ମାସଗୁଡ଼ିକରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଆବର୍ତ୍ତିତ କରିବା ଲକ୍ଷ୍ୟରେ ଏହି ଅଭିଯାନ ଜାରି ରହିବ। ଏହି ପରିପ୍ରେକ୍ଷୀରେ ରେ ଆଜି ମାଟିକଣା ଉଚ୍ଚ ବିଦ୍ୟାଳୟ ପରିସରରେ ରେ ସଚେତନତା ସତ୍ର ର ଆୟୋଜନ କରାଯାଇଥିଲା, ଏହି କାର୍ଯ୍ୟକ୍ରମରେ ଦିଲ୍ଲିପ କୁମାର ତ୍ରିପାଠୀପ୍ରବନ୍ଧକ (ଗୁଣାତ୍ମକତା), ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମ କୁ ପରିଚାଳନା କରିବାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ନାୟକ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଲଡୁବାବାଙ୍କ ପ୍ରବେଶ ଦ୍ୱାର ସମ୍ମୁଖରେ ପାର୍କିଂକୁ ନେଇ ଭକ୍ତ ଅସନ୍ତୋଷ

ନୟାଗଡ଼,୧୯।୨ (ନିପ୍ର); ପ୍ରସିଦ୍ଧ ଶୈବପୀଠ ଲଡୁବାବାଙ୍କ ପ୍ରବେଶ ଦ୍ୱାର ସମ୍ମୁଖ ତଥା ମୁଖ୍ୟରାସ୍ତାରେ ଅସମ୍ଭବ ଭିଡ଼ ଲାଗି ରହୁଛି। ମନ୍ଦିର ପ୍ରବେଶ ପଥ ସମ୍ମୁଖରେ ଦୁଇଚକିଆ ଗାଡ଼ି ପାର୍କିଂ ହେଉଥିବାରୁ ଠେଲାପେଲା ଭଳି ପରିସ୍ଥିତିକୁ ନେଇ ଭକ୍ତମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିର ଭିତରକୁ ଭକ୍ତମାନେ ଭକ୍ତିର ଭାବାବେଗ ନେଇ ଯାଉଛନ୍ତି। ମନ୍ଦିରକୁ ଗଲାବେଳେ ପ୍ରବେଶ ପଥ ଉଭୟ ପାର୍ଶ୍ୱରେ ହୋଇଥିବା ପାର୍କିଂ ମଧଦେଇ ଗଲାବେଳେ ଅସ୍ୱାଭାବିକ ପରିସ୍ଥିତି ଉପୁଜୁଛି। ଜନଗହଳି ସମୟରେ ଠେଲାପେଲା ଲାଗି ରହୁଛି। ସଂକୀର୍ଣ୍ଣ ରାସ୍ତାରେ ପାର୍କିଂ ବ୍ୟବସ୍ଥା ହୋଇଥିବା ଯୋଗୁଁ ମୁଖ୍ୟ ରାସ୍ତାରେ ଯାନବାହାନ ଯାଉଥିବା ବେଳେ ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ଏପରିକି ଦୁର୍ଘଟଣାମାନ ଘଟୁଥିବା ଦେଖିବାକୁ ମିଳୁଛି। ଏହାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ସମସ୍ୟାରେ ଥିବା ନଦୀ ବ୍ରିଜ୍ ଓ ନାଳ ଅଞ୍ଚଳ ପରିଦର୍ଶନ କଲେ ବିଧାୟକ

ପାରଳାଖେମୁଣ୍ଡି,୧୯।୨ (ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ଥିବା ମହେନ୍ଦ୍ରତନୟା ନଦୀ ବ୍ରିଜ୍ ଓ ନାଳ ଅଞ୍ଚଳ ପରିଦର୍ଶନ କରି ନିରୀକ୍ଷଣ କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ । ବିଧାୟକ ଶ୍ରୀ ପାଣିଗ୍ରାହୀ ପ୍ରଥମେ ସହରକୁ ଲାଗି ଥିବା ସୀମାନ୍ତ ପର୍ଯ୍ୟନ୍ତ ଯାଇ ନାଳ ପରିଦର୍ଶନ କରିଥିଲେ । ଏହି ନାଳରେ ସହରର ସମସ୍ତ ବ୍ୟବହୃତ ପାଣି ପ୍ରବାହିତ ହେଉଥିବା ବେଳେ ସୀମାନ୍ତରେ ଜମାଟ ବାନ୍ଧି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି । ଏହାସହ ସୀମାନ୍ତର ଉଭୟ ପଟରେ ଥିବା ଚାଷ ଜମିରେ ଏହି ଆବର୍ଜନାମୟ ପାଣି ପଶି ନଷ୍ଟ ହେଉଛି । ତେଣୁ ଏହାର ସଠିକ୍ ଯୋଜନା କରାଯାଇ ଆବର୍ଜନା ଗୁଡିକୁ ନଷ୍ଟକରିବା ଏବଂ ସ୍ୱଚ୍ଛ ପାଣିକୁ ଆନ୍ଧ୍ର ପଟକୁ ଛାଡିବା ପାଇଁ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ ।

ପ୍ରକାଶ ଯେ ଏପରି ଦୂଷିତ ଜଳ ଆନ୍ଧ୍ର ସୀମାନ୍ତରେ ପଶୁଥିବା ଯୋଗୁଁ ଆନ୍ଧ୍ର ତାର ସ୍ଥାନରେ ବାଟ ଓଗାଳି ବନ୍ଦ କରିଦେଇଛି । ଫଳରେ ସହରର ଆବର୍ଜନା ପାଣି ସଠିକ୍ ଭାବେ ନିଷ୍କାସିତ ହୋଇପାରୁନାହିଁ । ସେହିପରି ବିଧାୟକ ସହରର ମହେନ୍ଦ୍ରତନୟା ନଦୀରେ ଏକ ନାଳ ମିଶାଯାଉଥିବା ସ୍ଥାନକୁ ପରିଦର୍ଶନ କରିଥିଲେ । ଏହି ନାଳଟି ପୁରୁଣାପାଟଣା ରାସ୍ତା ତଟ ଦେଇ ମହେନ୍ଦ୍ରତନୟାନଦୀରେ ମିଶ୍ରଣ ହେବ ।



ଫଳରେ ଆବର୍ଜନାପୂର୍ଣ୍ଣ ପାଣି ନଦୀଗର୍ଭରେ ପଶି ନଦୀର ଜଳରାଶିକୁ ଦୂଷିକ କରିବା ସମ୍ଭାବନା ଦେଇଖାଯାଇଛି । ଏହି ଖବର ପାଇ ବିଧାୟକ ସେହି ସ୍ଥାନକୁ ଯାଇ ପରିଦର୍ଶନ କରିଥିଲେ । ଯେପରି ନାଳପାଣି ନଦୀରେ ନମିଶିବ ଏବଂ ଏହାକୁ ଲାଗିଥିବା ବ୍ରିଜର ସୁରକ୍ଷାପ୍ରତି ଧ୍ୟାନ ଦେଇ କାର୍ଯ୍ୟକରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ । ଏହାପରେ ବିଧାୟକ ମହେନ୍ଦ୍ରତନୟା ବ୍ରିଜ୍ ର ଭାଙ୍ଗିଥିବା ସ୍ଥାନର ପରିଦର୍ଶନ କରିଥିଲେ । ବ୍ରିଜର କେତେକ ସ୍ଥାନରେ ସିମେଣ୍ଟ କଂକ୍ରିଟ ଛାଡି ଯାଇଥିବା ବେଳେ ଏହାର ଲୁହାଛଡ ଦିଶୁଛି । ଏହି ଲୁହା ଛଡ ବାଜିବା ଯୋଗୁଁ ଯାତାୟତକରୁଥିବା ଗାଡିମୋଟର କ୍ଷତିଗ୍ରସ୍ତ ହେଉଥିବା ବେଳେ ପଥଚାରୀଙ୍କୁ ବାଜି ଆଘାତପ୍ରାପ୍ତ ହେଉଛନ୍ତି । ତୁରନ୍ତ ଏହାକୁ ମରାମତି କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବିଧାୟକ ଶ୍ରୀ ପାଣିଗ୍ରାହୀ । ବିଧାୟକଙ୍କ ଏହି ଗସ୍ତ ବେଳେ ପାରଳାଖେମୁଣ୍ଡି ପୌରାଧକ୍ଷା ନିର୍ମଳା ସେଠୀ, ପୂର୍ତ୍ତବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ସେଠୀ, ପୌରପରିଷଦ ଉପାଧକ୍ଷ ଲେଙ୍କାମଧୁ, ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁଙ୍କ ସମେତ ପୌର ଯନ୍ତ୍ରୀ ଉପସ୍ଥିତଥିଲେ ।

# ମହିଳାଙ୍କ ଜମା ଟଙ୍କା ହଡ଼ପ କରିଥିବା ମିଶନଶକ୍ତି ଏମବିକେଙ୍କୁ ପଦବୀରୁ ବହିଷ୍କାର ଦାବି

ଖଣ୍ଡପଡ଼ା,୧୯।୨ (ନିପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଠୁଣି ପଞ୍ଚାୟତ ଦାୟିତ୍ୱରେ ଥିବା ଏମବିକେ ଶୈଳବାଳା ବେହେରା ଦୀର୍ଘ ୧୦ ମାସ ହେବ ମହାସଂଘର ସମସ୍ତ ପାସବୁକ, ରିଜୋଲ୍ୟୁସନ ବହି ଓ ଆନୁଷଙ୍ଗିକ କାଗଜପତ୍ର ନିଜ ଅକ୍ତିଆରରେ ରଖି କାହାରିକୁ ହିସାବ ନଦେବା ସହ ଲକ୍ଷାଧିକ ଟଙ୍କା ହଡପ କରିଥିବା ନେଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହିଳା ଗୋଷ୍ଠୀର ସଦସ୍ୟାମାନେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ମହିଳାମାନଙ୍କ ଅଭିଯୋଗ ଆଧାରରେ ହଡପ ହୋଇଥିବା ଟଙ୍କା ସଂର୍ପକରେ ବ୍ଲକ ପ୍ରଶାସନ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଥିଲା। ଏମବିକେଙ୍କ ବିରୁଦ୍ଧରେ ଅଭିଯୋଗ ଉଠାଇ ଥିବା ମହିଳାମାନେ (ଇସି ସଦସ୍ୟା) ସମସ୍ତ ବ୍ୟାଙ୍କ କାଗଜପତ୍ର ଯାଞ୍ଚ କରିବା ପରେ ସର୍ବମୋଟ ୧୩ ଲକ୍ଷ ୨ହଜାର ୮୧୭ ଟଙ୍କା ଏମବିକେ ଓ ତାଙ୍କ ସ୍ୱାମୀ ବିଭିନ୍ନ ସଂଘ ଆକାଉଣ୍ଟରେ ଜମା ନକରି ହଡପ କରିଥିବା ନେଇ ଜଣାପଡିଥିଲା।ତେବେ ପ୍ରଶାସନିକ ଅଧିକାରୀମାନଙ୍କ ତାଗିଦ ଓ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଏମବିକେ ଓ ତାଙ୍କ ସ୍ୱାମୀ ହଡପ କରିଥିବା ଟଙ୍କା ବାବଦରେ ପ୍ରଥମେ ୬ ଲକ୍ଷ ୭୯ ହଜାର ୮୦୩ ଟଙ୍କା ସଂଘ ଆକାଉଣ୍ଟରେ ଜମା କରିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୬ ଲକ୍ଷ ଟଙ୍କା ଏହିପରି ସର୍ବମୋଟ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା କରିଥିଲେ। ମାତ୍ର ବକେୟା ଆଉ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା ହୋଇ ନଥିବା ମହିଳା ସଦସ୍ୟମାନଙ୍କ ଠାରୁ ଜଣାପଡିଛି। ବକେୟା ଟଙ୍କା ଦେବା ପାଇଁ ଏମବିକେ ଓ ତାଙ୍କ ସ୍ୱାମୀ ବିଭିନ୍ନ ଆଳ ଦେଖାଇ ଆଉ ଧରାଛୁଆଁ ଦେଉନଥିବା ଅଭିଯୋଗ ହେଉଛି। ଫଳରେ ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂର୍ପକରେ ମହିଳାମାନେ ପୁର୍ନବାର ବିଭାଗୀୟ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବା ଜଣାପଡିଛି।ବରଂ ବ୍ଲକ ଉନ୍ନୟନ ଅଧିକାରୀ ମହିଳାମାନଙ୍କୁ ନାନା କଥା କହି ନାଲି ଆଖି ଦେଖାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି।ଅପରପକ୍ଷେ ଟଙ୍କା ହଡପ କରିଥିବା ଏମବିକେ ଓ ତାଙ୍କ ସ୍ୱାମୀ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କୁ କରାୟତ କରି ଏବେ ଅଭିଯୋଗ ଉଠାଇଥିବା ମହିଳାମାନଙ୍କ ଉପରେ ଦାଉ ସାଧୁଥିବା ନେଇ ମହିଳାମାନେ ଅଭିଯୋଗ ଉଠାଇ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି।ତୁରନ୍ତ ହଡପ ହୋଇଥିବା ବକେୟା ଅର୍ଥ ଏମବିକେ ଓ ତାଙ୍କ ସ୍ୱାମୀଙ୍କ ଠାରୁ ଆଦାୟ ସହ ଦୁର୍ନୀତିକୁ ପ୍ରଶୟ ଦେଇ ଜମାକାରୀଙ୍କ ଟଙ୍କା ହଡପ କରିଥିବା ଏମବିକେଙ୍କୁ କାର୍ଯ୍ୟରୁ ବହିଷ୍କାର ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ମହିଳାମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ନ୍ୟାୟ ପାଇବା ନିମନ୍ତେ ମହିଳାମାନେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବେ ବୋଲି ଗଣମାଧମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି।ସୂଚନାଯୋଗ୍ୟ ଜମାକାରୀଙ୍କ ଟଙ୍କା ହଡପ ଘଟଣାର ସତ୍ୟତା ଥିବା ନେଇ ଜଣାପଡିବା ପରେ ମଧ୍ୟ ସଂପୃକ୍ତ ଏମବିକେଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ନୟାଗଡ ଜିଲ୍ଲାପାଳ ଉପରୋକ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ଗୁଣ୍ଠୁଣି ପଞ୍ଚାୟତବାସୀ ଦାବି କରିଥିବା ବେଳେ ଦୋଷୀଙ୍କ ବିରୁଦ୍ଧରେ ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଯାଜପୁର,୧୯।୨ (ନିପ୍ର); ଯାଜପୁର ବ୍ଲକ୍ ଅନ୍ତର୍ଗତ କଲେଜ ଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ ସଭାରେ ବିଦ୍ୟାଳୟର ସଭାପତି ଗଣେଶ୍ୱର ସାମନ୍ତଙ୍କ ଅଧକ୍ଷତାରେ ପରିଚାଳିତ ମଞ୍ଚରେ ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ଦୋବାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତଥିଭାବେ ଫକିରମୋହନ ମହାବିଦ୍ୟାଳୟ ର ଅବସରପ୍ରାପ୍ତ କୁଳପତି କୁମରବର ଦାସ, ମୁଖ୍ୟବକ୍ତା ଭାବେ ଉତ୍ତର ପୂର୍ବ ସମ୍ଭାଗ ସଭାପତି ଶିବ ନାରାୟଣ ସିଂହ ଯୋଗ ଦେଇ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ଉଦଘାଟନୀ ସଭାରେ ସମ୍ପାଦକ ଡ ନିତ୍ୟାନନ୍ଦ ମିଶ୍ର ,ଯୁଗ୍ମ ସମ୍ପାଦକ ସମୀର ରଞ୍ଜନ ନାୟକ ଓ ଉପସଭାପତି ଗିରିଧାରୀ ନନ୍ଦ ଉପସ୍ଥିତ ଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଶ୍ୱେତ ଗଙ୍ଗା' ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ।

# ମୌଳିକ ସମସ୍ୟା ପୂରଣ ପାଇଁ ଜିଲ୍ଲାପାଳଙ୍କୁ ଦାବି

ରାୟଗଡ଼ା,୧୯।୨(ନିପ୍ର):ଡଙ୍ଗରିଆ କନ୍ଧମାନେ ସୁଦୂର ନିୟମଗିରି ପାର୍ବତ୍ୟ ଅଞ୍ଚଳରୁ ଆସି ମୌଳିକ ସମସ୍ୟା ପୂରଣ ଦିଗରେ ଆସୁ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦାଖଲ କଲେ ଦାବୀପତ୍ର। ଆଜି ରାୟଗଡ଼ା ଜିଲ୍ଲା କଲ୍ୟାସିଂହପୁର ବ୍ଲକ୍ ଅଧିନସ୍ଥ ପାର୍ଷାଲି ପଞ୍ଚାୟତ ଅନ୍ତର୍ଗତ ଲାଖପଦର, ପଟାଙ୍ଗପଦର, ଡ଼ଙ୍ଗାମାଟି, ଗୁମ୍ମା, ଲାମ୍ଵା ଆଦି ଗ୍ରାମର ଗ୍ରାମବାସୀ ଦିର୍ଘଦିନରୁ ପୂରଣ ନହେଇ ଲାଗି ରହିଥିବା ମୌଳିକ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରି ସେମାନେ ଭୋଗୁଥିବା ସମସ୍ୟା ଓ ଅସୁବିଧା ବିଷୟରେ ଅବଗତ କରାଇବା ସହ ସେହି ସବୁ ଅସୁବିଧା ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ଆସୁ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ସେମାନେ ପ୍ରଦାନ କରିଥିବା ନିବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଦେଶ ସ୍ୱାଧୀନତା ପାଇ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ସେମାନେ ବସବାସ କରି ଆସୁଥିବା ଗ୍ରାମ ମାନଙ୍କରେ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧା ଅପହଞ୍ଚ ରହିଛି।ସରକାର ଅନେଗୁଡ଼ିଏ ଯୋଜନା ପ୍ରଣୟନ କରିଥିବା ସତ୍ତ୍ୱେ ସେମାନେ ଅନୁନ୍ନତ ରହିଥିବା, ଆଉ କୌଣସି ମୌଳିକ ସୁବିଧା ନପାଇ ହଇରାଣ ହରକତ ହେଉଥିବା ନିବେଦନ ପତ୍ରରେ ଦର୍ଶାଇଛନ୍ତି। ମାଟିର ଏହି ମୂଳ ଆଦିବାସୀ ଡଙ୍ଗରିଆ କନ୍ଧମାନେ ସେମାନେ




ଭୋଗୁଥିବା ନିତିଦିନିଆ ସମସ୍ୟା ପ୍ରତି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ବ୍ଲକ୍ ଅଧୀନରେ ଆସୁଥିବା ଡେଙ୍ଗନେଲି ଗ୍ରାମରେ ଅଟକିଯାଇଛି ବିଦ୍ୟୁତ୍, ଆଗକୁ ରହିଥିବା ଗ୍ରାମ ଗୁଡିକୁ ପହଞ୍ଚି ପାରୁନି, ଏହାକୁ ଫାଇଲ୍ ମଧ୍ୟରେ ଚପିଦିଆ ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ସେହିସବୁ ଗ୍ରାମଗୁଡିକୁ ଆଉ କାଳ ବିଳମ୍ବ ନକରି ଯଥାଶୀଘ୍ର ବିଦ୍ୟୁତ୍ ସଂଯୋଗିକରଣ କରିବା ପାଇଁ ନିବେଦନ କରିବା ସହ ବିପିଏଲ୍ ଚାଉଳ ଆଣିବା ପାଇଁ ଦୀର୍ଘ ୧୫ କିମି ଦୂର ଅତିକ୍ରମ କରି ବୋହି ଆଣିବା କଷ୍ଟକର ହେଉଥିବାରୁ ସେମାନେ ଭଡା ଦେବା କଷ୍ଟକର, ତେଣୁ ଗ୍ରାମ ଗୁଡ଼ିକରୁ ବିଶେଷ ଦୁରାନଥିବା ଏକ ସ୍ଥାନ ନିରୁପଣ କରି ସେହି ସ୍ଥାନରେ ଚାଉଳ ଦେବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।ସେମାନଙ୍କ ଯାତାୟାତ ସୁବିଧା ପାଇଁ କଲ୍ୟାଣ ସିଂହପୁର ଆଉ ପାର୍ଷାଲି ମଧ୍ୟରେ ଯାତାୟାତ କରୁଥିବା ବସ ସୁବିଧାକୁ ପାର୍ଷଲି ପର୍ଯ୍ୟନ୍ତ ସମ୍ପ୍ରସାରଣ ଅପରିହାର୍ଯ୍ୟ ବୋଲି କହିଥିଲେ। ଏହାକୁ ଲାଖପଦର୍ ଗ୍ରାମ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବା ପାଇଁ ନିବେଦନ କରି ଥିବା ବେଳେ ସରକାର ଖୁବଶିଘ୍ର ପାଇପ୍ ଯୋଗେ ପାନୀୟଜଳ ଯୋଗାଇବା ବ୍ୟବସ୍ଥା କଲେ ସେମାନେ ଭୋଗୁଥିବା ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟାରୁ ମୁକୁଳି ପାରିବେ ବୋଲି କହିଥିଲେ। ପରିଶେଷରେ ସେମାନେ କହିଛନ୍ତି ଯେ, ଲାଖପଦର ଠାରୁ କଲ୍ୟାଣ-ସିଂହପୁର ପର୍ଯ୍ୟନ୍ତ ଲମ୍ବି ଥିବା ପିଚୁ ରାସ୍ତାର ଅବସ୍ଥା ଅତିବ ସୋଚନିୟ ହୋଇପଡ଼ିଥିବାରୁ ତାହା ଶିଘ୍ର ମରାମତି କରାଯିବା ପାଇଁ ନିବେଦନ କରି ବିପଦସଂକୁଳ ଘାଟିରାସ୍ତା ରେ ଦେଖାଦେଉଥିବା ଅସୁବିଧାରୁ ମୁକ୍ତ କରିବା ପାଇଁ ନିବେଦନ କରି ଦାବୀପତ୍ର ପ୍ରଦାନ କରି ଉପର ଲିଖିତ ଦାବୀ ପୂରଣ ଦିଗରେ ଆଶୁ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ଆଦିମ ଜନଜାତି ଡ଼ଙ୍ଗରିଆ କନ୍ଧମାନେ । ଏମାନେ ସବୁ ଡ଼ଙ୍ଗରିଆ ମାନେ , ପଟାଙ୍ଗପଦର, ଡ଼ଙ୍ଗାମାଟି, ଗୁମ୍ମା, ଲମ୍ବା ଆଦି ଗ୍ରାମରୁ ଲଦ ସିକକାଙ୍କ ସହ ଆସି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ସେମାନେ ନିବେଦନ ପତ୍ର ପ୍ରଦାନ କରିଥିଲେ।

## ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬

# ଏଆଇ ଭିତରେ ଭାରତ ଆସନ୍ତାକାଲିର ଏକ ବ୍ଲୁପ୍ରିଣ୍ଟ ଦେଖୁଛି: ମୋଦି



ନୂଆଦିଲ୍ଲୀ,୧୯।୨(ପିଆଇବି): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଉଦଘାଟନ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି ଯେ, ବିଶ୍ୱର ସର୍ବବୃହତ ଏବଂ ଐତିହାସିକ ଏଆଇ ଇମ୍ପାକ୍ଟ ସମିଟ୍ ଭାରତରେ ଅନୁଷ୍ଠିତ ହେଉଛି, ଯାହା ମାନବତାର ଏକ ଷଷ୍ଠାଂଶ ପ୍ରତିନିଧିତ୍ୱ କରୁଥିବା ଦେଶ। ଭାରତ ବିଶ୍ୱର ସବୁଠୁ ବଡ଼ ଯୁବ ଜନସଂଖ୍ୟା, ସର୍ବାଧିକ ପ୍ରଯୁକ୍ତିଗତ ପ୍ରତିଭା ଭଣ୍ଡାର ଏବଂ ଏକ ସକ୍ରିୟ ପ୍ରଯୁକ୍ତି-ସମର୍ଥିତ ପରିବେଶର ଗୃହ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, ଭାରତ କେବଳ ନୂତନ ପ୍ରଯୁକ୍ତି ସୃଷ୍ଟି କରୁ ନାହିଁ ବରଂ ସେଗୁଡ଼ିକୁ ଅଭୂତପୂର୍ବ ଗତିରେ ଗ୍ରହଣ ମଧ କରୁଛି। ୧୪୦ କୋଟି ଭାରତୀୟ ନୂତନ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାକୁ ଆଗ୍ରହୀ ଏବଂ ସେମାନଙ୍କ ପକ୍ଷରୁ ସେ ସମ୍ମିଳନୀରେ ଅଂଶଗ୍ରହଣ କରୁଥିବା ସରକାରୀ ମୁଖ୍ୟ, ବିଶ୍ୱ ଏଆଇ ଇକୋସିଷ୍ଟମର ନେତା ଏବଂ ନବସୃଜନକାରୀଙ୍କୁ ସ୍ୱାଗତ କରିଛନ୍ତି। ସେ ସେମାନଙ୍କ ଉପସ୍ଥିତି ପାଇଁ କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ଉଲ୍ଲେଖ କରିଛନ୍ତି ଯେ, ଭାରତରେ ଏହି ଶିଖର ସମ୍ମିଳନୀ ଆୟୋଜନ କରିବା କେବଳ ଦେଶ ପାଇଁ ନୁହେଁ ବରଂ ସମଗ୍ର ଦକ୍ଷିଣ ବିଶ୍ୱ ପାଇଁ ଗର୍ବର ବିଷୟ। ସମ୍ମିଳନୀରେ ବିଶ୍ୱର ଏଆଇ କ୍ଷେତ୍ରର ତୁଙ୍ଗ ବ୍ୟକ୍ତିତ୍ୱ, ୧୦୦ରୁ ଅଧିକ ଦେଶର ପ୍ରତିନିଧି ଓ ସାରା ପୃଥିବୀରୁ ଆସିଥିବା ପ୍ରତିଷ୍ଠିତ ଅଂଶଗ୍ରହଣକାରୀମାନେ ଯୋଗଦେଇଥିବାରୁ, ଏହାର ସଫଳତା ନୂତନ ଉଚ୍ଚତାରେ ପହଞ୍ଚିଛି ବୋଲି ଉଲ୍ଲେଖ କରି, ଶ୍ରୀ ମୋଦୀ ସମ୍ମିଳନୀରେ ଯୁବ ପିଢ଼ିର ଦୃଢ଼ ଉପସ୍ଥିତି ଉପରେ ଆଲୋକପାତ କରିଥିଲେ, ଯାହା ନୂତନ ଆତ୍ମବିଶ୍ୱାସ ସୃଷ୍ଟି କରୁଛି ବୋଲି ସେ କହିଥିଲେ। ସେ ଲକ୍ଷ୍ୟ କରିଥିଲେ ଯେ, ନୂତନ ପ୍ରଯୁକ୍ତିବିଦ୍ୟା ପ୍ରାୟତଃ ପ୍ରାରମ୍ଭିକ ସନ୍ଦେହର ସମ୍ମୁଖୀନ ହେଉଥିଲେ ମଧ, ବିଶ୍ୱବ୍ୟାପୀ ଯୁବପିଢ଼ି ଯେଉଁ ଗତି ଓ ବିଶ୍ୱାସ ସହିତ ଏଆଇକୁ ଗ୍ରହଣ କରୁଛନ୍ତି, ଏହାର ନେତୃତ୍ୱ ନେଉଛନ୍ତି ଏବଂ ଏହାକୁ ବ୍ୟବହାର କରୁଛନ୍ତି, ତାହା ଅଭୂତପୂର୍ବ। ପ୍ରଧାନମନ୍ତ୍ରୀ ଏଆଇ ସମ୍ମିଳନୀ ପ୍ରଦର୍ଶନୀକୁ ନେଇ ଉତ୍ସୁକ, ବିଶେଷକରି ଯୁବ ପ୍ରତିଭାଙ୍କ ବିଶାଳ ଅଂଶଗ୍ରହଣ ଉପରେ ମଧ ମନ୍ତବ୍ୟ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ, କୃଷି, ସୁରକ୍ଷା, ଦିବ୍ୟାଙ୍ଗଜନଙ୍କ ପାଇଁ ସହାୟତା ଏବଂ ବହୁଭାଷୀ ଜନସଂଖ୍ୟାର ଆବଶ୍ୟକତା ପୂରଣ ଭଳି କ୍ଷେତ୍ରରେ ଉପସ୍ଥାପିତ ସମାଧାନଗୁଡ଼ିକ 'ମେଡ୍ ଇନ୍ ଇଣ୍ଡିଆ'ର ଶକ୍ତିକୁ ପ୍ରତିଫଳିତ କରୁଛି ଏବଂ ଏଆଇ କ୍ଷେତ୍ରରେ ଭାରତର ଅଭିନବ କ୍ଷମତାକୁ ପ୍ରଦର୍ଶନ କରୁଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ମାନବ ଇତିହାସରେ ପ୍ରତି କିଛି ଶତାବ୍ଦୀ ପରେ ଏକ ମହତ୍ୱପୂର୍ଣ୍ଣ ମୋଡ଼ ଆସେ, ଯାହା ସଭ୍ୟତାର ଦିଗକୁ ପୁନର୍ନିର୍ଦ୍ଧାରିତ କରେ। ସେ ଉଲ୍ଲେଖ କରିଥିଲେ ଯେ, ଏପରି ମୁହୂର୍ତ୍ତଗୁଡ଼ିକ ବିକାଶର ଗତିକୁ ପରିବର୍ତ୍ତନ କରିଥାଏ ଏବଂ ଚିନ୍ତାଧାରା, ବୁଝାମଣା ଓ କାର୍ଯ୍ୟ କରିବାର ଢାଞ୍ଚାକୁ ପରିବର୍ତ୍ତିତ କରେ। । ଫ୍ରାନ୍ସ ଗଣରାଜ୍ୟର ରାଷ୍ଟ୍ରପତି, ମହାମହିମ ଇମାନୁଏଲ ମାକ୍ରନ, ଜାତିସଂଘର ମହାସଚିବ, ବିଭିନ୍ନ ଦେଶର ରାଷ୍ଟ୍ରପ୍ରମୁଖ, ମନ୍ତ୍ରୀ, ମନ୍ତ୍ରିମଣ୍ଡଳୀ, ବହୁପାକ୍ଷିକ ପ୍ରତିଷ୍ଠାନର ବରିଷ୍ଠ ପ୍ରତିନିଧି ଏବଂ ପ୍ରଯୁକ୍ତି ଓ ଏଆଇ ଶିଳ୍ପ ନେତାମାନେ କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଉପସ୍ଥିତ ଥିଲେ।

## ଡାଟା ଭଳି ଶସ୍ତା ହେବ ଏଆଇ: ମୁକେଶ ଅମ୍ବାନୀ




ନୂଆଦିଲ୍ଲୀ,୧୯/୨: ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ଼ର ଅଧକ୍ଷ ମୁକେଶ ଅମ୍ବାନୀ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟରେ ଘୋଷଣା କରିଛନ୍ତି ଯେ, ଜିଓ ଯେଉଁଭଳି ଭାବରେ ଦେଶରେ ଡାଟାକୁ ଶସ୍ତା କରିଥିଲା, ଠିକ ସେହିପରି ଏବେ କୃତ୍ରିମ ବୁଦ୍ଧିମତ୍ତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)କୁ ମଧ ସାଧାରଣ ଭାରତୀୟଙ୍କ ପାଖରେ ସୁଲଭ ଦରରେ ଉପଲବ୍ଧ କରାଯିବ। ଏଥିସହିତ ସେ କହିଛନ୍ତି ଯେ, 'ଭାରତ ବୁଦ୍ଧିମତ୍ତାକୁ ଭଡାରେ ନେଇପାରିବ ନାହିଁ'ଏବଂ ଜିଓ ଦେଶକୁ ଇଣ୍ଟରନେଟ୍ ଯୁଗ ପରେ ବର୍ତ୍ତମାନ'ଇଣ୍ଟେଲିଜେନ୍ସ ଯୁଗ'ସହିତ ଯୋଡ଼ିବ। ଏହି ଦିଗରେ ଜିଓ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଆଗାମୀ ସାତ ବର୍ଷରେ ୧୦ ଲକ୍ଷ କୋଟି ଟଙ୍କା ନିବେଶ କରିବେ। ଏହି ନିବେଶ ଭାରତରେ ଶକ୍ତିଶାଳୀ ଏଆଇ ଭିତ୍ତିଭୂମି ସୃଷ୍ଟି କରିବା ସହ ଆଗାମୀ ଦଶକଗୁଡିକ ପାଇଁ ଆର୍ଥିକ ଦୃଢ଼ତା ସୁନିଶ୍ଚିତ କରିବାର ଉଦ୍ଦେଶ୍ୟରେ କରାଯିବ ବୋଲି ସେ କହିଛନ୍ତି। କମ୍ପାନୀ ଜାମନଗରରେ ପର୍ଯ୍ୟାୟକ୍ରମେ ମଲ୍ଟି-ଗିଗାୱାଟ୍ ଏଆଇ-ରେଡି ଡାଟା ସେଣ୍ଟର ପାର୍କ ବିକଶିତ କରୁଛି। ୨୦୨୬ ଶେଷ ମଧରେ ୧୨୦ ମେଗାୱାଟ୍ କ୍ଷମତା ଆରମ୍ଭ କରିବାର ଲକ୍ଷ୍ୟ ରହିଛି,ଯାହାକୁ ପରବର୍ତ୍ତୀକାଳରେ ଗିଗାୱାଟ୍ ସ୍ତର ପର୍ଯ୍ୟନ୍ତ ବଢ଼ାଯିବ। ଏହି ସମ୍ପୂର୍ଣ୍ଣ ଭିତ୍ତିଭୂମି ସବୁଜ ଶକ୍ତି (ଗ୍ରିନ୍ ଏନର୍ଜି) ଉପରେ ଆଧାରିତ ହେବ।

## ୧୫ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟାନ କରାଯାଉ: ଫ୍ରାନ୍ସ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୯।୨: ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ବିଶ୍ୱର ଅନେକ ପ୍ରମୁଖ ନେତା ଯୋଗଦେଇଛନ୍ତି। ଏହି ମଞ୍ଚରୁ ଅନେକ ଦେଶର ରାଷ୍ଟ୍ରମୁଖ୍ୟ ଓ ପ୍ରତିନିଧିମାନେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଭବିଷ୍ୟତ ଉପରେ ନିଜର ମତ ରଖିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି ଏବଂ ୧୫ ବର୍ଷରୁ କମ ବୟସର ପିଲାଙ୍କ ପାଇଁ ସୋସିଲ୍ ମିଡ଼ିଆ ବ୍ୟାନ୍ କରିବା ପାଇଁ ଅପିଲ କରିଛନ୍ତି। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬କୁ ସମ୍ବୋଧିତ କରି ଫ୍ରାନ୍ସ ରାଷ୍ଟ୍ରପତି କହିଥିଲେ, ଆପଣଙ୍କ ସୁନ୍ଦର ଦେଶରେ ଆମକୁ ଭବ୍ୟ ସ୍ୱାଗତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବହୁତ ବହୁତ ଧନ୍ୟବାଦ। ଆପଣଙ୍କ ଦ୍ୱାରା ଆୟୋଜିତ ଏହି ଏଆଇ ଇମ୍ପାକ୍ଟ ସମିଟରେ ଉପସ୍ଥିତ ହେବା ବଡ଼ ଖୁସିର କଥା। ଗତ ୧୦ ବର୍ଷ ମଧରେ ଦେଶରେ ବହୁତ କିଛି ପରିବର୍ତ୍ତନ ହୋଇଛି।ମାକ୍ରୋନ୍ କହିଛନ୍ତି ଯେ ଭାରତ ପ୍ରତିବର୍ଷ ଲକ୍ଷ ଲକ୍ଷ ଏଆଇଇ ଇଞ୍ଜିନିୟରଙ୍କୁ ତାଲିମ ଦିଏ। ୫ଲକ୍ଷ ଇଞ୍ଜିନିୟରଙ୍କ ସହିତ, ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଡେଭଲପର କମ୍ୟୁନିଟି ଅଛି। ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାକୁ ଇଣ୍ଡିଆ ଏଆଇ ଶିଖର ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିବେଦନ କରିଥିଲେ। ସେ ଆହ୍ୱାନ ଦେଇ କହିଥିଲେ, ଫ୍ରାନ୍ସ ପୂର୍ବରୁ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇସାରିଛି। ଆମେ ଏହି ପଥ ଆରମ୍ଭ କରିସାରିଛୁ, ଏବଂ ଆମେ ଆଶା କରୁଛୁ ଯେ ପ୍ରଧାନମନ୍ତ୍ରୀ ମୋଦି ମଧ ଏହାକୁ ଅନୁସରଣ କରିବେ।




## ରାହୁଲ ଗାନ୍ଧୀଙ୍କ ସମେତ ୨୫ କଂଗ୍ରେସ ଏମପିଙ୍କୁ ଗୁଳି କରିବାକୁ ଧମକ

ନୂଆଦିଲ୍ଲୀ,୧୯।୨: ରାଜସ୍ଥାନ ପୋଲିସ କୋଟାର ଜଣେ ବ୍ୟକ୍ତିଙ୍କୁ ଅଟକ ରଖିଛି ଯିଏ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ୨୫ ଜଣ କଂଗ୍ରେସ ଏମପିଙ୍କୁ ଗୁଳି କରିବାକୁ ଧମକ ଦେଇ ଏକ ଭିଡିଓ ଅପଲୋଡ କରିଥିଲେ। ପୋଲିସର ସୂଚନା ଅନୁଯାୟୀ, ଭିଡିଓରେ ଥିବା ବ୍ୟକ୍ତି, ଯିଏ ନିଜକୁ ରାଜ ସିଂହ ବୋଲି ପରିଚୟ ଦେଇଥିଲେ, ସେ କରଣୀ ସେନାର ଜଣେ ମୁଖପାତ୍ର ଏବଂ ଲୋକ ସଭାରେ ଏକ ସାମ୍ପ୍ରତିକ ଘଟଣା ସମ୍ପର୍କରେ ମଧ ଧମକ ଦେଇଥିଲେ। ସମ୍ବାଦ ସରବରାହ ସଂସ୍ଥା ପିଟିଆଇ ଅନୁଯାୟୀ, ସେ ଅଭିଯୋଗ କରିଛନ୍ତି ଯେ ସଂସଦର ସଦ୍ୟ ସମାପ୍ତ ବଜେଟ ଅଧିବେଶନର ପ୍ରଥମ ଭାଗରେ ୨୫ ଜଣ କଂଗ୍ରେସ ଏମପିଙ୍କ ଦ୍ୱାରା ଲୋକ ସଭା ବାଚସ୍ପତି ଓମ ବିର୍ଲାଙ୍କ ଉପରେ କରାଯାଇଥିବା ବହୁବାର ଗାଳିଗୁଲଜ ପାଇଁ ଭାଜପା ଏବଂ କରଣୀ ସେନା କର୍ମୀମାନେ କ୍ରୋଧିତ ଥିଲେ। କଥିତ ଭିଡିଓରେ ରାଜ ସିଂହ ଚେତାବନୀ ଦେଇଛନ୍ତି ଯେ ଯଦି ଏପରି ଘଟଣା ପୁଣି ଥରେ ଘଟେ, ତେବେ ସେ ଏମପିମାନଙ୍କ ଘରେ ପଶି ଭଙ୍ଗାରୁଜା କରିବେ। ସେ ସିଧାସଳଖ ରାହୁଲ ଗାନ୍ଧୀଙ୍କୁ ଧମକ ଦେଇ କହିଛନ୍ତି, 'ଯଦି ଏପରି ଘଟଣା ପୁଣି ଥରେ ଘଟେ, ତେବେ ଆମେ ସେହି ଏମପିମାନଙ୍କ ଘରେ ପ୍ରବେଶ କରି ଭଙ୍ଗାରୁଜା କରିବୁ। ମୁଁ ବିଶ୍ୱାସ କରେ ଏହି ଘଟଣା ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶରେ ଘଟିଛି। ରାହୁଲ ଗାନ୍ଧୀ, ଧ୍ୟାନ ଦେଇ ଶୁଣ, ଯଦି ଏପରି ଘଟଣା ପୁଣି ଥରେ ଘଟେ, ତେବେ ଆମେ ତୁମର ଘରେ ପ୍ରବେଶ କରି ତୁମକୁ ଗୁଳି କରିବୁ।' ସେ ଆହୁରି କହିଛନ୍ତି ଯେ ଯଦି ୨୫ ଜଣ ଏମପିଙ୍କୁ ୨୪ ଘଣ୍ଟା ମଧରେ ଗିରଫ କରାନଯାଏ, ତେବେ ଆମେ ସମସ୍ତଙ୍କୁ ଜଣ ଜଣ କରି ଗୁଳି କରିବୁ।

## ୫ ମଇରୁ ସୁପ୍ରିମକୋର୍ଟରେ ନାଗରିକତା ଆଇନ ଉପରେ ଶୁଣାଣି




ନୂଆଦିଲ୍ଲୀ,୧୯/୨: ଗୁରୁବାର ଦିନ ସୁପ୍ରିମକୋର୍ଟ କହିଛନ୍ତି ଯେ ସେ ଚଳିତ ବର୍ଷ ୫ ମଇରୁ ନାଗରିକତା ସଂଶୋଧନ ଆଇନ ଅର୍ଥାତ୍ ସିଏଏ ଏବଂ ନିୟମକୁ ଚ୍ୟାଲେଞ୍ଜ କରୁଥିବା ଆବେଦନଗୁଡ଼ିକର ଶୁଣାଣି ଆରମ୍ଭ କରିବେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିପୁଲ ଏମ୍. ପଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଓକିଲମାନଙ୍କୁ ପଚାରିଥିଲେ ଯେ ସେମାନଙ୍କୁ ସେମାନଙ୍କର ଯୁକ୍ତି ଉପସ୍ଥାପନ କରିବା ପାଇଁ କେତେ ସମୟ ଆବଶ୍ୟକ ହେବ। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି, 'ସିଏଏ ୨୦୧୯କୁ ଚ୍ୟାଲେଞ୍ଜ କରୁଥିବା ଦୁଇ ପ୍ରକାରର ମାମଲା ଅଛି। ଏହି ମାମଲାଗୁଡ଼ିକୁ ଦୁଇଟି ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। ଆସାମ-ତ୍ରିପୁରା ଏବଂ ଦେଶର ବାକି ଅଂଶ। ନିଯୁକ୍ତ ନୋଡାଲ ଓକିଲ ପ୍ରଥମ ଏବଂ ଦ୍ୱିତୀୟ ଗୋଷ୍ଠୀରେ ପଡୁଥିବା ମାମଲାଗୁଡ଼ିକୁ ଚିହ୍ନଟ କରିବେ ଏବଂ ଦୁଇ ସପ୍ତାହ ମଧରେ ରେଜିଷ୍ଟ୍ରିରେ ତାଲିକା ଦାଖଲ କରିବେ।' ତା'ପରେ ରେଜିଷ୍ଟ୍ରି ସେମାନଙ୍କୁ ଦୁଇଟି ବର୍ଗରେ ବିଭକ୍ତ କରିବ ଏବଂ ୫ ମଇ ୨୦୨୬ ରୁ ଆରମ୍ଭ ହେଉଥିବା ସପ୍ତାହରେ ଚୂଡ଼ାନ୍ତ ଶୁଣାଣି ପାଇଁ ସେମାନଙ୍କୁ କ୍ରମାନୁଯାୟୀ ତାଲିକାଭୁକ୍ତ କରାଯିବ। ୫ ମଇର ପ୍ରଥମାର୍ଦ୍ଧରେ ଆବେଦନକାରୀଙ୍କ ଶୁଣାଣି ହେବ, ୬ ମଇରେ ଆବେଦନକାରୀଙ୍କ ଦ୍ୱିତୀୟ ଅଂଶ ଏବଂ ୭ ମଇରେ ଅଧାଦିନ ଯାଏଁ ପ୍ରତିପକ୍ଷଙ୍କ ଯୁକ୍ତି ଏବଂ ୧୨ ମଇରେ ଉତ୍ତର ଦିଆଯିବ।

## ୪୨ ବିଧାୟକଙ୍କୁ ପାଟନା ହାଇକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ,୧୯।୨ : ବିହାର ବିଧାନସଭା ନିର୍ବାଚନରେ ଭୋଟ ଚୋରି ଓ ମିଥ୍ୟା ଶପଥପତ୍ର ଦାଖଲ ମାମଲା ଏବେ ପାଟନା ହାଇକୋର୍ଟରେ ପହଞ୍ଚିଛି। କୋର୍ଟ ୪୨ ଜଣ ନିର୍ବାଚିତ ବିଧାୟକଙ୍କୁ ନୋଟିସ୍ ଜାରି କରି ସେମାନଙ୍କ ଜବାବ ମାଗିଛନ୍ତି। ସମ୍ପୃକ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ପରାଜିତ ପ୍ରାର୍ଥୀମାନେ ପାଟନା ହାଇକୋର୍ଟରେ ନିର୍ବାଚିତ ବିଧାୟକମାନଙ୍କ ବିରୁଦ୍ଧରେ ଏକ ଆବେଦନ ଦାଖଲ କରିଛନ୍ତି। ଆବେଦନରେ ଅଭିଯୋଗ କରାଯାଇଛି ଯେ ନିର୍ବାଚନ ସମୟରେ ଭୋଟ୍ କିଣାଯାଇଥିଲା ଏବଂ ନାମାଙ୍କନ ସମୟରେ ଦାଖଲ ହୋଇଥିବା ଶପଥପତ୍ରରେ ମିଥ୍ୟା ସୂଚନା ଦିଆଯାଇଥିଲା। ଏନଡିଏ ଉପରେ ଭୋଟରଙ୍କୁ ଦଶ ହଜାର ଟଙ୍କା ଦେଇ ଭୋଟ୍ କିଣିବାର ମଧ ଅଭିଯୋଗ ହୋଇଛି । ଆବେଦନରେ ନାମିତ ପ୍ରମୁଖ ନେତାମାନଙ୍କ ମଧ୍ୟରେ ବିଧାନସଭା ବାଚସ୍ପତି ପ୍ରେମ କୁମାର, ଶକ୍ତି ମନ୍ତ୍ରୀ ବିଜେନ୍ଦ୍ର ଯାଦବ, ପୂର୍ବତନ ମନ୍ତ୍ରୀ ଜୀବେଶ ମିଶ୍ର ଓ ବିଧାୟକ ଚେତନ ଆନନ୍ଦ ପ୍ରମୁଖ ଅଛନ୍ତି। ଏହି ମାମଲା ବର୍ତ୍ତମାନ ହାଇକୋର୍ଟରେ ବିଚାରାଧୀନ ଅଛି ଏବଂ ସମସ୍ତ ବିଧାୟକଙ୍କଠାରୁ ଜବାବ ତଲବ କରାଯାଇଛି। ଉଲ୍ଲେଖଯୋଗ୍ୟ, ବିହାର ବିଧାନସଭା ନିର୍ବାଚନର ଫଳାଫଳ ନଭେମ୍ବର ୧୪ତାରିଖ, ୨୦୨୫ରେ ଘୋଷଣା କରାଯାଇଥିଲା। ଏହା ପରେ ନେତାମାନେ ପାଟନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଧାନସଭା ନିର୍ବାଚନରେ ଏନଡିଏର ବଡ଼ ବିଜୟ ହୋଇଥିଲା। ଆରଜେଡି ୨୫ ଆସନରେ ସିମିତ ରହିଥିଲା। କଂଗ୍ରେସକୁ କେବଳ ୬ଟି ଆସନ ମିଳିଥିଲା। ସବୁଠୁ ଅଧିକ ଆସନ ବିଜେପି ଓ ଜେଡିୟୁକୁ ମିଳିଥିଲା। ବିଜେପି ୮୯ ଆସନ ଜିତିଥିବାବେଳେ ଜେଡିୟୁ ୮୫ ଆସନ ଜିତିଥିଲା। ସେହିପରି ଚିରାଗ ପାସୱାନଙ୍କ ଦଳ ୧୯ଟି ଆସନ ଜିତିଥିଲା ଏବଂ ଜିତନରାମ ମାଂଝିଙ୍କ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା ୫ଟି ଆସନ ପାଇଥିଲା।

## ହୁଇଲଚେୟାରରେ ବସିଥିବା ସ୍ୱାମୀଙ୍କ ଆଗରେ ସ୍ତ୍ରୀକୁ ହତ୍ୟା କଲା ପଡ଼ୋଶୀ

ବେଙ୍ଗାଲୁରୁ,୧୯।୨: ବେଙ୍ଗାଲୁରୁ ଉପକଣ୍ଠସ୍ଥ ନେଲାମଙ୍ଗଳାରେ ଜଣେ ୬୯ ବର୍ଷୀୟା ବୃଦ୍ଧ ମହିଳାଙ୍କୁ ତାଙ୍କ ଘରେ ଗଳାକାଟି ହତ୍ୟା କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମହିଳାଙ୍କ ଘରେ ଲୁଟ୍ ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ ଭିଆଇଥିଲେ ତାଙ୍କ ପଡ଼ୋଶୀ। ସେତେବେଳେ ଘରେ ମହିଳାଙ୍କ ଅସୁସ୍ଥ ସ୍ୱାମୀ ହ୍ୱିଲଚେୟାରରେ ବସିଥିଲେ। ଏହି ହତ୍ୟାକାଣ୍ଡ ଘଟଣାର କେଇ ଘଣ୍ଟା ପରେ ହତ୍ୟା ଓ ସୁନା ଅଳଙ୍କାର ଚୋରି କରିବା ଅଭିଯୋଗରେ ଜଣେ ପଡ଼ୋଶୀଙ୍କୁ ପୁଲିସ ଗିରଫ କରିଛି। ମୃତ ମହିଳା ଶୋଭା ବୋଲି ଜଣାପଡ଼ିଛି। ସ୍ୱାମୀଙ୍କର ୧୨ ବର୍ଷ ତଳେ ବ୍ରେନ୍ ଷ୍ଟ୍ରୋକ୍ ଯୋଗୁଁ ସେ ଶଯ୍ୟାଶାୟୀ ହୋଇପଡ଼ିଥିବାବେଳେ ତାଙ୍କର ଦେଖାଶୁଣା କରିବାକୁ ଆଉ କେହି ନଥିଲେ। ଦମ୍ପତିଙ୍କର କେହି ସନ୍ତାନ ନାହାନ୍ତି। ବୁଧବାର ଅଭିଯୁକ୍ତ ଶିବକୁମାର (୩୬) ପାଣି ମାଗିବା ଆଳରେ ଘରେ ପଶିଥିଲା। ମହିଳା ପିନ୍ଧିଥିବା ସୁନା ଅଳଙ୍କାର ଉପରେ ତା'ର ନଜର ଥିଲା। ମହିଳା ଜଣକ ଘରକୁ ଫେରିବା ପରେ ଅପରାହ୍ଣ ୪ଟାରେ ଏହି ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ବୃଦ୍ଧ ମହିଳାଙ୍କ ତଣ୍ଟିକୁ ଚାପି ଧରିବା ସହିତ ଛୁରିରେ ଆକ୍ରମଣ କରିଥିଲା। ମହିଳାଙ୍କୁ ହତ୍ୟା କରି ୧୦୦ ଗ୍ରାମରୁ ଅଧିକ ସୁନା ଅଳଙ୍କାର ନେଇ ଫେରାର୍ ହୋଇଯାଇଥିଲା।

## ଦିଲ୍ଲୀ-ମୁମ୍ବାଇ ସମେତ ଦେଶର ଅନେକ ବିମାନବନ୍ଦରରେ ଚେକ୍ -ଇନ୍ ସିଷ୍ଟମ୍ ଫେଲ୍

ନୂଆଦିଲ୍ଲୀ,୧୯।୨: ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତିକ ବିମାନବନ୍ଦର ସମେତ ଦେଶର ଅନେକ ବିମାନବନ୍ଦରରେ ଗୁରୁବାର ସକାଳେ ହଠତ୍ ଚେକ୍-ଇନ୍ ସିଷ୍ଟମ୍ ଫେଲ୍ ହୋଇଯାଇଥିଲା। ଫଳରେ ଯାତ୍ରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ବିମାନବନ୍ଦରରେ ଅପେକ୍ଷା କରି ରହିବାକୁ ପଡ଼ିଥିଲା । କେତେକ ଯାତ୍ରୀ ବିଳମ୍ବ ଯୋଗୁଁ ସେମାନଙ୍କ ବିମାନ ଧରି ପାରିନଥିବା ଅଭିଯୋଗ ହୋଇଛି। ନାଭିଟେୟାର୍ ସର୍ଭରରେ ବୈଷୟିକ ତ୍ରୁଟି ଯୋଗୁଁ ସମସ୍ୟା ଦେଖାଯାଇଥିଲା। ବିମାନ ସଂରକ୍ଷଣ ଏବଂ ପ୍ରସ୍ଥାନ ନିୟନ୍ତ୍ରଣ କରୁଥିବା ନାଭିଟେୟାର ସମସ୍ୟା ଯୋଗୁ ସକାଳ ୬ଟା ୪୫ ମିନିଟରୁ ୭ଟା ୨୮ ମିନିଟ ଓ ପରେ ସକାଳ ୮ଟା ୧୦ ମିନିଟରୁ ୮ଟା ୨୫ ମିନିଟ୍ ପର୍ଯ୍ୟନ୍ତ ସମସ୍ୟା ରହିଥିଲା।

## ଦକ୍ଷିଣ କୋରିଆ ପୂର୍ବତନ ରାଷ୍ଟ୍ରପତିଙ୍କୁ ଆଜୀବନ କାରାଦଣ୍ଡ



ନୂଆଦିଲ୍ଲୀ,୧୯।୨ : ଦକ୍ଷିଣ କୋରିଆ ରାଜନୀତିରେ ଏକ ଐତିହାସିକ ନିଷ୍ପତ୍ତି ଦେଖିବାକୁ ମିଳିଛି। ଦକ୍ଷିଣ କୋରିଆନ୍ କୋର୍ଟ ପୂର୍ବତନ ରାଷ୍ଟ୍ରପତି ୟୁନ୍ ସୁକ୍-ୟେଓଲଙ୍କୁ ଡିସେମ୍ବର ୨୦୨୪ରେ ଦେଶରେ 'ମାର୍ଶଲ ଲ' ଲାଗୁ କରିବାର ଅସଫଳ ପ୍ରୟାସ କାରଣରୁ ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି । ତାଙ୍କୁ ତାଙ୍କ ସରକାରୀ ବାସଭବନରୁ ଗିରଫ କରାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ସହିତ, ସେ ଦେଶର ପ୍ରଥମ ରାଷ୍ଟ୍ରପତି ହୋଇଛନ୍ତି ଯାହାଙ୍କୁ 'ମାର୍ଶଲ ଲ' ଲାଗୁ କରିବା ପ୍ରୟାସ ପାଇଁ ଦଣ୍ଡିତ କରାଯାଇଛି । ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ୟୁନଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିଲେ, କହିଥିଲେ ଯେ ତାଙ୍କ କାର୍ଯ୍ୟ ଦେଶର ଲୋକତନ୍ତ୍ର ପାଇଁ ଗୁରୁତର ବିପଦ ସୃଷ୍ଟି କରିଛି ଏବଂ ସେ କଠୋର ଶାସ୍ତିର ଯୋଗ୍ୟ, କିନ୍ତୁ ଅଧିକାଂଶ ବିଶ୍ଳେଷକଙ୍କ ମତରେ ଏହା କ୍ଷମତା ଦଖଲ କରିବାର ଏକ ପ୍ରୟାସ ଥିଲା ଏବଂ ଏଥିରେ କୌଣସି କ୍ଷତି ହୋଇନଥିଲା, ତେଣୁ ଆଜୀବନ କାରାଦଣ୍ଡ ଯଥେଷ୍ଟ ଥିଲା । ଉଲ୍ଲେଖଯୋଗ୍ୟ, ୟୁନ ୨୦୨୪ ଡିସେମ୍ବରରେ ଗୋଟିଏ ଟେଲିଭିଜନକୁ ସାକ୍ଷାତକାର ଦେଇ ହଠାତ୍ ମାର୍ଶାଲ ଲ'' ଘୋଷଣା କରିଥିଲେ। ସେଥିରେ ସେ କହିଥିଲେ ଯେ "ରାଷ୍ଟ୍ରବିରୋଧୀ ଶକ୍ତିମାନଙ୍କୁ" ମୂଳରୁ ସମାପ୍ତ କରିବା ପାଇଁ କଠୋର ପଦକ୍ଷେପ ଆବଶ୍ୟକ। ୟୁନ୍ ସୁକ୍-ୟେଓଲଙ୍କ ସ୍ୱଳ୍ପକାଳୀନ ସାମରିକ ଆଇନ ଲାଗୁ କରିବାର ନିଷ୍ପତ୍ତି ବଡ଼ ପ୍ରଶ୍ନ ଉଠାଇଥିଲା।

## ଇରାନ ଆକ୍ରମଣ ପାଇଁ ଆମେରିକାର ସଙ୍କେତ

# ଜଳ, ସ୍ଥଳ, ଆକାଶ ସବୁଠି ପ୍ରସ୍ତୁତି

ନୂଆଦିଲ୍ଲୀ,୧୯।୨: ବିଶ୍ୱ ଯୁଦ୍ଧର ଆଶଙ୍କା ମଧରେ ସବୁଠାରୁ ବଡ଼ ଖବର । ଇରାନର ପରମାଣୁ କେନ୍ଦ୍ର ଉପରେ ହୋଇପାରେ ଭୟଙ୍କର ଆକ୍ରମଣ । ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ଇରାନକୁ ଘେରିବା ପାଇଁ ରଣନୀତି ପ୍ରସ୍ତୁତ ହୋଇସାରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏନେଇ ସମ୍ପୂର୍ଣ୍ଣ ସୂଚନା ଦିଆଯାଇଥିବା ବେଳେ, କୁହାଯାଉଛି ଶନିବାର ଦିନ ଇରାନ୍ ଉପରେ ଆମେରିକା ଆକ୍ରମଣ କରିପାରେ। ଇରାନ ବିରୋଧରେ ଏକ ବଡ଼ ଧରଣର ସାମରିକ ଅଭିଯାନ ପାଇଁ ସଜବାଜ ହେଉଛନ୍ତି ଟ୍ରମ୍ପଙ୍କ ସେନା । ବିଶେଷ କରି ଇରାନର ପରମାଣୁ ପ୍ରକଳ୍ପଗୁଡ଼ିକୁ ଧ୍ୱଂସ କରିବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ଚର୍ଚ୍ଚା ହେଉଛି। ରିପୋର୍ଟ ଅନୁଯାୟୀ, ଆମେରିକାର ଗୁଇନ୍ଦା ବିଭାଗ ଓ ସାମରିକ ରଣନୀତିକାରମାନେ ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି ସମ୍ଭାବ୍ୟ ଆକ୍ରମଣ ସମ୍ପର୍କରେ ଅବଗତ କରାଇଛନ୍ତି। ଜଳ, ସ୍ଥଳ ଏବଂ ଆକାଶ ତିନି ମାର୍ଗରୁ ଇରାନ ଉପରେ ବୋମା ବର୍ଷଣ କରିବାକୁ ଆମେରିକାର ଯୋଜନା । ଇରାନର ପରମାଣୁ କେନ୍ଦ୍ର ଏବଂ ଗୁପ୍ତ ପରମାଣୁ ବଙ୍କରଗୁଡ଼ିକୁ ଲକ୍ଷ୍ୟ ରଖାଯାଇଛି। ଅପରେସନରେ ଇସ୍ରାଏଲର ପ୍ରତ୍ୟକ୍ଷ ସହଭାଗିତା ଥିବା ନେଇ ସନ୍ଦେହ କରାଯାଉଛି। ଇରାନର ବାରମ୍ବାର ଧମକ ଏବଂ କ୍ଷେପଣାସ୍ତ୍ର ପରୀକ୍ଷଣ ପରେ ଏହି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି । ଯଦି ଆକ୍ରମଣ ହୁଏ, ତେବେ ଏହା କେବଳ ମଧ୍ୟପ୍ରାଚ୍ୟ ନୁହେଁ ବରଂ ସମଗ୍ର ବିଶ୍ୱର ଅର୍ଥନୀତି ଓ ଶାନ୍ତି ଉପରେ ଗମ୍ଭୀର ପ୍ରଭାବ ପକାଇବ । ଟ୍ରମ୍ପଙ୍କୁ ଦିଆଯାଇଥିବା ଏହି ବ୍ରିଫିଙ୍ଗ୍ ପରେ ସ୍ପଷ୍ଟ ହେଉଛି, ଆଗାମୀ ଦିନରେ ଇରାନ ସରକାର ଏକ ବଡ଼ ବିପଦର ସାମ୍ନା କରିବାକୁ ଯାଉଛନ୍ତି। ବର୍ତ୍ତମାନ ସମୟରେ ସମଗ୍ର ବିଶ୍ୱର ନଜର ୱାଶିଂଟନ ଓ ତେହେରାନ ଉପରେ ରହିଛି।



## ଅଜବ ତାଲିବାନୀ ନିୟମ

# ଆକଟ କରିବାକୁ ପତ୍ନୀଙ୍କୁ ନିର୍ଯାତନା ଦେବାରେ ଅସୁବିଧା ନାହିଁ



ନୂଆଦିଲ୍ଲୀ,୧୯।୨: ଆଫଗାନିସ୍ତାନର ତାଲିବାନ ଶାସକ ନୂଆନୂଆ କଠୋର ନିୟମ ଲାଗୁ କରୁଛନ୍ତି । ପରିବାରରେ ନିଜ ସନ୍ତାନ ଓ ସ୍ତ୍ରୀଙ୍କୁ ଆକଟ କରିବା ଏବଂ ଏଥିପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେବାକୁ ଯଥାର୍ଥ ବୋଲି କୁହାଯାଇଛି । ସେହିପରି ଆଧୁନିକ ଶୈଳୀରେ ପୁରୁଷଙ୍କ କେଶ ଓ ଦାଢ଼ି କାଟୁଥିବା ବାରିକ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଲିବାନୀ ଶାସକ ଦଣ୍ଡିତ କରୁଛନ୍ତି। ଆଫଗାନିସ୍ତାନର ତାଲିବାନ ଶାସକ ନୂଆନୂଆ କଠୋର ନିୟମ ଲାଗୁ କରୁଛନ୍ତି। ପରିବାରରେ ନିଜ ସନ୍ତାନ ଓ ସ୍ତ୍ରୀଙ୍କୁ ଆକଟ କରିବା ଏବଂ ଏଥିପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେବାକୁ ଯଥାର୍ଥ ବୋଲି କୁହାଯାଇଛି । ସେହିପରି ଆଧୁନିକ ଶୈଳୀରେ ପୁରୁଷଙ୍କ କେଶ ଓ ଦାଢ଼ି କାଟୁଥିବା ବାରିକ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଲିବାନୀ ଶାସକ ଦଣ୍ଡିତ କରୁଛନ୍ତି। ମହିଳାଙ୍କ ପ୍ରତି ନିର୍ଯାତନା ବିରୋଧୀ ବିଲକୁ ବଦଳାଇ ତାଲିବାନୀ ଶାସକ ନୂଆ ନିୟମ ଆଣିଛନ୍ତି। ନୂଆ ନିୟମ ଅନୁସାରେ ନିଜ ସନ୍ତାନ ଓ ସ୍ତ୍ରୀଙ୍କୁ ଆକଟ କରିବା ସ୍ୱାମୀଙ୍କ ଅଧିକାର । ଏଥିପାଇଁ ସ୍ତ୍ରୀଙ୍କୁ ନିର୍ଯାତନା ଦେବାରେ କୌଣସି ଅସୁବିଧା ନାହିଁ। କିନ୍ତୁ ସ୍ତ୍ରୀଙ୍କର କୌଣସି ହାଡ଼ ଭାଙ୍ଗିଲେ ସ୍ୱାମୀ ୧୫ ଦିନ ଜେଲ୍ ଯିବେ । ସେହିପରି ସ୍ୱାମୀଙ୍କ ବିନା ଅନୁମତିରେ ସ୍ତ୍ରୀ ନିଜର କୌଣସି ସମ୍ପର୍କୀୟଙ୍କୁ ଭେଟିପାରିବ ନାହିଁ। ଏପରି କଲେ ସ୍ତ୍ରୀଙ୍କୁ ୩ ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ।

## ଦୁଇ ଗଞ୍ଜେଇ ବେପାରୀ ଧରାପଡ଼ିଲେ

ଭୁବନେଶ୍ୱର(ନିପ୍ର): ଦୀର୍ଘଦିନ ହେଲା ଭରତପୁର ଅଂଚଳରେ ଚୋରା ନିଶା କାରବାର କରୁଥିବା ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ବବୁଲୁ ବେହେରା ଓରଫ ଜଗା ଏବଂ ଜିଶାୟ ପ୍ରଧାନ ଓରଫ ବାବୁ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ଗତକାଲି ବିଶ୍ୱସ୍ତ ସୂଚ଼ନା ଆଧାରରେ, ଭରତପୁର ଥାନାର ଏକ ପୋଲିସ ଦଳ ଭରତପୁର ଅଞ୍ଚଳସ୍ଥ ମଳିମା ମନ୍ଦିର ନିକଟରେ ଚ଼ଢାଉ କରି ବବୁଲୁ ବେହେରା ଓରଫ ଜଗା ଏବଂ ଜିଶାୟ ପ୍ରଧାନ ଓରଫ ବାବୁ ନାମକ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ । ତଲାସି ସମୟରେ, ସେମାନଙ୍କ ହେପାଜତରୁ ପ୍ରାୟ ୪.୨୦୦ କିଲୋଗ୍ରାମ ଓଜନର ଚୋରା ଗଞ୍ଜେଇ ଥିବା ଦୁଇଟି ଜରି ବ୍ୟାଗ ଜବତ କରାଯାଇଥିଲା । ଏହା ବ୍ୟତୀତ, ଗଞ୍ଜେଇ ପରିବହନ ପାଇଁ ବ୍ୟବହୃତ ଗୋଟିଏ ସ୍କୁଟର ଓ ଗୋଟିଏ ମୋଟରସାଇକେଲ ମଧ୍ୟ ଜବତ କରାଯାଇଥିଲା । ପଚ଼ରାଉଚ଼ରା ସମୟରେ, ଅଭିଯୁକ୍ତମାନେ ପ୍ରକାଶ କରିଥିଲେ ଯେ ସେମାନେ କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ସଂଗ୍ରହ କରି ବେଆଇନ ବିକ୍ରୟ ଏବଂ ଅନୁଚ଼ିତ ଆର୍ଥିକ ଲାଭ ଉଦ୍ଦେଶ୍ୟରେ କୋଲକାତା ଅଭିମୁଖେ ଚ଼ାଲାଣ କରୁଥିଲେ । ଏନେଇ ଭରତପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ତଦନ୍ତ ସମୟରେ, ଅଭିଯୁକ୍ତ ଦୁହିଙ୍କ ବିରୁଦ୍ଧରେ ଆଇନର ସମ୍ବନ୍ଧିତ ଧାରା ଅନୁଯାୟୀ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ମିଳିଥିବାରୁ, ସମସ୍ତ ଆଇନଗତ ଔପଚ଼ାରିକତା ପୂରଣ କରି ଆଜି ଉଭୟଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି ।

## ଚାକିରି ଦେବାକୁ ଡାକି ଲୁଟ୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ଚାକିରି ଦେବାକୁ ଡାକି ଯୁବକଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟ କରିବା ଅଭିଯୋଗରେ ଶହୀଦନଗର ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଦ୍ୱୟ ହେଲେ ନିଳୟ ପ୍ରଧାନ ଓ ବାଦନ ପ୍ରଧାନ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଗତ ୨୮ ତାରିଖ ସକାଳ ପ୍ରାୟ ୧୦.୦୦ ରୁ ୧୦.୩୦ ମଧ୍ୟରେ, ଅଭିଯୋଗକାରୀ ଆଲୋକ ବେହେରା (୨୫)ଙ୍କୁ ଏକ ସୋସିଆଲ୍ ମିଡିଆ ଡେଟିଂ ଆପ୍ଲିକେସନ୍ ମାଧ୍ୟମରେ ଚ଼ାକିରି ସମ୍ପର୍କିତ ଆଲୋଚ଼ନା ଏବଂ ଲୋକେସନସେୟାର କରିବାର ପ୍ରସ୍ତାବ ଦେଇ ମହର୍ଷି କଲେଜ ଲେନ୍ ନିକଟକୁ ଡାକାଯାଇଥିଲେ । ଘଟଣାସ୍ଥଳରେ ପହଞ୍ଚିବା ପରେ, ଅଭିଯୁକ୍ତମାନେ ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଯାଇ କାଠ ବାଡ଼ିରେ ଆକ୍ରମଣ କରି ତାଙ୍କ ହେପାଜତରୁ ଗୋଟିଏ ମୋବାଇଲ୍ ଫୋନ୍ ଏବଂ ନଗଦ ଟଙ୍କା ୧,୦୦୦/- ଜବରଦସ୍ତି ଛଡ଼ାଇ ନେଇଥିଲେ । ଏହା ସହିତ, ତାଙ୍କ ପରିବାରଠାରୁ ୨,୫୦,୦୦୦/- ଟଙ୍କା ଆଦାୟ କରିବାକୁ ଧମକ ଦେଇ, ଅନ୍ୟଥା ତାଙ୍କ ଫଟୋ ଓ ଭିଡିଓ ସୋସିଆଲ୍ ମିଡିଆରେ ପ୍ରସାର କରି ବଦନାମ କରିବାକୁ ଭୟଭୀତ କରିଥିଲେ । ପରେ, ଅଭିଯୁକ୍ତମାନେ ତାଙ୍କୁ ଜୋରଜବରଦସ୍ତି ଆଇଓନେକ୍ସ ବିଲ୍ଡିଂ ନିକଟରେ ଛାଡ଼ି ଦେଇଥିଲେ । ତଦନ୍ତ ସମୟରେ, ଘଟଣାସ୍ଥଳ ଏବଂ ପାଖାପାଖି ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ ସହିତ କଲ୍ ଡିଟେଲ୍ ରେକର୍ଡ ବିଶ୍ଳେଷଣ କରି ଅଭିଯୁକ୍ତମାନଙ୍କୁ ଚ଼ିହ୍ନଟ କରାଯାଇଥିଲା । ପଚ଼ରାଉଚ଼ରା ସମୟରେ, ଅଭିଯୁକ୍ତମାନେ ଅପରାଧରେ ସେମାନଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ ।ଯାଞ୍ଚ ବେଳେ ସେମାନଙ୍କ ହେପାଜତରୁ ଗୋଟିଏ ମୋବାଇଲ୍ ଫୋନ୍ ସହିତ ଅନ୍ୟାନ୍ୟ ଡିଜିଟାଲ୍ ପ୍ରମାଣ ସଂଗ୍ରହ କରାଯାଇ ଅଧିକ ତଦନ୍ତ ପାଇଁ ସେମାନଙ୍କୁ ଥାନାକୁ ଅଣାଯାଇଥିଲା । ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଆଇନର ସମ୍ବନ୍ଧିତ ଧାରା ଅନୁଯାୟୀ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ମିଳିଥିବାରୁ, ସମସ୍ତ ଆଇନଗତ ଔପଚ଼ାରିକତା ପୂରଣ କରି ଆଜି ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି ।

## ହାଇୱା ଧକ୍କାରେ ବାଇକ ଆରୋହୀ ଗୁରୁତର

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳିକାଟୁ ପୌରାଞ୍ଚଳ ତଥା ୫୯ନଂ ଜାତୀୟ ରାଜପଥର ସିନେମା ହଲ ନିକଟରେ ଗୁରୁବାର ସକାଳେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ବାଇକ ଚାଳକ ଓ ସେଥିରେ ବସିଥିବା ଜଣେ ମହିଳା ଗୁରୁତର ଆହତ ହୋଇଥିବା ଜଣାପଡିଛି । ଆହତ ଦ୍ୱୟ ହେଲେ ବୁଗୁଡ଼ା ଥାନା ବି.କରଡାବାଡ଼ି ଗ୍ରାମର କୁନା ଦୋରା (୪୫) ଓ ପରି ନାୟକ (୬୦) ବୋଲି ଉପଖଣ୍ଡ ଚିକିତ୍ସାଳୟ ସୁତ୍ରରୁ ଜଣାପଡିଛି । ଦୁର୍ଘଟଣା ଘଟାଇଥିବା ବାଲି ବୋଝେଇ ହାଇୱା (ଓଡି ୦୭ ଏଏସ ୧୩୯୯) ଓ କ୍ଷତିଗ୍ରସ୍ତ ହୋଇଥିବା ବାଇକ (ଓଡି ୩୨ ଡି ୩୬୯୧) ଉଭୟ ଗାଡ଼ିକୁ ପୁଲିସ୍ ଜବତକରି ତଦନ୍ତ ଚଳାଇଛି । ସୂଚନା ମୁତାବକ ବୁଗୁଡ଼ା ଥାନା ବି. କରଡ଼ା ବାଡ଼ି ଗ୍ରାମର କୁନା ଓ ସମ୍ପର୍କୀୟ ପରି ବାଇକ ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଆସିକା ପଟରୁ ବାଲି ବୋଝେଇ ଏକ ହାଇୱା ଦ୍ରୁତଗତିରେ ଆସି ପଛ ପଟକୁ ଧକ୍କା ଦେଇଥିଲା । ଫଳରେ ଉଭୟେ ଗୁରୁତର ଆହତ ହୋଇଥିବା ବେଳେ ବାଇକଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ସକାଶେ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ପୁଲିସ ସୁତ୍ରରୁ ଜଣାପଡିଛି । ପ୍ରକାଶ ଥାଉକି, ଋଷିକୁଲ୍ୟା ନଦୀର ନିଲାମ ଓ ନିଲାମ ହୋଇ ନ ଥିବା ବିଭିନ୍ନ ଘାଟରୁ ଦୈନିକ ଶହ ଶହ ବାଲି ବୋଝେଇ ହାଇୱା ଓଭାର ଲୋଡ଼ିଂ କରି ସ୍ଥାନୀୟ ସହରର ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ଅତି ଦ୍ରୁତଗତିରେ ଯିବା ଆସିବା କରୁଥିବା ନିତିଦିନିଆ ଘଟଣା ପାଲଟିଛି । ବହୁ ସମୟରେ ବାଲି ବୋଝେଇ ହାଇୱାଗୁଡ଼ିକର ଆବଶ୍ୟକ କାଗଜପତ୍ର ନଥିଲା ବେଳେ ଓଭରଲୋଡିଂ ସହ ଦିନରାତି ଦ୍ରୁତଗତିରେ ଯିବା ଆସିବା କରୁଥିବା ଦେଖାଯାଇଛି । ଖଣି, ତହସିଲ ଓ ପୁଲିସ୍ ଅଧିକାରୀଙ୍କ ହାବୁଡ଼ରୁ ଖସିଯିବା ପାଇଁ ଦ୍ରୁତଗତିରେ ଯିବା ଆସିବା କରୁଥିବା ବେଳେ ବହୁ ଧନ ଜୀବନ ପ୍ରଭାବିତ ହେଉଥିବା ଦେଖାଯାଇଛି ।

### ପ୍ରେସ୍ କଲୋନୀରେ ଯୁବକଙ୍କୁ ଗୁଳିମାଡ଼ ଘଟଣା

# ମଧୁପାଟଣା ଥାନାରେ ଉତ୍ତେଜନା




କଟକ(ନିପ୍ର): ସ୍ଥାନୀୟ ପ୍ରେସକଲୋନୀରେ ଯୁବକକୁ ଗୁଳି କାଣ୍ଡ ଘଟଣାରେ ଆଜି ମଧୁପାଟଣା ଥାନାରେ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଲୋକ ଏବଂ ମୃତକଙ୍କ ପରିବାର ଥାନାରେ ଥାନା ଅଧିକାରୀଙ୍କୁ ଜବାବ ତଲବ କରିବା ସହ ଅଭିଯୁକ୍ତଙ୍କୁ କାହିଁକି ବର୍ତ୍ତମାନ ସୁଦ୍ଧା ଗିରଫ କରାଯାଇନାହିଁ ବୋଲି ପ୍ରଶ୍ନ କରିଛନ୍ତି । ଅପର ପକ୍ଷରେ ଗୁଳିକାଣ୍ଡକୁ ୩୦ଘଣ୍ଟା ବିତିଯାଇଥିଲେ ମଧ୍ୟ, ଯେଉଁମାନଙ୍କୁ ପୋଲିସ ସନ୍ଦେହରେ ଅଟକ ରଖିଛି, ସେମାନଙ୍କୁ କାହିଁକି କୋର୍ଟ ଚାଲାଣ କରାଯାଇନାହିଁ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅପର ପକ୍ଷରେ ସୌମ୍ୟରଂଜନଙ୍କ ମର ଶରୀରକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିବାବେଳେ ଶେଷଯାତ୍ରାରେ ଶତାଧିକ ଲୋକ ସାମିଲ ହୋଇଥିବା ପରିଲକ୍ଷିତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ ନୂଆପଡ଼ା ପ୍ରେସ କଲୋନୀରେ କିଛି ସାଂଗ ମିଶି ଭୋଜି କରୁଥିବାବେଳେ ସ୍ପଷ୍ଟ ଦିବାଲୋକରେ କେହି ଦୁର୍ବୃତ୍ତ ଜଣେ ଯୁବକଙ୍କୁ ଗୁଳିମାଡ଼ କରିଥିଲା । ମୃତ ଯୁବକ ହେଲେ ସୌମ୍ୟ ରଂଜନ ଜେନା । ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ । ସୌମ୍ୟ ରଂଜନଙ୍କ ଛାତିରେ ଗୁଳି ବାଜିଥିଲା । ସେ ଭଲ କ୍ରିକେଟ ଖେଳନ୍ତି ଏବଂ ତାଙ୍କର କାହା ସହିତ ଶତ୍ରୁତା ନଥିଲା ବୋଲି ସାଂଗମାନେ କହିଛନ୍ତି । ତେବେ କିଏ ଏବଂ କାହିଁକି ତାଙ୍କୁ ଗୁଳି କଲା ତାହା ସ୍ପଷ୍ଟ ହୋଇନାହିଁ । ପୋଲିସ ତଦନ୍ତ ଜାରି ରଖିଛି । ଆଜି ପରିବାର ଲୋକେ ଥାନା ଆଗରେ ସୌମ୍ୟରଂଜନଙ୍କ ମୃତ ଦେହ ରଖି ଧାରଣା ଦେଇଥିଲେ ।

## ପୂର୍ବ ବିବାଦକୁ ନେଇ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଲକ୍ଷ୍ମୀଧର ପ୍ରଧାନ । ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି । ସୂଚ଼ନାଯୋଗ୍ୟ ଯେ, ଗତକାଲି ଦିନ ପ୍ରାୟ ୪.୦୦ଟା ସମୟରେ, ଅଭିଯୋଗକାରୀ ଜିତେନ୍ଦ୍ର ଦଳାଇ ତାଙ୍କ ଘର ପାଖରେ ଥିବା ଅଭିଯୁକ୍ତଙ୍କ ପାନ ଦୋକାନ ଆଡ଼କୁ ଯାଉଥିବା ବେଳେ, ଅଭିଯୁକ୍ତ ହଠାତ୍ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଗୋଟିଏ ଧାରୁଆ ଅସ୍ତ୍ର (ଖଣ୍ଡା) ସାହାଯ୍ୟରେ ଆକ୍ରମଣ କରିଥିଲେ, ଫଳସ୍ୱରୂପ ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା । ତଦନ୍ତ ସମୟରେ ପ୍ରାଥମିକ ଯାଞ୍ଚରୁ ପୂର୍ବ ଶତ୍ରୁତା କାରଣରୁ ହତ୍ୟା ଉଦ୍ଦେଶ୍ୟରେ ଏହି ଆକ୍ରମଣ ଘଟିଥିବା ଜଣାପଡିଥିଲା । ମିଳିଥିବା ବିଶ୍ୱସ୍ତ ସୂଚ଼ନା ଆଧାରରେ ଚ଼ଢଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ଅପରାଧର ଅସ୍ତ୍ର, ଅର୍ଥାତ୍ ଗୋଟିଏ ଖଣ୍ଡା, ତାଙ୍କ ହେପାଜତରୁ ଜବତ କରାଯାଇଥିଲା । ପ୍ରାଥମିକ ପ୍ରମାଣରୁ ଅପରାଧରେ ଅଭିଯୁକ୍ତଙ୍କ ସମ୍ପୃକ୍ତି ସ୍ପଷ୍ଟ ହୋଇଥିବାରୁ, ସମସ୍ତ ଆଇନଗତ ଔପଚ଼ାରିକତା ପୂରଣ କରି ଆଜି ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚ଼ାଲୁ ରହିଛି ।

## ସରିଲା ପ୍ରଥମ ଦିନର ମାଟ୍ରିକ ପରୀକ୍ଷା



କଟକ(ନିପ୍ର): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ୨୦୨୬ ମାଟ୍ରିକ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି । ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ମାନଙ୍କରେ ବ୍ୟାପକ ପୋଲିସ ନିୟୋଜିତ କରାଯାଇଛି । ଚଳିତ ବର୍ଷ ପରୀକ୍ଷାକୁ ତ୍ରୁଟିଶୂନ୍ୟ ଏବଂ ସ୍ୱଚ୍ଛତା ଓ ନିରପେକ୍ଷ ଭାବରେ ପରିଚାଳନା ପାଇଁ ଉଦ୍ୟମ ଜାରି ରହିଛି । ଚଳିତ ବର୍ଷ ରାଜ୍ୟରେ ୫ଲକ୍ଷ ୬୧ହଜାର ୯୭୯ଜଣ ଛାତ୍ରଛାତ୍ରୀ ୩୦୮୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି । କଟକ ଜିଲ୍ଲାରେ ୩୦ହଜାର ୫୦୨ଜଣ ଛାତ୍ରଛାତ୍ରୀ ୧୫୫ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି । ପରୀକ୍ଷା ପରିଚାଳନା ପାଇଁ ବୋର୍ଡ଼ ପକ୍ଷରୁ ୩୭ଟି ସ୍ୱତନ୍ତ୍ର ସ୍କ୍ୱାର୍ଡ଼ ଗଠନ କରାଯାଇଛି । ପ୍ରତି ସ୍କ୍ୱାର୍ଡ଼ରେ ୨ଜଣ ଲେଖାଏ ସଦସ୍ୟ ରହିଛନ୍ତି । ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରମାନଙ୍କରେ ସିସିଟିଭି ଓ ଏଆଇ କ୍ୟାମେରା ଖଞ୍ଜା ଯାଇଛି । ପରୀକ୍ଷା ସୁପରିଚାଳନା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦରେ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ଏହି କଣ୍ଟ୍ରୋଲ ରୁମରେ ଏଆଇ କ୍ୟାମେରା ମାଧ୍ୟମରେ ପରୀକ୍ଷା ପରିଚାଳନାର ଯାଂଚ କରାଯିବ । କଡ଼ା ସୁରକ୍ଷା ମଧ୍ୟରେ ନୋଡ଼ାଲ କେନ୍ଦ୍ରମାନଙ୍କରୁ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରମାନଙ୍କୁ ପଠାଯାଇଛି । ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପ୍ରବେଶ ସମୟରେ ଛାତ୍ରଛାତ୍ରୀମାନଙ୍କୁ ଯାଂଚ କରାଯାଇ ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇଥିଲା । ପ୍ରଥମ ଦିବସରେ ଦେଢ଼ ଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ଛଡ଼ା ଯାଇଛି । ସକାଳ ୯ଟା ରୁ ପରୀକ୍ଷା ଆରମ୍ଭ ହୋଇ ୧୧.୩୦ ମିନିଟ ପର୍ଯ୍ୟନ୍ତ ଚାଲିଥିଲା । ପ୍ରଥମ ଦିନ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି ।

## ହୀରା କାନଫୁଲ ଚୋରିକରି ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ଦମ୍ପତିଙ୍କ ଠାରୁ ହୀରା କାନଫୁଲ ଚୋରି କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ସୁନିଲ କୁମାର ନାୟକ । ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଏନେଇ ବିଜୟଲାଲ ବିଶ୍ୱାଳ(୬୫) ଥାନାରେ ଅଭିଯୋଗ କରିଥିଲେ । ସୂଚ଼ନାଯୋଗ୍ୟ ଯେ, ଗତ ଡିସେମ୍ବର ୫ ତାରିଖ ରାତ୍ରି ପ୍ରାୟ ୦୮.୦୦ ସମୟରେ, ଅଭିଯୋଗକାରୀ ବିଜୟଲାଲ ତାଙ୍କ ପରିବାର ସଦସ୍ୟମାନଙ୍କ ସହ ଭୁବନେଶ୍ୱର ବିମାନବନ୍ଦରରୁ ସରକାରୀ କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଇଥିବା ଏକ ଇନୋଭା ଗାଡ଼ିରେ ଯାତ୍ରା କରି ଜୟଦେବ ବିହାରର ହୋଟେଲ ପ୍ରିୟାରେ ରାତ୍ରୀଭୋଜନ କରିଥିଲେ । ପରେ ସେମାନେ ଆଇଆରସି ଭିଲେଜରେ ଅବସ୍ଥିତ ତାଙ୍କ ଘରକୁ ଫେରି ଆସିଥିଲେ । ପରେ, ଅଭିଯୋଗକାରୀତାଙ୍କ ବ୍ୟାଗରୁ ଏକ ହୀରା କାନଫୁଲ ଏବଂ ନଗଦ ୧୬,୦୦୦ ଟଙ୍କା ଚୋରୀ ହୋଇଥିବା ଦେଖିଥିଲେ । ଗାଡ଼ିଟି ଡ୍ରାଇଭରଙ୍କ ପାଖରେ ରହିବା ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ବ୍ୟାଗକୁ ଅବାଧରେ ହ୍ୟାଣ୍ଡେଲିଂ କରାଯାଇଥିବାରୁ, ଗାଡ଼ିର ଡ୍ରାଇଭରଙ୍କ ବିରୁଦ୍ଧରେ ସନ୍ଦେହ ସୃଷ୍ଟି ହୋଇଥିଲା । ତଦନ୍ତ ସମୟରେ ନିଶ୍ଚିତ ହୋଇଥିଲା ଯେ ଅଭିଯୁକ୍ତ ସୁନିଲ କୁମାର ନାୟକ ଘଟଣା ଦିନ ଉକ୍ତ ଗାଡ଼ିର ଡ୍ରାଇଭର ଥିଲେ । ନିରନ୍ତର ପ୍ରୟାସ ପରେ, ଅଭିଯୁକ୍ତକୁ ସାଲିଆସାହିର ତାରିଣୀ ନଗର ନିକଟରୁ ଗିରଫ କରାଯାଇଥିଲା । ପଚ଼ରାଉଚ଼ରା ସମୟରେ, ସେ ହୀରା କାନଫୁଲ ଏବଂ ନଗଦ ଟଙ୍କା ଚୋରି କରିଥିବା ସ୍ୱୀକାର କରିଥିଲେ । ତାଙ୍କ ହେପାଜତରୁ ଚୋରି ହୋଇଥିବା ହୀରା କାନଫୁଲ ଉଦ୍ଧାର କରାଯାଇଥିଲା, ଯେତେବେଳେ ଚୋରି ହୋଇଥିବା ଟଙ୍କା ପୂର୍ବରୁ ଖର୍ଚ୍ଚ ହୋଇସାରିଥିବା ଜଣାପଡ଼ିଥିଲା । ଯାଞ୍ଚରୁ ଏହା ମଧ୍ୟ ଜଣାପଡ଼ିଥିଲା ଯେ ସେ ପୂର୍ବରୁ ଶହୀଦନଗର ଥାନାରେ ରୁଜୁ ହୋଇଥିବା ଏକ ଫୌଜଦାରୀ ମାମଲାରେ ସମ୍ପୃକ୍ତ ଥିଲେ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନର ସମ୍ବନ୍ଧିତ ଧାରା ଅନୁଯାୟୀ ପର୍ଯ୍ୟାପ୍ତ ପ୍ରାଥମିକ ପ୍ରମାଣ ମିଳିଥିବାରୁ, ସମସ୍ତ ଆଇନଗତ ଔପଚ଼ାରିକତା ପୂରଣ କରି ଆଜି ତାଙ୍କୁ କୋର୍ଟକୁ ଚ଼ାଲାଣ କରାଯାଇଛି । ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚ଼ାଲୁ ରହିଛି ।

### ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲେ କଟକ ମେୟର

କଟକ(ନିପ୍ର): କଟକ ମେୟର ସୁବାସ ସିଂହ ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟର ଆନ୍ଦୋଳନରତ ଛାତ୍ରୀମାନଙ୍କୁ ନିଜର ପୂର୍ଣ୍ଣ ସମର୍ଥନ ଜଣାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପତ୍ର ଲେଖିଛନ୍ତି । ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ଓଡ଼ିଶାର ସର୍ବପୁରାତନ ମହିଳା କଲେଜର ଆଖ୍ୟା ପାଇଛି । ୨୦୦୬ ଏବଂ ୨୦୧୭ ମସିହାରେ ୟୁଜିସି ନାକ୍ ଟିମ୍ ଦ୍ୱାରା ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟକୁ ଏ ଗ୍ରେଡ଼ ପ୍ରଦାନ କରାଯାଇଥିଲା । ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ଦୀର୍ଘ ୧୧୩ ବର୍ଷ ଧରି ଉତ୍ସର୍ଗୀକୃତ ଭାବେ ନିଜର କାର୍ଯ୍ୟ ସଂପାଦନ କରିଆସୁଅଛି । ଉଚ୍ଚଶିକ୍ଷା ପ୍ରତି ଏହି ଅନୁଷ୍ଠାନର ସ୍ଥାୟୀ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ଶୈଳବାଳା ମହାବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱ ବିଦ୍ୟାଳୟ ଭାବରେ ଘୋଷଣା କରିବା ଅର୍ଥାତ ଏହାକୁ "ଏକକ ଐତିହାସିକ ବିଶ୍ୱ ବିଦ୍ୟାଳୟ" ଭାବେ ପ୍ରତିଷ୍ଠା କରିବା ପାଇଁ ମେୟର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ପତ୍ର ଲେଖିଛନ୍ତି । ଶୈଳବାଳା ସ୍ୱୟଂ ଶାସିତ ମହିଳା ମହାବିଦ୍ୟାଳୟ ବିଶ୍ୱ ବିଦ୍ୟାଳୟ ମାନ୍ୟତାକୁ ପରିବର୍ତ୍ତନ ହେବା ଦ୍ୱାରା ବିସ୍ତାରିତ କାର୍ଯ୍ୟକ୍ରମ, ସ୍ୱାୟତ୍ତ ଶାସନ ବର୍ଦ୍ଧିତ ମାନ୍ୟତା ସମ୍ଭାବନା ଏବଂ ବ୍ୟାପକ ବିଷୟ ଗୁଡ଼ିକରେ ଡିଗ୍ରୀ ପ୍ରଦାନ କରିବାର କ୍ଷମତା ସକ୍ଷମ ହେବ । ଏହାଛଡ଼ା ଦ୍ୱିତୀୟ କ୍ୟାମ୍ପସ ପ୍ରଦାନ କରିବା ଦ୍ୱାରା ବର୍ଦ୍ଧିତ ଚାହିଦା ପୂରଣ ହେବ, ଭିଡ଼ ହ୍ରାସ ହେବ ଏବଂ ଉପେକ୍ଷିତ ସଂପ୍ରଦାୟ ପାଇଁ ଅତ୍ୟାଧୁନିକ ସୁବିଧା, ଗବେଷଣାକେନ୍ଦ୍ର ଏବଂ ଅନ୍ତର୍ଭୁକ୍ତ ଶିକ୍ଷା ସୁବିଧା ଯୋଗାଇ ଦିଆଯାଇପାରିବ ବୋଲି ମେୟର ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଦାବି କରିଛନ୍ତି ।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ନିରାକାରପୁର(ନିପ୍ର): ରାଜ୍ୟର ଅଗ୍ରଣୀ ମହାବିଦ୍ୟାଳୟ କ୍ଷେତ୍ରବାସୀ ଡିଏଭି କଲେଜ୍‌ରେ ଆଠଦିନ ବ୍ୟାପି ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଆୟୋଜନରେ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇଥିବା ପ୍ରଶିକ୍ଷଣ ଶିବିରରେ ମହାବିଦ୍ୟାଳୟର ଯୁକ୍ତ ତିନି ପ୍ରଥମ ବର୍ଷର ୧୨୫ଜଣ ଛାତ୍ରୀ ଅଶଂଗ୍ରହଣ ପୂର୍ବକ ପ୍ରଶିକ୍ଷିତ ହୋଇଥିଲେ । ଅଧ୍ୟାପିକା ମୋନାଲିସା ଆଚାର୍ଯ୍ୟଙ୍କ ସଂଯୋଜନା ଓ ସଂଦୀପ ମହାପାତ୍ରଙ୍କ ସହଯୋଗରେ ମାଷ୍ଟର ଟ୍ରେନର ଶୁଭଶ୍ରୀ ଜେନା ପ୍ରତିଦିନ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କଳା କୌଶଳର ତାଲିମ୍ ଦେବାସହ ତଥ୍ୟାତ୍ମକ ଓ ମାନସିକ ପ୍ରସ୍ତୁତିର ମାର୍ଗଦର୍ଶନ ଦେଇ ଆସୁଥିଲେ । ଉଦଯାପନୀ ସମାବେଶରେ ଛାତ୍ରୀମାନେ ଆତ୍ମରକ୍ଷା କଳା କୌଶଳ ପଦର୍ଶନ କରି ଅତିଥିଙ୍କ ଠାରୁ ପ୍ରଶଂସା ପତ୍ର ଗ୍ରହଣ କରିଥିଲେ । ଉଦଯାପନୀ ସମାବେଶରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଧୀରେନ୍ଦ୍ର କୁମାର ରାଉତରାୟ, ଯୁକ୍ତଦୁଇ ଅଧିକାରୀ ପ୍ରଫେସର କାଦମ୍ବିନୀ ସାହୁ, ବରିଷ୍ଠ ଅଧ୍ୟାପକ ଡ, ପ୍ରଭାତ କୁମାର ଦାଶ୍, ପ୍ରଫେସର ଅଞ୍ଜୁଳା ତ୍ରିପାଠୀ ଛାତ୍ରୀ ଓ ଶିବିରାର୍ଥୀ ମାନଙ୍କୁ ସମ୍ବୋଧିତ କରି ଆତ୍ମରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ରହି ସହଯୋଗ କରିଥିଲେ ।

## କୃଷ୍ଣପ୍ରସାଦ ବ୍ଲକ ପରିସରରେ ଖୋଲିଲା ମିଶନ ଶକ୍ତି କାଫେ

କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ଏକ ଦୀପାଞ୍ଚଳ ବ୍ଲକ ଭାବେ ପରିଚିତ । ଉକ୍ତ ବ୍ଲକକୁ ୫୦ କିମି ଦୂରରୁ ହିତାଧିକାରୀ ମାନେ ବିଭିନ୍ନ କାର୍ଯ୍ୟ ନେଇ ଆସିଥାନ୍ତି । ସେଠାରେ ହୋଟେଲର ସୁବିଧା ନଥିବାରୁ ଭୋକ ଉପବାସରେ କାମ ସାରି ସାଥିରେ ଆଣିଥିବା ଚୁଡା ବିସ୍କୁଟ ଖାଇ ହିତାଧିକାରୀ ମାନେ ଫେରିଥାନ୍ତି । ଏ ପରିକି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କର୍ମଚାରୀ ମାନେ ମଧ୍ୟ ଖାଦ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଉକ୍ତ ଅସୁବିଧାର ସମାଧାନ ଆଜି ହୋଇଥିବା ଜଣାପଡିଛି । ବ୍ଲକ ପରିସରରେ ଏକ କାଫେ ଖୋଲିବା ପାଇଁ ବହୁ ଦିନରୁ ପ୍ରସ୍ତାବ ଦିଆଯାଉଥିବା ବେଳେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ସାଂସଦ ଡ଼ଃ ସମ୍ବିତ ପାତ୍ର ଉକ୍ତ କାଫେ ଗୃହକୁ କିଛି ଦିନ ପୂର୍ବରୁ ଉଦଘାଟିତ କରିଥିଲେ । ମିଶନ ଶକ୍ତି ଦ୍ୱାରା ଆୟୋଜିତ ଏହି କାଫେ ଗୁରୁବାର ଠାରୁ କାର୍ଯ୍ୟକାରୀ ହୋଇଅଛି । ବିଡ଼ିଓ ଅମୀୟ କୁମାର ପଣ୍ଡା, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ଚିଲିକା ନୂଆପଡା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ କାଫେର ପ୍ରସ୍ତୁତ ଖାଦ୍ୟକୁ ଖାଇ ତାର ମାନ ପରଖିଥିଲେ । ଗୁରୁବାର ଦିନ କାର୍ଯ୍ୟରତ ସମସ୍ତ କର୍ମଚାରୀ, ବ୍ଲକକୁ ଆସିଥିବା ହିତାଧିକାରୀ ମାନେ ଉକ୍ତ କାଫେର ଉନ୍ନତ ମାନର ଜଳଖିଆ, ମିଲସ ବଜାର ଠାରୁ କମ ଦରରେ ଖାଇ ବେଶ ଆନନ୍ଦ ଅନୁଭବ କରିଥିଲେ । ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିଥିବା ମାଲିକ ଏବଂ ରୋଷେୟା ମାନଙ୍କୁ ଖୁବ ପ୍ରଶଂସା କରିଥିଲେ । କାଫେ ଖୋଲିବା ଦ୍ୱାରା ଖାଦ୍ୟ ଚିନ୍ତା ଦୂର ହୋଇଥିବା ଜଣାଯାଇଛି । ଏଥି ନିମନ୍ତେ ବ୍ରହ୍ମଗିରି ବିଧାୟିକା, ପୁରୀ ସାଂସଦଙ୍କୁ କୃଷ୍ଣପ୍ରସାଦ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି ।

# ବିଜୁ ପଟ୍ଟନାୟକ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ ବାସୁଛି ଦୁର୍ନୀତିର ଗନ୍ଧ !




କୃଷ୍ଣପ୍ରସାଦ(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସିଆଣ୍ଡି ପଞ୍ଚାୟତଠାରେ ଅବସ୍ଥିତ ବିଜୁ ପଟ୍ଟନାୟକ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ବାସୁଛି ଦୁର୍ନୀତିର ଗନ୍ଧ । ତାଲିମ କେନ୍ଦ୍ରର ଅଧ୍ୟକ୍ଷଙ୍କ ମନମାନୀରେ ଚାଲିଛି ଉକ୍ତ ପ୍ରତିଷ୍ଠାନ । ପିଇବା ପାଇଁ ପାଣି ମିଳୁନଥିବା ବିଶେଷ ସୂତ୍ରରୁ ଜଣାପଡିଛି । ମହିଳା ଛାତ୍ରାବାସରେ ଦୀର୍ଘ ଦିନ ଧରି ପିଇବା ପାଣି ଅଚଳ ହେବା ଯୋଗୁ ଛାତ୍ରୀମାନେ ପୁରୁଷ ଛାତ୍ରାବାସକୁ ଯାଇ ପିଇବା ପାଣି ଆଣୁଥିବା ଜଣାଯାଇଛି । ଶୌଚାଳୟ, ପାଇଖାନା କବାଟ ଭାଙ୍ଗି ଯାଇଥିବାରୁ ମରାମତି ପାଇଁ ଅର୍ଥ ଆସିଥିଲା । ମରାମତି ହେବାର ୬ମାସ ନପୂରୁଣୁ ନିମ୍ନ ମାନର କାର୍ଯ୍ୟ ଯୋଗୁଁ କବାଟ ଭାଙ୍ଗି ଝୁଲୁଥିବା ଜଣାଯାଇଛି । ସିଲେଇ ଶିକ୍ଷା ପାଇଁ ଆସିଥିବା ଡ୍ରେସ ମେକିଙ୍ଗ ଟ୍ରେଡ଼ର ଓଭର ଲକ ମେସିନର କାର୍ଯ୍ୟ ଉପରେ ଶିକ୍ଷାର୍ଥୀ ମାନଙ୍କୁ ତାଲିମ ଦିଆଯାଉନଥିବା ଅଭିଯୋଗ ହେଉଛି । ମେସିନ କାର୍ଯ୍ୟକାରୀ ନହେବା ଯୋଗୁଁ ବର୍ତ୍ତମାନ ଅଚଳ ହୋଇ ପଡ଼ିରହିଛି । ନାମ ଲେଖାଇଥିବା ଶିକ୍ଷାର୍ଥୀ ମାନେ ଅନୁପସ୍ଥିତ ରହିଲେ ସେମାନଙ୍କଠାରୁ ଦଣ୍ଡ ବାବଦରେ ଫାଇନ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ଏ ଭଳି ଦୁର୍ନୀତି କାର୍ଯ୍ୟକୁ ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରୁଥିବା ଅଭିଯୋଗରେ ଡ୍ରେସ ମେକିଙ୍ଗ ଟ୍ରେଡ଼ରେ କାର୍ଯ୍ୟ କରୁଥିବା ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା ନିଜେ ସେ ନିଜେ ପ୍ରକାଶ କରିଛନ୍ତି । କାର୍ଯ୍ୟରୁ ନିଲମ୍ବନ ପରେ କାର୍ଯ୍ୟ କରିଥିବା ଦିନର ପ୍ରମାଣ ପତ୍ର ଅଧ୍ୟକ୍ଷଙ୍କୁ ମାଗିବାରେ ଅଧ୍ୟକ୍ଷ ଦେବେ ନାହିଁ ବୋଲି ମନା କରିଥିବା ବହିଷ୍କୃତ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି । ପ୍ରତିଷ୍ଠାନର ବିଭିନ୍ନ ସଚେତନତା କାର୍ଯ୍ୟ ଅଞ୍ଚଳର ବିଭିନ୍ନ ସ୍ଥାନରେ କରାଯାଉଥିବା ବେଳେ ଲୋକଙ୍କୁ ସଚେତନତା କରାଇବା ପାଇଁ କୌଣସି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଦୃଷ୍ଟି ଗୋଚର କରୁନଥିବା ଜଣାଯାଇଛି । ଅଧ୍ୟକ୍ଷଙ୍କ ମନମାନି ଯୋଗୁଁ ଶିକ୍ଷାର୍ଥୀ ମାନଙ୍କର ଶିକ୍ଷାଦାନ ପ୍ରତି ବିମୁଖ ହେଉଥିବା ଜଣାଯାଇଛି । ଏନେଇ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ଦୁଇ ଅଲଟ୍ରାସାଉଣ୍ଡ ସେଣ୍ଟର ଉପରେ ଚଢ଼ାଉ

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ପୌରାଅଞ୍ଚଳ ଅନ୍ତର୍ଗତ ପୁରୁଣା ମେଡିକାଲ ରୋଡ଼ ସନ୍ନିକଟ ଦୁଇଟି ଅଲଟ୍ରା ସାଉଣ୍ଡ ସେଣ୍ଟର ଉପରେ ଷ୍ଟେଟ୍ ଟିମ ସହିତ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଏବଂ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ଜିଲ୍ଲାର ଅନ୍ୟାନ ଅଧିକାରୀ ପ୍ରମୁଖ ଅଚାନକ ମିଳିତ ଭାବେ ଚଢ଼ାଉ କରିଛନ୍ତି । ଗୋଟିଏ ଅଲଟ୍ରାସାଉଣ୍ଡ ସେଣ୍ଟରକୁ ସ୍କ୍ୱାଡ୍ ପକ୍ଷରୁ ବାହାର ପଟୁ ତାଲା ପକାଯାଇ ସିଲ୍ କରାଯାଇଥିବା ବେଳେ କିନ୍ତୁ ଅନ୍ୟଟିକୁ ସରକାରୀ ନିୟମାବଳୀ ମୁତାବକ ବାହାର ପଟୁ ସିଲ୍ କରିବା ବଦଳରେ କେବଳ ଭିତରେ ଥିବା ଅଲଟ୍ରାସାଉଣ୍ଡ ମେସିନକୁ ସିଲକରି ଷ୍ଟେଟ ସ୍କ୍ୱାଡ ଫେରିଯାଇଥିବା ଜଣାପଡିଛି । ସ୍କ୍ୱାଡ ଚଢ଼ାଉ ବେଳେ ଜଣାପଡିଛି ଯେ, ଉଭୟ




ଦୁଇଟି ଯାକ ଅଲଟ୍ରା ସାଉଣ୍ଡ ସେଣ୍ଟରର କୌଣସି କାଗଜ ପତ୍ର ଠିକ ନଥିବା ସ୍କ୍ୱାଡ୍‌ରେ ସାମିଲ ଥିବା ଅଧିକାରୀମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି । ଏଥିମଧ୍ୟରୁ ଗୋଟିଏ ଅଲଟ୍ରାସାଉଣ୍ଡ ସେଣ୍ଟରକୁ ଚଳାଇବା ସହିତ ପ୍ରତିଦିନ ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଉକ୍ତ ଅଲଟ୍ରା ସାଉଣ୍ଡ ସେଣ୍ଟରକୁ ଆସୁଥିବା ଦୂରଦୂରାନ୍ତ ଗରିବ ଅସହାୟ ରୋଗୀମାନଙ୍କୁ ମନଇଚ୍ଛା ବର୍ଷ ବର୍ଷ ଧରି କୋଟି କୋଟି ଟଙ୍କା ଲୁଟି ଚାଲିଛନ୍ତି । ଜିଲ୍ଲା ଚିକିତ୍ସାଧିକାରୀ ମାନଙ୍କ ସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ କେମିତି ଏଭଳି ବେଆଇନ ଅଲଟ୍ରାସାଉଣ୍ଡ ସେଣ୍ଟରଗୁଡିକୁ ସବୁକିଛି ଜାଣିଶୁଣି ମଧ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ତାହା ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ମୁଖ୍ୟ ଆଲୋଚ୍ୟର ବିଷୟ ପାଲଟିଛି ।





ଭୁବନେଶ୍ୱର: ମାଟ୍ରିକ୍ ପରୀକ୍ଷା ଦବା ପାଇଁ ହଲ୍ ଭିତରକୁ ଛାତ୍ରଛାତ୍ରୀମାନେ ଯିବା ସମୟରେ... (ଫଟୋ- ଦିନଲିପି)

# ୧,୧୬୬ ବେନାମୀ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ, ୮୪ ଗିରଫ

ଭୁବନେଶ୍ୱର, ୧୯/୨ : ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ କରାଯାଇଥିବା 'ଅପରେସନ ସାଇବର କବଚ' ଅଭିଯାନ ରାଜ୍ୟବ୍ୟାପୀ ଜୋରଦାର ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନ ସପ୍ତମ ଦିନରେ ପହଞ୍ଚିଥିବା ବେଳେ ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଆଜି ସାଇବର ସେଲ, କ୍ରାଇମବ୍ରାଞ୍ଚ ଏବଂ ସମ୍ବଲପୁର ଜିଲ୍ଲା ପୁଲିସ ଏକ ବଡ଼ ଧରଣର ସାଇବର ଠକେଇକୁ ଧ୍ୱଂସ କରିବାରେ ସଫଳ ହୋଇଛନ୍ତି । ଏହି ଘଟଣାରେ ପୁଲିସ ୩୦୦ରୁ ଅଧିକ ସନ୍ଦେହଜନକ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ସେଥିମଧ୍ୟରୁ ୧୪୦ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୧୧୦କୋଟି ୩୦ଲକ୍ଷରୁ ଅଧିକ ଟଙ୍କା କାରବାର



ହୋଇଥିବା ସମ୍ପର୍କରେ ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏହା ବ୍ୟତୀତ ୫୨ଟି ଆକାଉଣ୍ଟ ଜରିଆରେ ୭୫କୋଟି ୩୬ ଲକ୍ଷ ଟଙ୍କା କାରବାର ହୋଇଥିବା ସମ୍ପର୍କରେ ପୁଲିସ ସୂଚନା ପାଇଛି । ଏହି ଘଟଣାରେ ପୁଲିସ ୨୦ଜଣଙ୍କୁ ଗିରଫ କରିଥିବାବେଳେ ୩୨ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି । ସେହିପରି ରାଉରକେଲା ପୁଲିସ ଜିଲ୍ଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ କ୍ରିକେଟ୍ ବେଟିଂ ସିଣ୍ଡିକେଟ୍କୁ ପୁଲିସ ସଫଳତାର ସହ ଧ୍ୱଂସ କରିଛି । ଟି-୨୦ ବିଶ୍ୱକପ୍ ମ୍ୟାଚ୍କୁ ଆଧାର କରି ଏହି ବେଆଇନ ବେଟିଂ କାରବାର ଚାଲୁଥିବାବେଳେ ପୁଲିସ ଚଢଉ କରି ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ନଗଦ ୩୦.୬୫ଲକ୍ଷ ଟଙ୍କା, ଏକ ମହିନ୍ଦ୍ରା ଥାର୍ ଗାଡ଼ି, ୨ଟି ଲାପଟପ୍ ଏବଂ ୭ଟି ଦାମୀ ମୋବାଇଲ୍ ଫୋନ୍ ଜବତ କରାଯାଇଛି । "ସିଲଭର ଏକ୍ସଚେଞ୍ଜ" ନାମକ ଅନଲାଇନ୍ ଗେମିଂ ଆପ୍ ମାଧ୍ୟମରେ ଅଭିଯୁକ୍ତମାନେ ସାଧାରଣ ଲୋକଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ ଠକୁଥିବା ପ୍ରାଥମିକ ତଦନ୍ତରୁ ପ୍ରକାଶ ପାଇଛି । ସେହିପରି ଭାବେ ଝାରସୁଗୁଡ଼ା ଜିଲ୍ଲା ପୁଲିସ ଏକ ସଂଗଠିତ ସାଇବର ସିଣ୍ଡିକେଟ୍ର ପର୍ଦ୍ଦାଫାସ କରିଛି । ଏହି ମାମଲାରେ ୧୫ଜଣଙ୍କୁ ଗିରଫ କରାଯାଇଥିବାବେଳେ ୮ଜଣଙ୍କୁ ନୋଟିସ୍ ଜାରି କରାଯାଇଛି । ଅଭିଯୁକ୍ତମାନେ ବିଭିନ୍ନ ବ୍ୟକ୍ତିଙ୍କ ନାମରେ 'ମ୍ୟୁଲ୍ ଆକାଉଣ୍ଟ' ଖୋଲି ପ୍ରାୟ ୫ କୋଟି ୨୭ ଲକ୍ଷ ଟଙ୍କାର ବେଆଇନ ଆର୍ଥିକ କାରବାର କରିଥିବା ଜଣାପଡ଼ିଛି । ଏହି ଅଭିଯାନରେ ଅନୁଗୁଳ ଜିଲ୍ଲା ପୁଲିସ ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ସାଇବର ମାମଲା ରୁଜୁ କରି ୧ଜଣଙ୍କୁ ଗିରଫ କରିଛି । ଝାରସୁଗୁଡ଼ା ଜିଲ୍ଲା ପୁଲିସ ୩୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୫ଟି ମାମଲା ଓ ଚେକ୍ ଉଠାଣ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୧୬ଜଣଙ୍କୁ ଗିରଫ କରିଥିବା ସହ ୧ଜଣଙ୍କୁ ଆଇନଗତ ନୋଟିସ୍ ଜାରି କରିଛି ।

### ଥାଇଲାଣ୍ଡରେ ୬ ଓଡ଼ିଆ ଶ୍ରମିକ ଫସିରହିବା ଘଟଣା

## ଉଦ୍ଧାର ପାଇଁ ବୈଦେଶିକ ମନ୍ତ୍ରାଳୟକୁ ଚିଠି



ଭୁବନେଶ୍ୱର ୧୯/୦୨: ଥାଇଲାଣ୍ଡରେ ଓଡ଼ିଆ ଶ୍ରମିକ ଫସି ରହିବା ଘଟଣା । ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି । ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ବୈଦେଶିକ ମନ୍ତ୍ରାଳୟକୁ ଚିଠି ଲେଖି ଅବଗତ କରାଯାଇଛି । ପ୍ରିନ୍ସପାଲ୍ ରେସିଡେଣ୍ଟ କମିଶନର ଓ ଲେବର କମିଶନରଙ୍କ ପକ୍ଷରୁ ଚିଠି ଲେଖାଯାଇଛି । ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ଫେରାଇ ଆଣିବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ଖବରରୁ ପ୍ରକାଶ ଯେ, ରାଜକନିକା ବ୍ଲକ୍ ଜୟନଗର ପଞ୍ଚାୟତ କୁଜିପୁର ଗାଁର ଉମାକାନ୍ତ ସାହୁଙ୍କ ପୁଅ ଯଶୋବନ୍ତ, ନୂଆଗାଁର ରବୀନ୍ଦ୍ର ମଲିକଙ୍କ ପୁଅ ଜୟନ୍ତ, ବରାଡିଆ ପଞ୍ଚାୟତ ଉପୁଲାଇ ଗାଁର ଫକୀର ଚରଣ ରାଉତଙ୍କ ପୁଅ ପ୍ରଶାନ୍ତ, କାଟଣାବଣିଆଁ ପଞ୍ଚାୟତ କାଟଣାବଣିଆ ଗାଁର ହରିହର ବେହେରାଙ୍କ ପୁଅ ହେମନ୍ତ ଓ ଚାନ୍ଦବାଲି ବ୍ଲକ୍ କୌଡିଆପାଳ ଗାଁର ସନାତନ ସାହୁଙ୍କ ପୁଅ ମନୋରଞ୍ଜନ ପରିବାର ପ୍ରତିପୋଷଣ ଲାଗି ୨୦୨୫ ମସିହା ଅଗଷ୍ଟ ମାସରେ ଉତ୍ତରପ୍ରଦେଶ ଗୋରଖପୁର ଅଞ୍ଚଳର ଓମ୍ ପ୍ରକାଶ ଓ ଜୟ ପ୍ରକାଶ ପ୍ଲାଏଉଡ୍ କମ୍ପାନୀରେ କାମ କରାଇବା ଲାଗି ଏହି ଯୁବକମାନଙ୍କୁ ଟୁରିଷ୍ଟ ଭିସାରେ ଥାଇଲାଣ୍ଡର ଚାନ ବୁରୀ ଅଞ୍ଚଳକୁ ନେଇଥିଲେ । ଏହି ଦଲାଲମାନେ ସେମାନଙ୍କୁ ମାସିକ ୨୫ ହଜାର ଟଙ୍କା ଦେବେ ବୋଲି କହିଥିଲେ । ସଂପୃକ୍ତ ଯୁବକମାନେ ସେଠାରେ କାମ କରିଥିଲେ । ୩ ମାସ ସେମାନଙ୍କୁ ଠିକ୍ ଭାବରେ ପାରିଶ୍ରମିକ ମିଳିଥିଲା ।

## ବିବାଦୀୟ ଜେଲର ସସ୍ପେଣ୍ଡ୍

କଟକ, ୧୯।୨: କର୍ତ୍ତବ୍ୟରେ ଅବହେଳା ପାଇଁ ଶେଷରେ କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି ବିବାଦୀୟ ଜେଲର ସନ୍ତୋଷିନୀ ଦାଶ। କଣ୍ଟାବାଞ୍ଜି ଉପକାରାଗାରର ଜେଲର-କମ-ସୁପରିଣ୍ଟେଣ୍ଡେଣ୍ଟ ସନ୍ତୋଷିନୀ ଦାଶଙ୍କୁ ନିଲମ୍ବନ କରାଯାଇଛି। ଚୌଦ୍ୱାରରୁ କଣ୍ଟାବାଞ୍ଜିକୁ ବଦଳି ହୋଇଥିଲେ ହେଁ ସେ କାର୍ଯ୍ୟରେ ଯୋଗ ଦେଇ ନଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଛୁଟିରେ ଥିବା କହିଥିଲେ ମଧ୍ୟ କର୍ତ୍ତବ୍ୟରେ ଅବହେଳା ଓ ଅସଦାଚରଣ ପାଇଁ ଜେଲ୍ ଡିଜି ସୁଶାନ୍ତ ନାଥ ତାଙ୍କୁ ସସ୍ପେଣ୍ଡ୍ କରିଛନ୍ତି। ନିଲମ୍ବନ ସମୟରେ ତାଙ୍କର ମୁଖ୍ୟାଳୟ ସମ୍ବଲପୁର ସର୍କଲ ଜେଲ୍ରେ ରହିବ। ସନ୍ତୋଷିନୀ ଦାଶଙ୍କ ନିଲମ୍ବନ ପୂର୍ବରୁ ଗଣମାଧ୍ୟମ ସହ ଆଲୋଚନା ବେଳେ ଜେଲ୍ ଡିଜି ସୁଶାନ୍ତ ନାଥ ବିଭାଗର ଅନେକ ଅପାରଗତାକୁ ସ୍ୱୀକାର କରିଛନ୍ତି। ଡିଜି କହିଛନ୍ତି ଯେ, ରାଜ୍ୟରେ ଜଣେ ବି ଜେଲ୍ ଅଧିକାରୀ କିମ୍ବା କର୍ମଚାରୀ ପଦକ ପାଇବାକୁ ଯୋଗ୍ୟ ବିବେଚିତ ହେଉନାହାନ୍ତି। ଚଳିତ ବର୍ଷ ପ୍ରାୟ ୩୦ ଜଣ କର୍ମଚାରୀଙ୍କ ବିରୋଧରେ ବିଭିନ୍ନ ମାମଲା ଚାଲିଛି। ଚୌଦ୍ୱାର ଜେଲ୍ରେ ଜଣେ ମହିଳା କଏଦୀଙ୍କ ସୁନା ଚୋରି ହେବା ଓ ତା'ର ରଫାଦଫା ପାଇଁ ୧ ଲକ୍ଷ ୯୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବା ଘଟଣାରେ ଡିଜି କ୍ଷୋଭ ପ୍ରକାଶ କରିଛନ୍ତି। ତତ୍କାଳୀନ ଜେଲ୍ ଅଧୀକ୍ଷକ ରେଜିଷ୍ଟର୍ ତଦାରଖ କରିବାରେ ତ୍ରୁଟି କରିଥିଲେ ଏବଂ ଏହି ଟଙ୍କା କେଉଁ ପାଣ୍ଠିରୁ ଦିଆଗଲା, ସେ ନେଇ ତଦନ୍ତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ■ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର ପ୍ରଧାନ

## ୨ କ୍ଲଷ୍ଟରକୁ ପୃଥକ ସିଟି ଇକୋନୋମିକ ରିଜିଅନରେ ବିକଶିତ ପାଇଁ ଅନୁରୋଧ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୯ ।୨ - ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ କ୍ଲଷ୍ଟର ଏବଂ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟରକୁ ଦୁଇଟି ପୃଥକ 'ସିଟି ଇକୋନୋମିକ ରିଜିୟନ' ଭାବରେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖି ଅନୁରୋଧ କରିଛନ୍ତି । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବିସିପିପିଇଆର) ମଡେଲରେ ଏହି ଇକୋନୋମିକ ରିଜିୟନ ଗଠନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ଚିଠିଣେ ଦର୍ଶାଇଛନ୍ତି ଯେ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଅଞ୍ଚଳରେ ପ୍ରଚୁର ଖଣିଜ ସମ୍ପଦ, ଶିଳ୍ପ ଭିତ୍ତିଭୂମି ରହିଛି । ଏନଆଇଟି ରାଉରକେଲା, ଆଇଆଇଏମ ସମ୍ବଲପୁର, ଭିସୁଟ ବୁର୍ଲା ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭଳି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଯୋଗୁଁ ଏହା ଆଧୁନିକ ଜ୍ଞାନକୌଶଳ, ନବସୃଜନ ଏବଂ ନୂଆ ନୂଆ ଷ୍ଟାର୍ଟଅପ୍ କ୍ଷେତ୍ରରେ 'ନ୍ୟୁ ଏଜ୍ ଇକୋନୋମୀ'ର ଏକ କେନ୍ଦ୍ରବିନ୍ଦୁ ଭାବରେ ସ୍ଥାପିତ କରୁଛି । ଉତ୍ତମ ସଂଯୋଗୀକରଣ ଏବଂ ପ୍ରଚୁର ସମ୍ପଦ ଯୋଗୁଁ ଏହାକୁ ଏକ 'ସିଟି ଇକୋନୋମିକ ରିଜିୟନ' ଭାବେ ଗଢ଼ିବା ପାଇଁ ସବୁ ପ୍ରକାର ଯୋଗ୍ୟତା ରହିଛି । ସଡ଼କ ଓ ରେଳପଥ ସହ ଝାରସୁଗୁଡ଼ା (ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର), ରାଉରକେଲା, ସମ୍ବଲପୁର (ଜମାଦାରପାଲି) ଏବଂ ବରଗଡ଼ (ସଡିଭଟା)ର ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ମଡେଲରେ ଏହି ଦୁଇଟି 'ସିଟି ଇକୋନୋମିକ ରିଜିୟନ' ଗଠନ ପାଇଁ ପ୍ରସ୍ତାବ ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ କ୍ଲଷ୍ଟର ଭୁବନେଶ୍ୱର, ରାୟପୁର, ରାଞ୍ଚିର ୩୦୦ କିମି ପରିଧି ମଧ୍ୟରେ ରହିଛି




## ଜୁନାଗଡ଼ ରୋଡ୍‌ରୁ ହାୱ୍ଡା ଇସ୍ପାତ ଏକ୍ସପ୍ରେସ୍ ଶୁଭାରମ୍ଭ




ଜୁନାଗଡ଼, ୧୯ ।୨: ପଶ୍ଚିମ ଓଡ଼ିଶାରେ ରେଳ ସଂଯୋଗକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ହାୱ୍ଡା-ଟିଟଲାଗଡ଼-ହାଓଡ଼ା ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଏହି ସମ୍ପ୍ରସାରଣ ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲାର ଜନସାଧାରଣଙ୍କ ପାଇଁ ଅଧିକ ଯାତ୍ରୀ ସୁବିଧା, ଉନ୍ନତ ସୁଗମତା ଏବଂ ନୂତନ ସୁଯୋଗ ଆଣିବ। ଏହି ପରିପ୍ରେକ୍ଷୀରେ ଜୁନାଗଡ଼ ରୋଡ୍ ଏବଂ ଟିଟଲାଗଡ଼ ମଧ୍ୟରେ ବିସ୍ତାରିତ ଅଂଶର ଉଦଘାଟନୀ ଟ୍ରେନ୍କୁ ଗୁରୁବାର ଅପରାହ୍ନରେ ଜୁନାଗଡ଼ ରୋଡ୍ ଷ୍ଟେଶନରେ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଲୋକସଭା ଏମ୍‌ପି ମାଳବିକା ଦେବୀ ଯୋଗଦେଇ ପତକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ସମୟରେ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଗରିମା ତିୱାରୀ ପୂର୍ବତନ ଏମପି ଅର୍କ କେଶରୀ ଦେଓ, ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏମ୍‌ପି ଦେବୀ ଜୁନାଗଡ଼ ରୋଡ଼ରୁ ଭବାନୀପାଟଣା ପର୍ଯ୍ୟନ୍ତ ଏହି ଟ୍ରେନ୍‌ରେ ଯାତ୍ରା କରିଥଲେ ।ସମ୍ପ୍ରସାରିତ ଏହି ହାୱ୍ଡା-ଟିଟଲାଗଡ଼ – ଜୁନାଗଡ଼ ରୋଡ ଇସ୍ପାତ ଏକ୍ସପ୍ରେସ ଟିଟଲାଗଡ଼ ଏବଂ ଜୁନାଗଡ଼ ରୋଡ ମଧ୍ୟରେ କେସିଙ୍ଗା, ଲାଞ୍ଜିଗଡ଼ ରୋଡ ଏବଂ ଭବାନୀପାଟଣା ଷ୍ଟେଶନରେ ରହଣି କରିବ। ଟ୍ରେନ୍ ନମ୍ବର ୧୨୮୭୧ (ହାୱ୍ଡା-ଟିଟଲାଗଡ଼ ଏକ୍ସପ୍ରେସ୍) ଏବେ ଜୁନାଗଡ଼ ରୋଡ୍ ପର୍ଯ୍ୟନ୍ତ ଚାଲିବ। ଯାହାକି ୨୧.୦୨.୨୦୨୬ ରୁ ହାୱ୍ଡାରୁ ଆରମ୍ଭ ହେବ। ସେହିପରି ଟ୍ରେନ ନମ୍ବର ୧୨୮୭୨ (ଟିଟଲାଗଡ଼-ହାୱ୍ଡା ଏକ୍ସପ୍ରେସ) ୨୨.୦୨.୨୦୨୬ ରୁ ଜୁନାଗଡ଼ ରୋଡରୁ ଆରମ୍ଭ ହେବ।

## ବାଙ୍ଗଲାଦେଶୀଙ୍କୁ ଚିହ୍ନଟ କରାଯିବା ଦାବି

ଆଠଗଡ଼, ୧୯/୦୨(ନିପ୍ର): ଆଠଗଡ ସହର ତଥା ଆଗପାଖ ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦେଖିବାକୁ ମିଳୁଛି । ସେମାନେ ଏଠାରେ ଆଶ୍ରୟ ନେଇ ବିଭିନ୍ନ ଆପରାଧ ଘଟଣା ସହିତ ସଂପୃକ୍ତ ରହିବା ସହ ବିଭିନ୍ନ ଛୋଟମୋଟର ବ୍ୟବସାୟ କରି ଚଳୁଥିବା ଦେଖିବାକୁ ମିଳୁଛି। ସାଧାରଣରେ ଏମାନେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ବୋଲି ଚର୍ଚ୍ଚା ହେଉଛି। ପ୍ରଶାସନିକ ସ୍ତରରେ ଏହାକୁ ଅଣଦେଖା ନ କରି ସେମାନଙ୍କୁ ଚିହ୍ନଟ କରାଯାଇ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି। ଆଠଗଡ଼ରେ ଏବେ ବହୁ ଅଜଣା ଲୋକଙ୍କ ସଂଖ୍ୟା ବଢ଼ିବା ସହ ବିଭିନ୍ନ ଅପରାଧିକ ଘଟଣା ଦିନକୁ ଦିନ ବଢି ଚାଲିଥିବାରୁ ସାଧାରଣ ଜନତା ନିଜକୁ ଅସୁରକ୍ଷିତ ମଣୁଛନ୍ତି।

## ଘୁଞ୍ଚିଲା ଏଟିଏସ୍ କାର୍ଯ୍ୟକ୍ଷମ ସମୟ ସୀମା

ଭୁବନେଶ୍ୱର, ୧୯।୨: ଗାଡ଼ି ଫିଟ୍‌ନେସ ସାର୍ଟିଫିକେଟ୍ ପାଇଁ ସୀମାନ୍ତ ଜିଲ୍ଲାର ଗାଡ଼ି ମାଲିକ ପଡ଼ୋଶୀ ରାଜ୍ୟକୁ ଧାଇଁବେ । କେନ୍ଦ୍ର ସଡ଼କ ପରିବହନ ରାଜପଥ ମନ୍ତ୍ରାଳୟ ଏଭଳି ନିର୍ଦ୍ଦେଶନାମା ପରେ ବ୍ୟସ୍ତବିବ୍ରତ ହୋଇ ପଡ଼ିଥିଲେ ରାଜ୍ୟବାସୀ । ଏହି ଫିଟ୍‌ନେସ ସାର୍ଟିଫିକେଟ୍ କେଁରେ ସାମୟିକ ଆଶ୍ୱସ୍ତି ମିଳିଛି । ରାଜ୍ୟରେ ନିର୍ମାଣଧୀନ ସ୍ୱୟଂଚାଳିତ ଫିଟ୍‌ନେସ କେନ୍ଦ୍ର (ଏଟିଏସ୍)କୁ କାର୍ଯ୍ୟକ୍ଷମ ପାଇଁ ସମୟ ଅବଧିକୁ ବଢ଼ାଯାଇଛି । ମାନବକୃତ ଫିଟ ପରୀକ୍ଷା ବନ୍ଦ କରାଯିବା ନିଷ୍ପତ୍ତିକୁ ସ୍ଥଗିତ ରଖିବା ପାଇଁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ କେନ୍ଦ୍ର ମନ୍ତ୍ରାଳୟକୁ ଆବେଦନ କରାଯାଇଥିଲା । ଏହି ଅନୁରୋଧକୁ ମନ୍ତ୍ରାଳୟ ଗ୍ରହଣ କରି ପରିବହନ କର୍ତ୍ତୃପକ୍ଷଙ୍କୁ ଚିଠି କରିଛି । ସେଥିରେ ବିଭିନ୍ନ ଆଞ୍ଚଳିକ ପରିବହନ ଅଧିକାରୀ (ଆର୍ଟିଓ) ଅଫିସ ଅଧୀନରେ ଖୋଲିବାକୁ ଥିବା ଏଟିଏସ୍ ପାଇଁ ଭିନ୍ନ ଭିନ୍ନ ସମୟ ସୀମା ଧାର୍ଯ୍ୟ କରାଯାଇଛି । ଭୁବନେଶ୍ୱର ଆର୍ଟିଓ-୨ ସମେତ ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦ୍ରପଡ଼ା, ବୌଦ୍ଧ, କେନ୍ଦୁଝରର



ଏଟିଏସ୍ ଖୋଲିବା ପାଇଁ ମାର୍ଚ୍ଚ ୭ ତାରିଖ ଯାଏ ସମୟ ଦିଆଯାଇଛି । ରାଉରକେଲା, ନୟାଗଡ଼, ସମ୍ବଲପୁର, ନବରଙ୍ଗପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ ସହ କଟକର ଦ୍ୱିତୀୟ ଏଟିଏସ୍ ଆସନ୍ତା ଏପ୍ରିଲ ପହିଲା ସୁଦ୍ଧା କାର୍ଯ୍ୟକ୍ଷମ କରିବାକୁ ପଡ଼ିବ । ଗଞ୍ଜାମ ପାଇଁ ମେ' ପହିଲା ସମୟସୀମା ଥିବା ବେଳେ ବରଗଡ଼, ଅନୁଗୁଳ କୋରାପୁଟ, ଜଗତସିଂହପୁର ପାଇଁ ଜୁନ୍ ପହିଲା ଯାଏ ସମୟ ମିଳିଛି । ନୂଆପଡ଼ା, କଳାହାଣ୍ଡି, ଚଣ୍ଡୀଖୋଲରେ ଆସନ୍ତା ଜୁଲାଇ ପହିଲା ସୁଦ୍ଧା ଏଟିଏସ୍ ଖୋଲିବାକୁ ପଡ଼ିବ ବୋଲି ମନ୍ତ୍ରାଳୟ ସମୟ ଧାର୍ଯ୍ୟ କରିଛି । ମନ୍ତ୍ରାଳୟ ସୂଚନା ମୁତାବକ, ଏହି ସମୟସୀମା ଭିତରେ ଉପରୋକ୍ତ ଆରଟିଓଗୁଡ଼ିକରେ ମାନବକୃତ ଫିଟ୍‌ନେସ୍ ପରୀକ୍ଷା କରାଯାଇ ପାରିବ । ସମୟ ସରିବା ପରେ ସ୍ୱୟଂକ୍ରିୟ ମାଧ୍ୟମରେ ହିଁ ଫିଟ୍‌ନେସ୍ ପରୀକ୍ଷା ବାଧ୍ୟତାମୂଳକ କରାଯାଇଛି । ଏତେ କମ୍ ଅବଧି ଭିତରେ ଏଟିଏସ୍ ନିର୍ମାଣ ସାରିବା ରାଜ୍ୟ ସରକାରଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି ।

## ୧୦ ଦଫା ଦାବି ନେଇ ୨୭ରେ ୨୪ ଘଣ୍ଟିଆ ରେଳରୋକ

ଭଦ୍ରକ, ୧୯।୨(ନିପ୍ର): ଧାମରା ପୋର୍ଟ ଦ୍ୱାରା ପ୍ରଚଳିତ କୋଇଲା ପରିବହନରେ ଭଦ୍ରକ ଜିଲାର ମୂଳ ଅଧିବାସୀଙ୍କୁ ବଞ୍ଚିତ କରିବା ବିରୁଦ୍ଧରେ ଆସନ୍ତା ୨୭ ତାରିଖ ରେଳରୋକ କରାଯିବ ବୋଲି ଗୁରୁବାର ଭଦ୍ରକ ଜିଲା ଟିପ୍ପର (ଡମ୍ପର) ଟ୍ରକ୍ ମାଲିକ ସଂଘ, ବିଶ୍ୱକର୍ମା ଟ୍ରକ୍ ଓନର ଆସୋସିଏସନ୍ ଏବଂ ଭଦ୍ରକ ଜିଲା ବିକାଶ ପରିଷଦ ପକ୍ଷରୁ ଏକ ଜିଲାସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ସୂଚନା ଅନୁସାରେ ଭିତ୍ତିଭୂମି ନିର୍ମାଣ ଓ କର୍ମଯୋଗାଣ ପାଇଁ ଧାମରା ବନ୍ଦର ଏକ କର୍ମବର୍ଦ୍ଧିଷ୍ଣୁ ଦୀର୍ଘ ମିଆଦି ସଂସ୍ଥା। ୨୦୦୭ ମସିହାରେ ଏହି ବନ୍ଦରର ସ୍ଥାପନା ବେଳେ ୭ ଗୋଟି ବ୍ଲକ୍‌ର ବିଭିନ୍ନ ଅଂଚଳ ଏହାର ନିର୍ମାଣ ପାଇଁ ଜମି ଓ ଲୋକବଳ ଦେଇଥିଲେ। ସେତେବେଳେ ଏଲ୍‌ଏଣ୍ଡଟି ଦ୍ୱାରା ପଥର ଯୋଗାଣ କାର୍ଯ୍ୟ କରାଯାଇ ଏହି ବନ୍ଦର ନିର୍ମାଣ ପାଇଁ ଧାମରା ସମୁଦ୍ର ତଟରେ ପ୍ରଥମ କରି ପଥର ପକାଇଥିଲା। କିନ୍ତୁ ସେତେବେଳେ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ମୂଳେ ତତ୍‌କାଳୀନ ଜିଲାପାଳ ଏହି ସଂଘର ବେକାର ଯୁବକଙ୍କୁ ବନ୍ଦର ନିର୍ମାଣ ହେଲେ ସେମାନଙ୍କୁ ପରିବହନ କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ ବୋଲି ସ୍ୱପ୍ନ ଦେଖାଇଥିଲେ। କିନ୍ତୁ ଧାମରା ପୋର୍ଟ ଠାରେ କରାଯାଉଥିବା କୋଇଲା ପରିବହନ ହିଁ ମୁଖ୍ୟତଃ ଗାଡି ମାଲିକମାନଙ୍କ ପାଇଁ ରୋଜଗାରର ଏକ ଉତ୍ସ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଅଂଚଳରୁ ଲୋକମାନଙ୍କୁ ସମୁଦାୟ କାମର ୭୦ ଭାଗ ଦିଆଯାଇଥିବାରୁ ସମଗ୍ର ଜିଲା ଗାଡି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇ ଏବେ କର ବା ମର ଭଳି ଅଭାବନୀୟ ପରିସ୍ଥିତି ଦେଖାଦେଇଛି। ଏ କ୍ଷେତ୍ରରେ ଆଂଚଳିକ ଅର୍ଥନୈତିକ ବୈଷମତା ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ନିମନ୍ତେ ଜିଲା ପ୍ରଶାସନ ନିର୍ବାଚିତ ଜନ ପ୍ରତିନିଧିମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ସଂଘ କହିଛି। ଅନେକ ପରିବହନ ସଂସ୍ଥାକୁ ପ୍ରଶାସନ ଜାଣିଶୁଣି ଯେଉଁଳି କୋଇଲା ପରିବହନ, ନିର୍ମାଣ ସାମଗ୍ରୀ ଯୋଗାଣ ଏବଂ ଅନ୍ୟାନ୍ୟ ସମ୍ବଳର ପୁନଃ ବଣ୍ଟନ ନକଲେ ଏହି ସଂଘ ଆସନ୍ତା ୨୭ ତାରିଖ ଦିନ ପୀରହାଟ ନିକଟରେ ୨୪ ଘଣ୍ଟିଆ ରେଳରୋକ କରି ଆବଶ୍ୟକ ହେଲେ ଆଇନ୍‌କୁ ହାତକୁ ନେଇ ଗିରଫଦାରୀ ଓ ଆତ୍ମଦାହ ସହ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛି।

## ଧାନ କିଣାରେ ବିଭ୍ରାଟ କଲେ କାର୍ଯ୍ୟାନୁଷ୍ଠାନ: ମନମୋହନ



ଭୁବନେଶ୍ୱର, ୧୯/୨(ନିପ୍ର): ଚାଷୀଙ୍କ ପାଖରେ ଯେ ପର୍ଯ୍ୟନ୍ତ ଧାନ ଅଛି ତାହା କିଣାଯିବ, ଧାନ କିଣିବା ଦାୟିତ୍ୱ ସରକାରଙ୍କର, ଚାଷୀର ମନୋବଳ ଭାଙ୍ଗିବ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ । ବିଜେପି ସରକାର ଏହାକୁ ନେଇ ସଙ୍କଳ୍ପବଦ୍ଧ । ବିରୋଧି ବିଜେଡି କଂଗ୍ରେସ କନଫ୍ୟୁଜନ ତିଆରି କରୁଛନ୍ତି । ଲୋକଙ୍କୁ ବୋକା କରିବାକୁ ଚେଷ୍ଟା କରୁଛନ୍ତି । ବିଧାନସଭାରେ ଭୁଲ ତଥ୍ୟ କହି ଲୋକଙ୍କ ଅର୍ଥ ଓ ସମୟ ନଷ୍ଟ କରାଯାଉଛି । ଅମୃତ ହାଣ୍ଡିରେ ବିଶ ପକେଇବାକୁ ଚେଷ୍ଟା କରୁଛନ୍ତି ବିରୋଧୀ । ଧାନ କିଣାରେ ୧୯ ନମ୍ବରରୁ ୨ ନମ୍ବର ପହଞ୍ଚିଛୁ । ଏଗ୍ରିକଲଚର୍ ଟୁଡେ ପକ୍ଷରୁ ଆମକୁ ପୁରସ୍କୃତ କରାଯାଇଛି । ବିରୋଧୀ ଏହାକୁ ହଜମ କରି ପାରୁନାହାଁନ୍ତି । ବିଜେପି ସରକାରଙ୍କ ମନ୍ତ୍ରୀ ବିଧାୟକଙ୍କ ସମେତ ବିଜେପି ବରିଷ୍ଠ ରାଜନେତା ମଣ୍ଡି ବୁଲୁ ସ୍ଥିତି ସମୀକ୍ଷା କରିଛନ୍ତି । ବିଜେପି ସରକାରରେ ନ ଥିବା ସମୟରେ ଧାନର ଅଭାବୀ ବିକ୍ରି ନ ହେବା ସହ ଉଚିତ୍ ମୂଲ୍ୟ, ଚାଷୀର ପ୍ରାପ୍ୟ ପାଇଁ ଦାବି କରିଥିଲୁ । ବିଜେପି ସରକାର ଚାଷୀମାନଙ୍କ ପାଇଁ କାମ କରୁଛନ୍ତି । ବିଜେଡି ଓ କଂଗ୍ରେସର ଲୋକ, ନେତା ଓ ନେତୃତ୍ୱ ଆମ ସଂକଳ୍ପ ପତ୍ର ନେଇକି ପଢନ୍ତୁ । ବିଧାନସଭା ବନ୍ଦ କରିବାକୁ ଅପଚେଷ୍ଟା କରୁଛନ୍ତି ତାହା ବନ୍ଦ କରନ୍ତୁ । ବିଧାନସଭାରେ ଚର୍ଚ୍ଚା ଆଲୋଚନା ହେଉ ତାର ଜବାବ ମୋହନ ସରକାର ଦେବେ । ଯେଉଁ ପ୍ରସଙ୍ଗର କୌଣସି ଆଧାର ନାହିଁ ତାକୁ ଡାଇଲୁଟ କରାଯାଉଛି । ଧାନ ଚାଷ କୃଷକର ସମ୍ମାନର ବିଷୟ । ଇନପୁଟ ସବସିଡି ବଢ଼େଇ ଆମ ସରକାର ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ । ଆମେ ଧାନ କ୍ୱିଣ୍ଟାଲ ପିଛା ୩୧ଶହ ଟଙ୍କା ଦେଇ ଧାନ କିଣୁଛୁ । ଗତ ବର୍ଷ ୨୭ହଜାର କୋଟି ଟଙ୍କାର ଧାନ ଆମେ କିଣିଛୁ । ୨୦୨୫-୨୬ରବି ଖରିପ ଋତୁରେ ପାଖାପାଖି ୬୨ଲକ୍ଷ ମାଟ୍ରିକ ଟନ ଧାନ ଆମେ କିଣିଛୁ । ବିରୋଧୀ ଏହାକୁ ସହି ପାରୁନି । ଆମେ ସ୍ୱଚ୍ଛତାର ସହ ଧାନ ଆମେ କିଣୁଛୁ । ଦରକାର ହେଲେ ଆହୁରି ଟୋକନ ଦିଆଯିବ ।

## ଯୋରନ୍ଦା ପରେ ଦ୍ୱିତୀୟ ମହିମା ଗାଦିର ନାହିଁ ନିଜସ୍ୱ ଜମି

**ଚନ୍ଦକା, ୧୯।୨(ନିପ୍ର):** ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗରେ ରହିଛି ସତ୍ୟ ମହିମା ଆଶ୍ରମ ଆଦ୍ୟ ସିଦ୍ଧ ଗୋବିନ୍ଦ ବାବାଙ୍କ ଗାଦି । ମହିମା ଧର୍ମର ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଥିବା ଏହି ପୀଠରେ ରହିଛି ଗାଦି ମନ୍ଦିର, ବାଲ୍ୟଲୀଳା ମଣ୍ଡପ, ଭଜନ ମଣ୍ଡପ ଓ ଭିକ୍ଷା ମଣ୍ଡପ । ଦୂର ଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଏହି ପୀଠକୁ ଆସୁଛନ୍ତି । ଢେଙ୍କାନାଳ ଜିଲ୍ଲାର ଯୋରନ୍ଦା ଗାଦି ଭଳି ଏଠାକାର ସାଧୁସନ୍ଥ ମହିମା ଧର୍ମର ପଚାର ଓ ପ୍ରସାରରେ ନିଜକୁ ବ୍ରତୀ ରଖିଛନ୍ତି । ତେବେ ସରକାରୀ ଉଦାସୀନତାରୁ ଏହି ପୀଠର ଆବଶ୍ୟକ ବିକାଶ ହୋଇପାରିନାହିଁ । ନିଜସ୍ୱ ଜମି, ସମ୍ପତି ଓ ଆୟ ଉତ୍ସ ନଥିବାରୁ ପୀଠର ପରିଚାଳନା ସ୍ଥାନୀୟ ଲୋକଙ୍କ ସହଯୋଗରେ ହେଉଛି । ଇତିହାସରୁ ଜଣାଯାଏ, ୨ଶହ ବର୍ଷ ତଳେ ସତ୍ୟ ମହିମା ଅଲେଖ ସ୍ୱାମୀ ମହିମା ଧର୍ମର ପ୍ରଚାର ପାଇଁ ଗାଁ ଗାଁ ଘୁରି ବୁଲୁଥିବାବେଳେ ଦାରୁଠେଙ୍ଗରେ ପହଞ୍ଚିଥିଲେ । ତାଙ୍କ ସହ ଥିଲେ ଆଦ୍ୟ ସିଦ୍ଧ ଗୋବିନ୍ଦ ବାବା । ଗୁରୁ ଶିଷ୍ୟ ଦୁହେଁ ଦାରୁଠେଙ୍ଗ ଗାଁ ମୁଣ୍ଡରେ ଅବସ୍ଥାନ କରିଥିଲେ । ଓଡ଼ିଶାରେ ମହିମା ଧର୍ମର ୨ଟି ଗାଦି ରହିଛି । ଗୋଟିଏ ଯୋରନ୍ଦା ଥିବାବେଳେ ଅନ୍ୟଟି ଦାରୁଠେଙ୍ଗରେ । ଏହି ଦ୍ୱିତୀୟ ପୀଠ ଆଦ୍ୟ ସିଦ୍ଧ ବ୍ରହ୍ମଲୀନ ଗୋବିନ୍ଦ ବାବାଙ୍କ ସମୟର । ଗୋବିନ୍ଦ ବାବାଙ୍କ ପରେ ବ୍ରହ୍ମଲୀନ ବିଶ୍ୱନାଥ ବାବା ଓ ତାଙ୍କ ପରେ ବ୍ରହ୍ମଲୀନ ଜୟକୃଷ୍ଣ ବାବା ଅବସ୍ଥାନ କରିଥିଲେ । ତାଙ୍କ ପ୍ରଚେଷ୍ଟାରେ ଏଠାରେ ଗାଦି ମନ୍ଦିର, ଭଜନ ମଣ୍ଡପ, ଧୁନୀ ମନ୍ଦିର, ବାଲ୍ୟଲୀଳା ମଣ୍ଡପ ପ୍ରତିଷ୍ଠା ହୋଇଛି । ଜୟକୃଷ୍ଣ ବାବାଙ୍କ ପରେ ଏବେ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବା ଏହି ପୀଠର ମୁଖ୍ୟ ଅଛନ୍ତି । ତେବେ ଜୟକୃଷ୍ଣ ବାବାଙ୍କ ପ୍ରଦର୍ଶିତ ମାର୍ଗରେ ଏଠାରେ ସମସ୍ତ ନୀତିକାନ୍ତି ହେଉଛି । ଗାଦି ପୀଠରେ ପ୍ରତି ପୂର୍ଣ୍ଣିମାର ପୂର୍ବଦିନ ବା ଚତୁର୍ଦ୍ଦଶୀ ସନ୍ଧ୍ୟାରେ ଅଖଣ୍ଡ ବତୀ ଝାଡ଼ଦୀପ ପ୍ରଜ୍ୱଳନ କରାଯାଏ । ରାତିରେ ଭଜନ ଜଣାଣ ହୁଏ । ପୂର୍ଣ୍ଣିମା ସକାଳେ ବାଲ୍ୟଲୀଳା ଅର୍ପଣ, ସାଧୁ ଭିକ୍ଷା ଏବଂ ସନ୍ଧ୍ୟାରେ ଅଖଣ୍ଡ ଦୀପ ଧରି ମହିମା ଭକ୍ତଗଣ ଗ୍ରାମ ପରିକ୍ରମା କରନ୍ତି ।



Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ